
AA22xA6 ସୁଟିଂ ଆରମ୍ଭ କରିବେ ଦୀପିକା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-61 ◆MONDAY ◆25 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୬୧ ◆ସୋମବାର ◆୨୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଭାରତରେ ସ୍କୁଲ ଫି’ ବିଶ୍ୱରେ ସର୍ବାଧିକ


■ **ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି):** ଭାରତରେ ଶିକ୍ଷା ଖର୍ଚ୍ଚ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଲୋକଙ୍କ ଆୟ ବଢୁ ନ ଥିବାବେଳେ ପିଲାଙ୍କ ପାଠ ପଢ଼ା ଜନିତ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଦିଲ୍ଲୀ ଏବଂ ମୁମ୍ବଇ ଭଳି ସହରରେ ଏହା ଆକାଶ ଛୁଇଁଛି। ଭାରତ ପ୍ରମୁଖ ଘରୋଇ ସ୍କୁଲରେ ଜଣେ ପିଲାଙ୍କୁ ପଢ଼ାଇବା ପାଇଁ ବର୍ଷକୁ ୧୨-୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏଗୁଡିକ ଆଇଭି ଲିଗ୍ ଅଣ୍ଡରଗାର୍ଡ ଟ୍ୟୁସନ କିମ୍ବା ୟୁରୋପର ଇଣ୍ଟରନ୍ୟାସନାଲ ବୋର୍ଡିଂ ସ୍କୁଲ୍ ସହ ଜଡ଼ିତ ରହିଛନ୍ତି। ଭାରତରେ ଘରୋଇ ସ୍କୁଲ୍‌ଗୁଡିକର ଦେୟ ବିଶ୍ୱରେ ସର୍ବାଧିକ ରହିଛି।




ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ସିଙ୍ଗାପୁର, ଦୁବାଇ, ଲଣ୍ଡନ ଏବଂ ନ୍ୟୁୟର୍କ ଭଳି ସହର ଲୋକମାନେ ନିଜ ପିଲାଙ୍କ ପଢ଼ା ଖର୍ଚ୍ଚ ପାଇଁ ଏତିକି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଚିନ୍ତାର ବିଷୟ ଏହି କି ଯେ ଏହି ସବୁ ସହରରେ ଘରୋଇ ଆୟ ଭାରତଠାରୁ ୩-୫ ଗୁଣା ଅଧିକ ରହିଛି। କିନ୍ତୁ ଭାରତରେ ଅନେକ ସମସ୍ୟା ରହିଛି। ଅନ୍ତର୍ଜାତୀୟ ସ୍କୁଲ୍ ଗୁଡିକର ଦେୟ ସାରା ବିଶ୍ୱରେ ଅଧିକ ରହିଛି। କିନ୍ତୁ ଏହା ସ୍ଥାନୀୟ ଆୟ ହିସାବରେ ବଢ଼ି ଚାଲିଛି। ଦୁଃଖର ବିଷୟ ଏହି କି ଯେ ଭାରତରେ ଏହି ଧାରା ହିସାବରେ କିଛି ହେଉନାହିଁ। ଆୟ ବଢ଼ିବା ବଦଳରେ ସବୁ କିଛିର ବ୍ୟୟ ବଢ଼ି ଚାଲିଛି। ଦିଲ୍ଲୀରେ ପରିବାର ହାରାହାରି ବାର୍ଷିକ ଆୟ ୧୨-୧୫ ଲକ୍ଷ ଥିବାବେଳେ ଘରୋଇ ସ୍କୁଲର ଦେୟ ୧୨-୨୦ ଲକ୍ଷ ଟଙ୍କା ରହିଛି। ଗୋଟିଏ ପରିବାର ନିଜ ଆୟର ୮୦ରୁ ୧୩୦ ପ୍ରତିଶତ ଏହି ଦେୟ ଦେବାରେ ଖର୍ଚ୍ଚ କରୁଛନ୍ତି। ▶ପୃଷ୍ଠା-୭

## ପତ୍ନୀଙ୍କୁ ଜିଅନ୍ତା ଜାଳିଥିବା ବ୍ୟକ୍ତିକୁ ଏନ୍‌କାଉଣ୍ଟର

■ **ନୋଏଡା, ୨୪।୮ (ଏଜେନ୍ସି):** ବିବାହରେ ସ୍କର୍ପିଓ ଏସ୍‌ୟୁଭି, ରୟାଲ ଏନ୍‌ଫିଲ୍ଡ ବୁଲେଟ୍, ନଗଦ ଟଙ୍କା, ସୁନା ଗହଣା ମିଳିଲା। ତଥାପି ମନ ଭରିଲାନି। ଆହୁରି ୩୬ ଲକ୍ଷ ଦରକାର। ଅଧିକ ଯୌତୁକ ଦାବି।ରେ ଦୀର୍ଘ ୯ ବର୍ଷ ଧରି ନିର୍ଯାତନା ଚାଲିଲା। ଶେଷରେ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲା ନୃଶଂସ ପତି। ଏଭଳି ଏକ ଜଘନ୍ୟ ଘଟଣା ଘଟିଛି ନୋଏଡ଼ାରେ। ଏହାକୁ ନେଇ ଦେଶବ୍ୟାପୀ କ୍ରୋଧର ବାତାବରଣ ସୃଷ୍ଟି ହୋଇଛି। ଅମାନବୀୟ ଅତ୍ୟାଚାର ଓ ହତ୍ୟା ପାଇଁ ଅନୁତପ୍ତ ନଥିବା ଦୁର୍ଦ୍ଦାନ୍ତ ସ୍ୱାମୀ ଆଜି ପୁଲିସ ଏନକାଉଣ୍ଟରରେ ଆହତ ହୋଇଛି।



ବିପିନ ଭଟି ନାମକ ଏହି ସ୍ୱାମୀ ୯ ବର୍ଷ ତଳେ ନିକ୍କିଙ୍କୁ ବିବାହ କରିଥିଲା। ସେମାନଙ୍କର ଦୁଇ ପୁଅ ଅଛନ୍ତି। ଯୌତୁକରେ ବିପିନକୁ ସ୍କର୍ପିଓ ଏସ୍‌ୟୁଭି, ରୟାଲ ଏନ୍‌ଫିଲ୍ଡ ବୁଲେଟ୍, ନଗଦ ଟଙ୍କା, ସୁନା ଗହଣା ଦିଆଯାଇଥିଲେ ମଧ୍ୟ ସେ ନିକ୍କିଙ୍କୁ ଘରୁ ଆହୁରି ୩୬ ଲକ୍ଷ ଟଙ୍କା ଆଣିବାକୁ ବରାବର ଚାପ ପକାଉଥିଲା। ଏଥିପାଇଁ ସ୍ୱାମୀ ଓ ଶାଶୂ ନିକ୍କିଙ୍କୁ ନିର୍ଯାତନା ଦେଇ ଆସୁଥିଲେ। କିଛିଦିନ ସ୍ୱାମୀ ଓ ଶାଶୂ ନିକ୍କିଙ୍କୁ ଗୋଇଠା, ମୁଥ ମାରିବା ସହ ବାଡ଼େଇଥିଲେ। ତାଙ୍କୁ ଛାଡି ଦେବାକୁ ସେ ଯେତେ ନେହୁରା ହୋଇଥିଲେ ମଧ୍ୟ ସେମାନେ ଶୁଣି ନଥିଲେ। ଏହାପରେ ବିପିନ ପତ୍ନୀଙ୍କ ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲା। ମହିଳାଙ୍କ ଭଉଣୀ କାଞ୍ଚନ ତାଙ୍କୁ ବଞ୍ଚାଇବାକୁ ଓ ଘଟଣାର ଭିଡିଓ ବନାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ମଧ୍ୟ ମା ଓ ପୁଅ ଦୁହେଁ ମିଶି ପିଟିଥିଲେ। ନିକ୍କି ଓ କାଞ୍ଚନ ଦୁଇ ଭଉଣୀ ▶ପୃଷ୍ଠା-୭

### ୨୮ ରେ ନୂଆଁଖାଇ

## ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଲା ନୂଆଁ ଧାନ

■ **ସମ୍ବଲପୁର, ୨୪।୮ (ସମିସ):** ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ ପୀଠରେ ନବାନ୍ନ ଲାଗି ପାଇଁ ରବିବାର ପୂର୍ବାହ୍ଣରେ ମନ୍ଦିରରେ ନୂଆଁ ଧାନ ଆସି ପହଞ୍ଚିଛି। ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ୍ ବଲବସପୁରର ଚାଷୀ ସୁବାସ ବେହେରା ସରିଆ ଧାନ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କୁ ଏହା ଅର୍ପଣ କରିଛନ୍ତି। ଆସନ୍ତା ୨୮ ତାରିଖ (ଗୁରୁବାର) ନିର୍ଦ୍ଧାରିତ ଶୁଭଲଗ୍ନରେ ମା’ ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ।



ବ୍ରହ୍ମପଣ୍ଡିତ ମହାସଭାରେ ଗଣନା ପରେ ୨୮ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ପୂର୍ବାହ୍ଣ ୧୦ଟା ୩୩ ମିନିଟରୁ ୧୦ଟା ୫୫ ମିନିଟ ମଧ୍ୟରେ ଲଗ୍ନ ନିର୍ଣ୍ଣୟ କରାଯାଇଛି। ନୂତନ ଚାଉଳରୁ ନିର୍ମିତ ପିଠାପଣା, କ୍ଷୀରି ଆଦି ମା’ ସମଲେଶ୍ୱରୀଙ୍କଠାରେ ନିର୍ଦ୍ଧାରିତ ଲଗ୍ନରେ ଭୋଗ ଲାଗି ହୋଇଥାଏ। ମନ୍ଦିର ସକାଶେ ପ୍ରଦାନ କରାଯାଇଥିବା ନୂଆଁ ଧାନକୁ ପୂଜକ ପରିବାରର ମହିଳାମାନେ ଖରାରେ ଶୁଖାଇବା ସହ ଭାଜିବା ପରେ କୁଟି ପାରମ୍ପରିକ ପଦ୍ଧତିରେ ଚାଉଳ ପ୍ରସ୍ତୁତ କରିଥା’ନ୍ତି। ଆଜି ନୂଆଁ ଧାନ ପ୍ରଦାନ ସମୟରେ ଶ୍ରୀ ବେହେରାଙ୍କ ଝିଅ ପୂଜାରାଣୀ ଓ ପତ୍ନୀ ପଦ୍ମିନୀ ସାଙ୍ଗରେ ଆସିଥିଲେ।

ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଶ୍ରୀ ରାୟ କହିଛନ୍ତି ଯେ ନୂଆଁଖାଇ ପାଇଁ ସମଲେଶ୍ୱରୀ ମନ୍ଦିରରେ ସମସ୍ତ ପ୍ରସ୍ତୁତି ଚାଲିଥିବା ବେଳେ ଭୋଗ ଲାଗି ପାଇଁ ଆବଶ୍ୟକ ନୂଆଁଧାନ ପହଞ୍ଚି ଯାଇଛି। ବଲବସପୁରର ଚାଷୀ ସୁବାସ ବେହେରା ଗତ ୭ରୁ ୮ବର୍ଷ ହେଲା ଧାନ ଚାଷ କରି ଆଣି ଦେଉଛନ୍ତି। ଧାନ ସହ କୁରେଇ ପତ୍ର ଓ ସାରୁ ଶାଗ ଆଣିଛନ୍ତି। କୁରେଇ ପତ୍ରରେ ଭୋଗ ଲଗାଯାଉଥିବା ବେଳେ ସାରୁପତ୍ର ମା’ଙ୍କଠାରେ ଭୋଗ ଲାଗିଥାଏ। ଏହି ଧାନ ପୂରା ନହୋଇ କ୍ଷୀର ଧରିଥାଏ। ଯେହେତୁ ଦେବୀଙ୍କଠାରେ ଏହା ନୂଆ ଲାଗିହେବ, ତେଣୁ ଏହା କ୍ଷୀର ଧରିଥିବା ବେଳେ ଅମଳ କରାଯାଏ। କାରଣ, ଧାନ ସମ୍ପୂର୍ଣ୍ଣ ପାକଳ ହେଲେ ତାହା ଚଢ଼େଇ, ଚିରିଗୁଣୀ ବା ପଶୁପକ୍ଷୀ ଅଇଁଠା କରିଦେବା ଆଶଙ୍କା ଥିବାରୁ ଅଧା ପାକଳ ଓ ଅଧା କ୍ଷୀର ଧରିଥିବା ଧାନକୁ ଅମଳ କରାଯାଏ। ଧାନ ଘରକୁ ନେଲାପରେ ପରିବାରଲୋକେ ଏହାକୁ ପ୍ରଥମେ ଶୁଖାଇବେ, ନୂଆଁଖାଇ ଦିନ ତାହାର ଛାଲି ଛଡ଼ାଇ ଚୁରିବା ପରେ ଘିଅ, ମହୁ, କ୍ଷୀର ଦେଇ ନୂଆ ଚାଉଳ କରି ମା’ଙ୍କୁ ନବାନ୍ନ ଲାଗି ହେବ।

ଚାଷୀ ଶ୍ରୀ ବେହେରା କହିଛନ୍ତି, ପ୍ରାୟ ୪୦ରୁ ୫୦ ଡେସିମିଲ ଜମିରେ ଆମେ ଏହି ଛୋଟ ଧାନ ସରିଆ ବା ଜୁଇ ଧାନ ଚାଷ କରୁଛୁ। ଏହି ଧାନ ଆଷାଢ଼ର ପ୍ରଥମ ସପ୍ତାହରେ ବୁଣିଥିବା ବେଳେ ମାତ୍ର ୬୦ ଦିନରେ ଅମଳଯୋଗ୍ୟ ହୋଇଥିବାରୁ ଏହାକୁ ଷାଠିଏ ଧାନ ମଧ୍ୟ କୁହାଯାଏ। ଧାନ ପୂରା ପାକଳ ହେବା ପୂର୍ବରୁ ଆମେ ତାକୁ ଅମଳ କରିନେଉ। ସକାଳୁ ଘରେ ପୂଜାର୍ଚ୍ଚନା ପରେ କ୍ଷେତକୁ ଯାଇ ପାରମ୍ପରିକ ରୀତିନୀତି ଅନୁଯାୟୀ କ୍ଷୀର, ଦୀପ, ଧୂପ ଆଦି ଦେଇ ଧାନ କାଟିଥାନ୍ତି ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି। ସମଲେଶ୍ୱରୀ ମନ୍ଦିରରେ ଦେବା ପରେ ଆଖପାଖ ମନ୍ଦିରର ଲୋକେ ଆସି ତାଙ୍କଠାରୁ ନୂଆ ଧାନ ନବାନ୍ନ ସକାଶେ ମଧ୍ୟ ନେଇଥା’ନ୍ତି। ନିଜ ଧାନ ମା’ଙ୍କ ପାଖରେ ଭୋଗ ଲାଗି ହେଉଥିବାରୁ ବହୁତ ଖୁସି ଲାଗୁଛି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶାର ଗାଁଠୁ ସହର ଏବେ ଚଳଚଞ୍ଚଳ। ଘରେ ଘରେ ଲିପାପୋଛା, ସଫାସୁତୁରା ଆଦି କାର୍ଯ୍ୟ ଆରମ୍ଭ ହୋଇସାରିଛି। ଦୂରଦୂରାନ୍ତରୁ ପରିବାରଲୋକେ ଆସି ଘରେ ପହଞ୍ଚିବେ। ସମସ୍ତେ ଏକାଠି ବସି ନୂଆଁ ଖାଇବେ। ଏହା ଏକ ସୌହାର୍ଦ୍ଦ୍ୟ ଓ ଭାଇଚାରାର ପର୍ବ। ନବାନ୍ନ ଭକ୍ଷଣ ପରେ ‘ଜୁହାର୍ ଭେଟ୍’ ପଶ୍ଚିମାଂଚଳର ଏକ ଅନନ୍ୟ ପରମ୍ପରା।

### ୪୮ ଘଣ୍ଟାରେ ଲଘୁଚାପ

# ବଡ଼ ବନ୍ୟା ଆଶଙ୍କା

## ଉତ୍ତର ଓଡ଼ିଶାରେ ଫୁଲୁଛି ସବୁ ନଦୀ

■ **ଭୁବନେଶ୍ୱର, ୨୪।୮ (ସମିସ):** ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପଟି ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବାରୁ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୫-୨୮ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ବିଶେଷକରି ୨୫ ଓ ୨୬ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ସୋମବାର କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ▶ପୃଷ୍ଠା-୭

**ମହାନଦୀରେ ବଢ଼ି ଚାଲିଛି ଜଳସ୍ତର**

**୨୮ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

## ଆଉ ୪ ଗେଟ୍ ଖୋଲିଲା ହୀରାକୁଦ

■ **ସମ୍ବଲପୁର, ୨୪।୮ (ସମିସ):** ହୀରାକୁଦ ଜଳଭଣ୍ଡାର ଆଜି ଆଉ ୪ଟି ଗେଟ୍ ଖୋଲିଛି। ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଗତକାଲି ୮ଟି ଗେଟ୍ ଖୋଲାଯାଇଥିଲା। ଫଳରେ, ଏବେ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ନଦୀବନ୍ଧର ବାମପାର୍ଶ୍ୱରେ ୮ଟି ଓ ଡାହାଣ ପାର୍ଶ୍ୱର ୪ଟି ଗେଟ୍ ଖୋଲା ରହିଛି। ଆଜି ଅପରାହ୍ଣ ପ୍ରାୟ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୯ ଫୁଟ୍ ରହିଛି।



**୧୨ ଗେଟ୍‌ରେ ଜଳ ନିଷ୍କାସନ**

**ଜଳସ୍ତର ୬୨୧.୭୩ ଫୁଟ୍**

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୨୫,୮୯୦ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୮୯,୬୧୨ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୩,୦୨୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ୍, କେନାଲ ପାଇଁ ୩,୦୩୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡ ବେଲଗାଁଠାରେ ୧୩,୬୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୪,୪୦୮ ଘନଫୁଟ, ଖଇରମାଲଠାରେ ୨,୫୯,୫୦୦ ଘନଫୁଟ୍, ବାରମୁଲଠାରେ ୧,୩୭,୫୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୧,୩୨,୬୦୨ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

### କାର୍ଯ୍ୟକାରୀ ପରିଷଦ ବୈଠକରେ ସରକାରଙ୍କୁ ସଂଘର ଖୋଲା ଆହ୍ୱାନ

## ଆନ୍ଦୋଳନରୁ ହଟିବେନି ରାଜସ୍ୱ ଅମଲା

■ **ଭୁବନେଶ୍ୱର, ୨୪।୮ (ସମିସ):** ନିଜ ଜିଦ୍‌ରେ ଅଟଳ ରହିବା ସହ ଜାରି ରହିଥିବା ଆନ୍ଦୋଳନକୁ ବଳବତ୍ତର ରଖିବା ପାଇଁ ରାଜସ୍ୱ ଅମଲା ସଂଘ ନିଷ୍ପତ୍ତି ନେଇଛି। ରାଜସ୍ୱମନ୍ତ୍ରୀ ନିକଟରେ ସଂଘ ବିଜେଡି ଦ୍ୱାରା ପରିଚାଳିତ ହେଉଥିବା ଅଭିଯୋଗ ଆଣିବା ସହ ଆନ୍ଦୋଳନରୁ ନ ହଟିଲେ ବଡ଼ ଅସ୍ତ୍ର ପ୍ରୟୋଗ କରିବେ ବୋଲି କହିଥିଲେ। ମନ୍ତ୍ରୀଙ୍କ ଏହି ବିବୃତ୍ତି ପରେ ରବିବାର ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ ବସିଥିଲା। ଭର୍ଚ୍ଚୁଆଲ୍ ମୋଡ୍‌ରେ ଏହି ବୈଠକ ବସିଥିଲା। ବୈଠକରେ ମନ୍ତ୍ରୀଙ୍କ ଧମକରେ ଡରି ନ ଯାଇ ଆନ୍ଦୋଳନକୁ ଜାରି ରଖିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ଯେ ପର୍ଯ୍ୟନ୍ତ ସରକାର ସଂଘର କର୍ମକର୍ତ୍ତାଙ୍କୁ ଆଲୋଚନା ପାଇଁ ଡାକି ନାହାନ୍ତି ଓ କୌଣସି ଔପଚାରିକ ନିଷ୍ପତ୍ତି ନେଇ ନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାର ପ୍ରଶ୍ନ ଉଠୁନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘକୁ ସରକାର ଆଲୋଚନା ପାଇଁ ଡାକିଲେ ସର୍ବଦା ସଂଘ ସ୍ୱାଗତ କରିବ। ମାତ୍ର କୌଣସି ପ୍ରକାର ଚେତାବନୀ ଓ ଧମକ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ପରୋକ୍ଷରେ ସଂଘ ପକ୍ଷରୁ କୁହାଯାଇଛି।

ସୂଚନା ଥାଉ କି ରାଜ୍ୟ ରାଜସ୍ୱ ଅମଲା ସଂଘ ପକ୍ଷରୁ ଜାରି ରହିଥିବା ସମୂହ ଛୁଟି ଆନ୍ଦୋଳନ ଡକରା ଯୋଗୁଁ ବର୍ତ୍ତମାନ ସମସ୍ତ ରାଜସ୍ୱ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏହି ଆନ୍ଦୋଳନକୁ ୧୪ ଦିନି ବିତିଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ସଂଘ ସହ ଆଲୋଚନା କରିବା ଦୂରର କଥା ପରୋକ୍ଷରେ ସେମାନଙ୍କୁ ଡରାଇବା ପାଇଁ ସରକାର ଉଦ୍ୟମ କରୁଥିବା ଦେଖାଯାଉଛି। ପ୍ରଥମେ ମନ୍ତ୍ରୀ ଦରମା ବନ୍ଦ ଧମକ ଦେବା ସହ ପରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ। ଶନିବାର ଆଉ ପାଦେ ଆଗକୁ ଯାଇ ସଂଘକୁ ବିଜେଡି ପରିଚାଳିତ କରୁଥିବା କହିବା ସହ ସେମାନେ କେଉଁ କେଉଁ ନେତାଙ୍କ ପାଖକୁ ଯାଉଛନ୍ତି, ସେ ରିପୋର୍ଟ ମଧ୍ୟ ମୋ ପାଖରେ ଅଛି ବୋଲି କହିଥିଲେ। ଏହାସହିତ ସଂଘ ଆନ୍ଦୋଳନରୁ ନ ହଟିଲେ ରାଜସ୍ୱ ବିଭାଗ ପାଖରେ ବହୁ ଅସ୍ତ୍ର ଅଛି। ଏହି ଅସ୍ତ୍ରକୁ ସେମାନେ ସମ୍ଭାଳି ପାରିବେ ନାହିଁ ବୋଲି ଚେତାବନୀ ଦେଇଥିଲେ।

## ମାରିଜୁଆନା ପ୍ରେମରେ ଯୁବପିଢ଼ି

### ଭୁବନେଶ୍ୱର ବିମାନବନ୍ଦରରେ ଢିଲା ସୁରକ୍ଷା ପାଇଁ ବଢୁଛି ଚାଲାଣ

■ **ଭୁବନେଶ୍ୱର, ୨୪।୮ (ସମିସ):** ମାରିଜୁଆନା ପ୍ରେମରେ ପଡ଼ିଛନ୍ତି ଯୁବପିଢ଼ି। ଡ୍ରଗ୍ସ, ଓଡ଼ିଶା ଗଞ୍ଜେଇ ପରେ ସେମାନେ ମାରିଜୁଆନା (ବିଦେଶୀ ଡ୍ରଗ୍ସ)କୁ ଅଧିକ ମାତ୍ରାରେ ପସନ୍ଦ କରୁଛନ୍ତି। ଏଠାର ଯୁବପିଢ଼ିର ଅଧିକ ଚାହିଦା ଥିବାରୁ ବିଦେଶରୁ ମାରିଜୁଆନା ଭୁବନେଶ୍ୱରକୁ ଅଧିକ ମାତ୍ରାରେ ଚାଲାଣ କରାଯାଉଛି। ବିଶେଷ କରି ଥାଇଲାଣ୍ଡ ଏବଂ ମାଲେସିଆରୁ ଏହି ମାରିଜୁଆନା ଭୁବନେଶ୍ୱରକୁ ଆସୁଛି। ଓଡ଼ିଶାରେ ଥିବା ଦଲାଲ ଏହାକୁ ବସ୍ ଯୋଗେ ଅନ୍ୟ ରାଜ୍ୟକୁ ଚାଲାଣ କରୁଛନ୍ତି।



**୬ ମାସରେ ୮୦ କୋଟିର ମାରିଜୁଆନା ଜବତ ହେଲାଣି**

**ଓଡ଼ିଶାରେ ପହଞ୍ଚିବା ପରେ ବସ୍‌ରେ ଅନ୍ୟ ରାଜ୍ୟକୁ ଚାଲାଣ**

**ଇଞ୍ଜିନିୟରିଂ, ଆଇଟି ଛାତ୍ର ଏବଂ ବଡ଼ କ୍ଲବ୍‌କୁ ଯାଉଛି**

**ଦୁବାଇରେ ବସି ରାକେଟ୍ ଚଳାଉଛି ମାଷ୍ଟରମାଇଣ୍ଡ**

କଷ୍ଟମ ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ ଭୁବନେଶ୍ୱର ବିମାନ ବନ୍ଦରରେ ଯାଞ୍ଚ ବ୍ୟବସ୍ଥା ଏତେ କଡ଼ାକଡ଼ି ନଥିବାରୁ ନିଶା ମାଫିଆମାନେ ଭୁବନେଶ୍ୱର ବିମାନ ବନ୍ଦରକୁ ଟାର୍ଗେଟ କରୁଛନ୍ତି। ଯେଉଁଥିପାଇଁ ସେମାନେ କୋଟି କୋଟି ଟଙ୍କାର ମାରିଜୁଆନାକୁ ଚକ୍‌ଲେଟ ଜରି ଏବଂ ଅନ୍ୟ ପ୍ୟାକେଟ୍ ଭିତରେ ପୂରାଇ ଆଣୁଛନ୍ତି। ଏକାଧିକ ବ୍ୟକ୍ତି ଖସି ଯାଉଥିବା ବେଳେ କିଛି ହାତ ଗଣତି ବ୍ୟକ୍ତି ଧରାପଡୁଛନ୍ତି। ଯାହା ଧରାପଡୁଛି ଗୁଇନ୍ଦା ସୂତ୍ର ଆଧାରରେ ଧରାପଡୁଛି। ନହେଲେ ଅଧିକ ଚାଲାଣକାରୀ ଖସି ଯାଉଛନ୍ତି। ଯେଉଁମାନେ ଧରାପଡୁଛନ୍ତି ସେମାନେ କେବଳ ଚାଲାଣକାରୀ ବା ଏଜେଣ୍ଟ। ଏହା ପଛରେ ଜଣେ ମାଷ୍ଟରମାଇଣ୍ଡ ରହିଛି। ଦୁବାଇରେ ରହି ଫୋନ୍ ମାଧ୍ୟମରେ ସେ ▶ପୃଷ୍ଠା-୭

### ମୃତ୍ୟୁ ବି ଏମିତି ଆସେ...

## ଖେଳୁଖେଳୁ ଚାଲିଗଲା ଜୀବନ

■ **ଦେବଗଡ଼, ୨୪।୮ (ସମିସ):** ଏମିତି ବି ଆସେ ମୃତ୍ୟୁ। ଖେଳୁଖେଳୁ ପଡ଼ିଆ ମଝିରେ ଚାଲିଗଲା ଜୀବନ। ଦେବଗଡ଼ ଜିଲ୍ଲା ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ପୌରାଞ୍ଚଳର ୨ ନମ୍ବର ୱାର୍ଡ ଭୂୟାଁ ସାହିର ପ୍ରକାଶ ନାଏକ (୩୩)। ଦେବଗଡ଼ ଥାନା ପୁଲିସ ପ୍ରକାଶଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ଶୋକରେ ଭିଜିଲା କାଉନସିଲର କପ୍ ଫୁଟ୍‌ବଲ୍**

**ପଡ଼ିଆରେ ନଥିଲା ଡାକ୍ତରୀ ଟିମ୍ କି ଆମ୍ବୁଲାନ୍ସ**

**ଚିକିତ୍ସାରେ ବିଳମ୍ବ ଯୋଗୁଁ ମୃତ୍ୟୁ ଅଭିଯୋଗ**



ସୂଚନାନୁଯାୟୀ, ଦେବଗଡ଼ ପୌର ପରିଷଦ ପକ୍ଷରୁ ଜିଲ୍ଲା କ୍ରୀଡ଼ା ସଂସଦ ସହଯୋଗରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଗତ ୨୧ ତାରିଖରୁ କାଉନସିଲର କପ୍ ଫୁଟବଲ ପ୍ରତିଯୋଗିତା ଚାଲିଛି। ଏଥିରେ ଆଜି ୱାର୍ଡ ନଂ ୨ ଏବଂ ୱାର୍ଡ ନଂ ୭ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ଚାଲିଥିବା ବେଳେ ପ୍ରକାଶ ହଠାତ ପଡ଼ିଆ ମଧ୍ୟରେ ଟଳି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରତିଯୋଗିତା ଆୟୋଜନ ପୂର୍ବରୁ ପଡ଼ିଆରେ ଡାକ୍ତରୀ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇବା ପାଇଁ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ସୂଚନା ଦିଆଯାଇଥିଲା। ହେଲେ ପଡ଼ିଆରେ ଡାକ୍ତର କି ଆମ୍ବୁଲାନ୍ସ ପହଞ୍ଚି ନଥିଲା। ଫଳରେ ଗୁରୁତର ପ୍ରକାଶଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ସହରଠାରୁ ୬ କିମି ଦୂର ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ▶ପୃଷ୍ଠା-୭

# ରୁଷ ଆଣବିକ କେନ୍ଦ୍ରରେ ୟୁକ୍ରେନର ଆକ୍ରମଣ

କିଭ୍,୨୪।୮(ଏଜେନ୍ସି): ୟୁକ୍ରେନ ତ'ର ସ୍ୱାଧୀନତା ଦିବସରେ ରୁଷିଆ ଉପରେ ଡ୍ରୋନ ଆକ୍ରମଣ କରି ରୁଷିଆର ଆଣବିକ କେନ୍ଦ୍ରରେ କ୍ଷତି ପହଞ୍ଚାଇବାକୁ ପ୍ରୟାସ କରିଛି। ରବିବାର ୟୁକ୍ରେନ ତା'ର ୩୪ତମ ସ୍ୱାଧୀନତା ଦିବସ ପାଳନ କରିଛି। ରୁଷିଆର ପଶ୍ଚିମ କୁରସ୍କ ଅଞ୍ଚଳରେ ଥିବା ଆଣିବକ କେନ୍ଦ୍ର ଉପରେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିଛି। ରୁଷିଆ ଅଧିକାରୀମାନେ ଏ ନେଇ ସୂଚନା ଦେଇଛନ୍ତି। ରାତିରେ ଆଣବିକ କେନ୍ଦ୍ରର କେତୋଟି ବିଜୁଳି ଓ ଶକ୍ତି ଉତ୍ପାଦନ କେନ୍ଦ୍ରକୁ ଲକ୍ଷ୍ୟ କରି ଏହି ଡ୍ରୋନ ଆକ୍ରମଣ କରାଯାଇଥିଲା ବୋଲି ରୁଷିଆ କହିଛି। ଅବଶ୍ୟ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଏହି ଆକ୍ରମଣରେ ଏକ ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ତେବେ ଆଣବିକ ବିକିରଣ ସାଧାରଣସ୍ତରରେ ରହିଛି ବୋଲି କୁହାଯାଇଛି। ଅବଶ୍ୟ ଏହି ଡ୍ରୋନ ଆକ୍ରମଣ ନେଇ ୟୁକ୍ରେନ ତରଫରୁ କିଛି ପ୍ରତିକ୍ରିୟା ଦିଆଯାଇନାହିଁ। ରବିବାର ୟୁକ୍ରେନର ୯୫ଟି ଡ୍ରୋନ୍‌କୁ ନିଷ୍କ୍ରିୟ କରାଯାଇଛି ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ତେବେ ଏହି ଡ୍ରୋନଗୁଡିକରୁ ୪୮ ଟି ଅକାମୀ ହୋଇଛି ବୋଲି ୟୁକ୍ରେନ କହିଛି।

# ଅଶ୍ଳୀଳ ଫଟୋ-ଭିଡିଓ ବନ୍ଦ କରିବ ସ୍ମାର୍ଟଫୋନ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ବିଶ୍ୱର ପ୍ରଥମ ଆଣ୍ଟି-ନ୍ୟୁଡ କଣ୍ଟେଣ୍ଟ ସ୍ମାର୍ଟଫୋନ ଲଞ୍ଚ ହୋଇଛି। ଫିନ୍‌ଲାଣ୍ଡର ଟେକ୍ କମ୍ପାନୀ ଏଚଏମ୍‌ଡି ଗ୍ଲୋବାଲ ଏହି ଫୋନ୍ ଆଣିଛି। ନୂଆ ସ୍ମାର୍ଟଫୋନ 'ଫ୍ୟୁଜ'ରେ ଏହି ବ୍ୟବସ୍ଥା ରହିଛି। ଅଶ୍ଳୀଳ ଫଟୋ ଏବଂ ଭିଡିଓ ଆଦିକୁ ବନ୍ଦ କରୁଥିବା ଏହା ବିଶ୍ୱର ପ୍ରଥମ ଫୋନ୍ ବୋଲି କମ୍ପାନୀ ଦାବି କରିଛି। ଏଥିପାଇଁ ଫୋନ୍‌ରେ ବ୍ରିଟିଶ ସାଇବର ସିକ୍ୟୁରିଟି କମ୍ପାନୀ 'ସେଫ୍ ଟୁ ନେଟ୍'ର ଏଆଇ ମଡେଲ 'ହାର୍ମବ୍ଲକ ଏଆଇ'କୁ ଇନ୍‌ଷ୍ଟଲ କରାଯାଇଛି। ଏହି ଫୋନ ଅଶ୍ଳୀଳ ବିଷୟବସ୍ତୁ ରେକର୍ଡ କରିବାକୁ ଏବଂ କାହାକୁ ପଠାଇବାକୁ ଦେବ ନାହିଁ। ଫୋନ୍‌ରେ ଅଶ୍ଳୀଳ ଫଟୋ ଏବଂ ଭିଡିଓ ମଧ୍ୟ ସେଭ୍ କରି ରଖିହେବ ନାହିଁ। ଲାଇଭ ଷ୍ଟ୍ରିମିଂ ସମୟରେ ସମସ୍ତ ଆପତ୍ତିଜନକ ବିଷୟବସ୍ତୁକୁ ଏହା ତୁରନ୍ତ ବ୍ଲକ କରିଦେବ। ଶିଶୁମାନଙ୍କ ମଧ୍ୟରେ ଅଶ୍ଳୀଳତା ବୃଦ୍ଧି ପାଉଥିବାବେଳେ ଏହି ଫୋନ୍ ସେମାନଙ୍କୁ ଦୂରେଇ ରଖିବ। ଅଭିଭାବକଙ୍କ ଚିନ୍ତା ମଧ୍ୟ ଦୂର କରିବାରେ ବେଶ୍ ସହାୟକ ହେବ।

# ଅନିଶ ଦୟାଲ ଡେପୁଟି ଏନ୍‌ଏସ୍‌ଏ ନିଯୁକ୍ତ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ସିଆରପିଏଫ ଏବଂ ଆଇଟିବିପିର ପୂର୍ବତନ ମହାନିର୍ଦ୍ଦେଶକ ଅନିଶ ଦୟାଲ ସିଂହ ନୂଆ ଡେପୁଟି ନ୍ୟାସନାଲ ସିକ୍ୟୁରିଟି ଆଡଭାଇଜର (ଏନ୍‌ଏସଏ) ନିଯୁକ୍ତ ହୋଇଛନ୍ତି। ସେ ଆଭ୍ୟନ୍ତରୀଣ ବ୍ୟାପାର ମାମଲା ବୁଝିବେ ବୋଲି ସରକାରୀ ସୂତ୍ରରୁ ସୂଚନା ମିଳିଛି। ୧୯୮୮ ବ୍ୟାଚ୍‌ର ମଣିପୁର କ୍ୟାଡର ଆଇପିଏସ ଅଧିକାରୀ ଶ୍ରୀ ଅନିଶ ଗତ ଡିସେମ୍ବରରେ ଅବସର ଗ୍ରହଣ କରିଥିଲେ। ଆଇଟିବିପି, ସିଆରପିଏଫର ନେତୃତ୍ୱ ନେବା ପୂର୍ବରୁ ସେ ୩୦ ବର୍ଷ ପର୍ଯ୍ୟନ୍ତ ଗୁଇନ୍ଦା ବ୍ୟୁରୋ (ଆଇବି)ରେ ଉଲ୍ଲେଖନୀୟ ସେବା ଦେଇଥିଲେ। ଅଧିକାରୀଙ୍କ ସୂଚନା ଅନୁଯାୟୀ ଡେପୁଟି ଏନଏସଏ ଭାବେ ସେ ଜମ୍ମୁ-କଶ୍ମୀର, ମାଓବାଦୀ, ଉତ୍ତରପୂର୍ବ ଭାରତରେ ଲାଗିରହିଥିବା ବିଦ୍ରୋହ ସହିତ ଭାରତୀୟ ଆଭ୍ୟନ୍ତରୀଣ ମାମଲାରେ ବୁଝିବେ।

# ଜର୍ମାନୀଠାରୁ ୬ ବୁଡ଼ାଜାହାଜ କିଣିବ ଭାରତ

ନୂଆଦିଲ୍ଲୀ,୨୪।୮(ଏଜେନ୍ସି): ବାୟୁସେନା ଓ ନୌସେନାର ଶକ୍ତି ତଥା ଦକ୍ଷତା ବୃଦ୍ଧି କରିବାକୁ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ସରକାର ଦୁଇଟି ଚୁକ୍ତି କରିବାକୁ ପ୍ରସ୍ତୁତି କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ମଝଗାଓଁ ଡକ୍ ସିପ୍ ବିଲ୍ଡର୍ସ ଲିମିଟେଡ ମଧ୍ୟରେ ଜର୍ମାନୀଠାରୁ ୬ଟି ବୁଡା ଜାହାଜ କିଣିବା ନେଇ ପ୍ରଥମ ଚୁକ୍ତି ହୋଇଛି। ଭାରତ ସରକାର 'ପ୍ରୋଜେକ୍ଟ ୭୫ ଇଣ୍ଡିଆ' ଅନୁସାରେ ଜର୍ମାନୀର ସହାୟତାରେ ଭାରତରେ ନିର୍ମାଣ ହେବାକୁ ଥିବା ଏହି ବୁଡାଜାହାଜଗୁଡିକୁ କ୍ରୟ ପାଇଁ ଆଲୋଚନାକୁ ମଞ୍ଜୁରି ଦେଇଛି। ୭୦ ହଜାର କୋଟି ଟଙ୍କାରେ ଏହି ଚୁକ୍ତି ହେବ। ସେହିପରି ଭାରତ ସରକାର ଇସ୍ରାଏଲଠାରୁ ଆକାଶରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ରାମ୍ପେଜ ମିସାଇଲ କ୍ରୟ କରିବ। ପାଷ୍ଟ-ଟ୍ରାକ ପ୍ରକ୍ରିୟା ଅନୁସାରେ ଖୁବଶୀଘ୍ର ଏହି ନେଇ ନିର୍ଦ୍ଦେଶ ଦିଆଯିବ ବୋଲି କୁହାଯାଇଛି।

# ଶିବ୍‌କୁମାରଙ୍କ ପରେ କଂଗ୍ରେସ ବିଧାୟକ ଗାଇଲେ ଆରଏସ୍‌ଏସ୍ ଗୀତ

ବେଙ୍ଗାଲୁରୁ, ୨୪।୮(ଏଜେନ୍ସି): କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବ୍‌କୁମାରଙ୍କ ପରେ ଆଉ ଜଣେ କଂଗ୍ରେସ ବିଧାୟକ ଆରଏସ୍‌ଏସ୍‌ର ଗୀତ ଗାନ କରିଛନ୍ତି। ତୁମ୍‌କୁର ଜିଲ୍ଲାର କୁନିଗଲ ବିଧାୟକ ଏଚ୍‌ଡି ରଙ୍ଗନାଥ ରବିବାର ସାମ୍ବାଦିକଙ୍କ ସହ କଥା ହେଉଥିବା ବେଳେ 'ନମସ୍ତେ ସଦାବତ୍ସଲେ ମାତୃଭୂମି' ଗାନ କରିଥିଲେ। ବିଧାନସଭାରେ ଶିବ୍‌କୁମରା ଗାନ କରିବା ପରେ ଏହି ଗୀତ ପ୍ରଥମଥର ପାଇଁ ଶୁଣିଥିଲି। ଏହା ମୋତେ ଭଲ ଲାଗିଥିଲା। ଆମ ପାର୍ଟି ଧର୍ମନିରପେକ୍ଷ ହୋଇଥିବା ବେଳେ ଅନ୍ୟମାନଙ୍କଠାରେ ଥିବା ଭଲ କଥା ଶିକ୍ଷା କରିବାରେ କୌଣସି ଅସୁବିଧା ନାହିଁ ବୋଲି ରଙ୍ଗନାଥ କହିଛନ୍ତି। ପୂର୍ବରୁ ଶିବ୍‌କୁମାର ଅଗଷ୍ଟ ୨୧ରେ ବିଧାନସଭାରେ ଏହି ଗୀତ ଗାନ କରି ଚର୍ଚ୍ଚା ସୃଷ୍ଟି କରିଥିଲେ।





# ପ୍ରବଳ ବର୍ଷାରେ ଜମ୍ମୁ, ରାଜସ୍ଥାନ ବେହାଲ

- ରାଜସ୍ଥାନ ବୁନ୍ଦିରେ ପଶିଲା ଚମ୍ବଲ ପାଣି
- ଜମ୍ମୁ ଆଇଆଇଏମ୍ କ୍ୟାମ୍ପସ୍‌ରେ ପାଣି
- ଫସି ରହିଛନ୍ତି ୧୫୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ,୨୪।୮(ଏଜେନ୍ସି): ମୌସୁମୀ ପ୍ରଭାବରୁ ବିଭିନ୍ନ ରାଜ୍ୟରେ ଭୀଷଣ ବର୍ଷା ଜାରି ରହିଛି। ଏଥିଯୋଗୁଁ ରାଜସ୍ଥାନର କୋଟା, ବୁନ୍ଦି, ସବାଇ ମାଧୋପୁର ଓ ଟୋଙ୍କରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଥିବା ଘରଗୁଡିକରେ ଚମ୍ବଲ ନଦୀର ପାଣି ପଶିଛି। ରାଜ୍ୟ ରାଜପଥ ଓ ଅନ୍ୟ ସଡ଼କଗୁଡିକ ବୁଡ଼ି ଯାଇଛି। ଉଦ୍ଧାରକାର୍ଯ୍ୟ ପାଇଁ ସେନାକୁ ଡକାଯାଇଛି। ଭାରତୀୟ ବାୟୁସେନା ଏମ୍‌ଆଇ- ୧୭ ହେଲିକପ୍ଟର ନିୟୋଜିତ କରିଛି। ବାୟୁସେନାକୁ ସଜାଗ କରି ରଖାଯାଇଛି। ଏନ୍‌ଡିଆରଏଫ ଏବଂ ଏସ୍‌ଡିଆରଏଫ ମଧ୍ୟ ମୁତୟନ କରାଯାଇଛି। ସେହିପରି ଜମ୍ମୁ-କଶ୍ମୀରରେ ମଧ୍ୟ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଜମ୍ମୁର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଟରଗେଟିଭ ମେଡିସିନ (ଆଇଆଇଆଇଏମ୍) କ୍ୟାମ୍ପସରେ ବନ୍ୟା ପାଣି ପସିଛି। ହଷ୍ଟେଲର ପ୍ରଥମ ମହଲା ପାଣିରେ ବୁଡିଯାଇଛି। ଫଳରେ ୧୫୦ ଜଣ ଛାତ୍ରଛାତ୍ରୀ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର ପାଇଁ ଏସ୍‌ଡିଆରଏଫ୍ ମୁତୟନ କରାଯାଇଛି। ଦିଲ୍ଲୀର ସରିତା ବିହାରରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ଉତ୍ତରାଖଣ୍ଡର ଥରାଲୀରେ ହୋଇଥିବା ବିପର୍ଯ୍ୟୟ କାରଣରୁ ଭିତ୍ତିଭୂମୀର ପୁନଃ ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ଉତ୍ତରପ୍ରଦେଶରେ ବନ୍ଧ, ନଦୀ ଓ ନାଳଗୁଡିକରେ ଜଳପତନ ବର୍ଷା କାରଣରୁ ବୃଦ୍ଧି ପାଇଛି। ୮ଟି ନଦୀ ବନ୍ଧର ଗେଟ୍ ଖୋଲା ଯାଇଛି। ମିର୍ଜାପୁରସ୍ଥିତ ଅହରାଉଣା ବନ୍ଧରେ ପାଣି ଉଚ୍ଛୁଳିଛି। ଫଳରେ ଗତ ୯ ବର୍ଷ ମଧ୍ୟରେ ଏହି ବନ୍ଧର ୨୨ଟି ଗେଟ୍ ଖୋଲାଯାଇଛି। ୨୦ଟି ଗାଁ ବନ୍ୟା ଘେରରେ ରହିଛି। ବହୁ ଚାଷ ଜମି ପାଣିରେ ବୁଡି ରହିଥିବାରୁ ବିପୁଳ ଫସଲ ନଷ୍ଟ ହୋଇଛି। ଦେଶର ୨୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ତରଫରୁ ସତର୍କତା ଜାରି କରାଯାଇଛି। ରାସ୍ତସ୍ଥାନ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶ ସମେତ ୬ଟି ରାଜ୍ୟରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରପ୍ରଦେଶ ଓ ବିହାର ସମେତ ୨୨ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି।

ଗଗନଯାନ ଅଭିଯାନର ପ୍ରସ୍ତୁତି

# ଏୟାର ଡ୍ରପ୍ ଟେଷ୍ଟ ସଫଳ

ଶ୍ରୀହରିକୋଟା, ୨୪।୮ (ଏଜେନ୍ସି): ଭାରତ ନିଜର ମହତ୍ତ୍ୱାକାଂକ୍ଷୀ 'ଗଗନଯାନ ଅଭିଯାନ' କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି। ରବିବାର ଶ୍ରୀହରିକୋଟାରେ ଗଗନଯାନ ଅଭିଯାନ ପାଇଁ ପ୍ରଥମ ପାରାସୁଟ୍ ପରୀକ୍ଷଣ କରାଯାଇଛି। ଭାରତୀୟ ବାୟୁସେନାର



ଚିନୁକ ହେଲିକପ୍ଟରରୁ କ୍ରୁ ମଡ୍ୟୁଲୋକୁ ୪ କିମି ଉପରୁ ସମୁଦ୍ରରେ ପକାଇ 'ଏୟାର ଡ୍ରପ୍ ଟେଷ୍ଟ' କରାଯାଇଛି। ଏହା ତିନୋଟି ପାରାଚୁଟ ମାଧ୍ୟମରେ ସମୁଦ୍ରରେ ଅବତରଣ କରିବାରେ ସଫଳ ହୋଇଛି। ପାରାଚୁଟର ବିଶ୍ୱସନୀୟତା ଯାଞ୍ଚ ଏହି ପରୀକ୍ଷଣର ଉଦ୍ଦେଶ୍ୟ ଥିଲା। ମହାକାଶରୁ କ୍ରୁ ମଡେଲ ଫେରିବା ସମୟରେ ପାରାଚୁଟ୍ ଖୋଲୁଛି କି ନାହିଁ, ସୁରକ୍ଷିତ ଭାବେ ଅବତରଣ କରୁଛି କି ନାହିଁ ତାହା ଦେଖାଯାଇଥିଲା। ଏହି ପରୀକ୍ଷଣରେ ଇସ୍ରୋ, ଭାରତୀୟ ବାୟୁସେନା, ଡିଆରଡିଓ, ନୌସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀ ସାମିଲ ଥିଲା।

ମହାକାଶ ଅର୍ଥନୀତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ୨୦୩୫ ସୁଦ୍ଧା ୧.୮ ଟ୍ରିଲିୟନ ଡଲାର ଅର୍ଥାତ୍ ୧୫୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯିବ। ତେଣୁ ଭାରତ ଏହି ପ୍ରତିଯୋଗିତାରେ ରହିବାକୁ ଚାହୁଁଛି। ଭାରତ ଗଗନଯାନ ଅଭିଯାନରେ ମହାକାଶକୁ ମନୁଷ୍ୟ ପଠାଇବ। ଏହା ସଫଳ ହେଲେ ରୁଷ, ଆମେରିକା ଏବଂ ଚୀନ୍ ପରେ ଭାରତ ଚତୁର୍ଥ ରାଷ୍ଟ୍ର ହୋଇଯିବ।

# ବକେୟା ବିବାଦ: ହରିୟାଣାରେ ଆୟୁଷ୍ମାନ ଚିକିତ୍ସା ବନ୍ଦ

ଚଣ୍ଡିଗଡ, ୨୪।୮ (ଏଜେନ୍ସି): ଗରିବ ଲୋକଙ୍କ ଚିକିତ୍ସା ପାଇଁ ଭାରତ ସରକାର 'ଆୟୁଷ୍ମାନ ଭାରତ' ଯୋଜନା ପ୍ରଚଳନ କରିଛନ୍ତି। ଏହା ଲୋକଙ୍କ ଆର୍ଥିକ ବୋଝକୁ କମ୍ କରିବ ବୋଲି କୁହାଯାଉଛି। କିନ୍ତୁ ଏହା ଏବେ ଗରିବଙ୍କୁ ଯନ୍ତ୍ରଣା ଦେବା ଆରମ୍ଭ କରିଛି। ହରିୟାଣାରୁ ଏହାର ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। ଘରୋଇ ହସ୍ପିଟାଲଗୁଡିକ ଗତ ୭ ତାରିଖରୁ ଆୟୁଷ୍ମାନ ଭାରତ କାର୍ଡ ଅଧୀନରେ ଚିକିତ୍ସା ଯୋଗାଇବା ବନ୍ଦ କରିଦେଇଛନ୍ତି। ଏହି ଯୋଜନା ବାବଦ ସରକାରଙ୍କ ଉପରେ ୪୯୦ କାଟି ଟଙ୍କା ବାମି ଥିବା ବେଳେ ସେମାନେ ଆଉ ଚିକିତ୍ସା କରିବାକୁ ମନା କରିଦେଇଛନ୍ତି। ସରକାର ବକେୟା ଅର୍ଥ ପଇଠ ନକରିବା ପର୍ଯ୍ୟନ୍ତ ଆୟୁଷ୍ମାନ ଚିକିତ୍ସା କରାଯିବ ନାହିଁ ବୋଲି ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ)ର ହରିୟାଣା ଶାଖା ପକ୍ଷରୁ ଜଣାଇ ଦିଆଯାଇଛି।

**ପୁରୁଣା ବିଲ୍ ନ ଦେବା ଯାଏଁ ସେବା ଦିଆଯିବନି**

**ଚିକିତ୍ସା କରୁନାହାନ୍ତି ୬୫୦ ଘରୋଇ ହସ୍ପିଟାଲ**

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ପ୍ରାୟ ୬୫୦ ଘରୋଇ ଡାକ୍ତରଖାନା ଏହି କାରଣରୁ ଆୟୁଷ୍ମାନ ଭାରତ ସେବାକୁ ବନ୍ଦ କରିଦେଇଛନ୍ତି। ଏଥିଯୋଗୁଁ ଦେଢ଼ କୋଟି ହିତାଧିକାରୀ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ସରକାରୀ ଡାକ୍ତରଖାନା ଗୁଡିକରେ ରୋଗୀଙ୍କ ପ୍ରବଳ ଗହଳି ଲାଗି ରହିଛି। ଆଇଏମଏ ସୂଚନା ଅନୁଯାୟୀ ସରକାରଙ୍କ ଉପରେ ୪୯୦ କୋଟି ଟଙ୍କା ବକେୟା ପଡ଼ିଛି। ଆଂଶିକ ଦେୟ ପ୍ରଦାନ ସତ୍ତ୍ୱେ ସେବା ଆରମ୍ଭ ହେବନାହିଁ। ସରକାରଙ୍କୁ ପୂରା ଅର୍ଥ ପଇଠ କରିବାକୁ ପଡ଼ିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବକେୟା ଅର୍ଥ ଦାବି।ରେ ଆଇଏମଏ ସଦସ୍ୟମାନେ ରବିବାର ପାନିପଥରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ରୋଗୀଙ୍କୁ ସରକାର ଅବହେଳା କରୁଥିବା ଅଭିଯୋଗ ଲଗାଇଛନ୍ତି। ଆୟୁଷ୍ମାନ ଭାରତ ଦ୍ୱାରା ଲୋକେ କି ଘରୋଇ ଡାକ୍ତରଖାନା କେହି ଖୁସି ନାହାନ୍ତି। ପାରଦର୍ଶୀ ଦେୟ ବ୍ୟବସ୍ଥା ନ ଆଣିଲା ପର୍ଯ୍ୟନ୍ତ ଏହି ସେବା ଆରମ୍ଭ ହେବ ନାହିଁ। ଏହାକୁ ନେଇ ସରକାର ଡାକ୍ତରଖାନା ଗୁଡିକୁ ଉତ୍ପୀଡ଼ନ ଦେବା ବନ୍ଦ କରନ୍ତୁ।

ତେବେ ସ୍ୱାସ୍ଥ୍ୟମନ୍ତ୍ରୀ ଆରତି ରାଓ ଘରୋଇ ଡାକ୍ତରଖାନାଗୁଡିକର ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଏହି ସମସ୍ୟାର ସମାଧାନ ଲାଗି ମୁଖ୍ୟମନ୍ତ୍ରୀ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ବି ଡାକ୍ତରଖାନାଗୁଡିକ ସେବା ଆରମ୍ଭ କରିନାହାନ୍ତି। ଏଥିପାଇଁ ହଜାର ହଜାର ରୋଗୀ ହଇରାଣ ହେଉଛନ୍ତି।

# ପୂଜାଙ୍କୁ ମାରି ବିଜେପି ଆମକୁ ଜେଲ୍ ପଠାଇବ: ଅଖିଳେଶ

ଲକ୍ଷ୍ନୌ, ୨୪।୮ (ଏଜେନ୍ସି): ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ବିଜେପି ଉପରେ ବଡ଼ ଅଭିଯୋଗ ଲଗାଇଛନ୍ତି। ସେ ରବିବାର ଲକ୍ଷ୍ନୌରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ବିଧାୟିକା ପୂଜା ପାଲ୍‌ଙ୍କୁ ବିଜେପ ମାରିଦେବ। କିନ୍ତୁ ଏହି ମାମଲାରେ ଆମକୁ ଜେଲ୍ ଯିବାକୁ ପଡ଼ିବ। ତେଣୁ କାହାଠାରୁ ପୂଜା ପାଲ୍‌ଙ୍କୁ ବିପଦ ଅଛି ତାହାର ଯାଞ୍ଚ ହେବା ଉଚିତ। ଉତ୍ତର ପ୍ରଦେଶ ସରକାରଙ୍କୁ ଭରସା କରିହେବ ନାହିଁ।ଅଖିଳେଶ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଥିବା ଲୋକ ପ୍ରତି ବିପଦ କେମିତି ବୁଝା ପଡୁନି। ଏହି ମାମଲାକୁ ନେଇ ଏସ୍‌ପି ମୁଖ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ମାମଲାର ଯାଞ୍ଚ ଦାବି କରିଛନ୍ତି। ଯେତେ ବର୍ଷ ପର୍ଯ୍ୟନ୍ତ ପୂଜା ଏସ୍‌ପିରେ ଥିଲେ ସେ ପର୍ଯ୍ୟନ୍ତ ତାଙ୍କ ପ୍ରତି କୌଣସି ବିପଦ ନ ଥିଲା। ଦୁଇ ଦିନ ତଳେ ପୂଜା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଅଖିଳେଶଙ୍କ ବିରୋଧରେ ଅଭିଯୋଗ ଲଗାଇ ଥିଲେ। ଯଦି ମୋ ସ୍ୱାମୀଙ୍କ ପରି ମୋତେ ହତ୍ୟା କରାଯାଏ ତେବେ ଏହାର ଦୋଷୀ ଏସ୍‌ପି ଏବଂ ଅଖିଳେଶ ଯାଦବଙ୍କୁ ଧରାଯାଉ। ସୂଚନାଯୋଗ୍ୟ ଯେ ମାଫିଆ ଅତିକ ମହମ୍ମଦକୁ ମାଟିରେ ମିଶାଇବାକୁ ନେଇ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିବାର ୮ ଘଣ୍ଟା ପରେ ଗତ ୧୪ ତାରିଖରେ ଅଖିଳେଶ ପୂଜାଙ୍କୁ ଦଳରୁ ବହିଷ୍କାର କରିଥିଲେ।

# 'ବିନା ରକ୍ତପାତରେ କ୍ଷମତା ପରିବର୍ତ୍ତନ'

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରବିବାର ଦିଲ୍ଲୀରେ ବିଧାନସଭାରେ ଆୟୋଜିତ 'ସର୍ବ ଭାରତୀୟ ବାଚସ୍ପତି ସମ୍ମିଳନୀ'କୁ ଉଦ୍‌ଘାଟନ କରିଛନ୍ତି। ଏହା ଦୁଇ ଦିନ ପର୍ଯ୍ୟନ୍ତ ଚାଲିବ। ୨୯ ରାଜ୍ୟର ବାଚସ୍ପତି ଏବଂ ୬ ରାଜ୍ୟର ବିଧାନ ପରିଷଦ ସଭାପତି ଓ ଉପସଭାପତି ଏଥିରେ ସାମିଲ ହୋଇଛନ୍ତି। ଏହି ସମ୍ମିଳନୀରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ଲୋକସଭାର ପୂର୍ବତନ ବାଚସ୍ପତି ମୀରା କୁମାର ଏବଂ ଅନେକ କେନ୍ଦ୍ରମନ୍ତ୍ରୀ ମନ୍ତ୍ରୀ ମଧ୍ୟ ସାମିଲ ହେବେ। ଦିଲ୍ଲୀ ବାଚସ୍ପତି ବିଜେନ୍ଦ୍ର ଗୁପ୍ତା କହିଥିଲେ ଯେ ୧୯୨୫ ଅଗଷ୍ଟ ୨୪ରେ ବିଠଲଭାଇ ପଟେଲ ସେଣ୍ଟ୍ରାଲ ଆସେମ୍ବଲିର ପ୍ରଥମ ଭାରତୀୟ ବାଚସ୍ପତି ନିର୍ବାଚିତ ହୋଇଥିଲେ। ଏହାର ଶହେ ବର୍ଷ ପୂର୍ତ୍ତି ଅବସରରେ ଏହି ସମ୍ମିଳନୀ ଆୟୋଜିତ ହୋଇଛି। ସମ୍ବୋଧନ କରି ଶାହା କହିଛନ୍ତି ଯେ ଦେଶ ସ୍ୱାଧୀନ ହେବା ପରେ କିଛି ଲୋକ ଭାରତର ଉପହାସ କରିଥିଲେ। ଏମାନେ କେମିତି ଦେଶ ଚଳାଇବେ ବୋଲି କହିଥିଲେ। କିନ୍ତୁ ଭାରତ ୮୦ ବର୍ଷ ହେଲା ଗଣତନ୍ତ୍ରର ମୂଳଦୁଆକୁ ଅଧିକ ମଝବୁତ କରିଛି।

**ଦିଲ୍ଲୀରେ ବାଚସ୍ପତିଙ୍କ ସମ୍ମିଳନୀ**



ପିଏମ, ସିଏମ୍‌ଙ୍କୁ ବହିଷ୍କାର ବିଲ୍

# ଜେପିସିରେ ସାମିଲ ହେବେନି ତିନି ଦଳ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ଗିରଫ ହୋଇ ୩୦ ଦିନ ହେପାଜତ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ହଟାଇବା ପାଇଁ କେନ୍ଦ୍ର ଆଣିଥିବା ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇ ଦିଆଯାଇଛି। ତେବେ ବିରୋଧୀ ଦଳଗୁଡିକ ଏହି ବିଲ୍‌କୁ ବିରୋଧ କରି ଜେପିସିକୁ ବର୍ଜନ କରୁଛନ୍ତି। ଏ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ଟିଏମ୍‌ସି, ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ଆମ ଆଦମୀ ପାର୍ଟି (ଆପ୍) ଜେପିସି କମିଟିରେ ସାମିଲ ହେବେନି ବୋଲି ଘୋଷଣା କରିସାରିଛନ୍ତି। ଅଣ-ବିଜେପି ଶାସିତ ରାଜ୍ୟର ସରକାରଙ୍କୁ ଭୁଶୁଡ଼ାଇବା ପାଇଁ ଏହି ବିଲ୍ ଅଣାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଟିଏମସି ରାଜ୍ୟସଭା ସାଂସଦ ଡେରେକ ଓ' ବ୍ରାଇନ ଜେପିସିକୁ ମୂଲ୍ୟହୀନ କହିଛନ୍ତି। ଆପ୍ ସାଂସଦ ସଞ୍ଜୟ ସିଂହ କହିଛନ୍ତି ଯେ ଦୁର୍ନୀତିଗ୍ରସ୍ତଙ୍କ ନେତା ଦୁର୍ନୀତି ବିରୋଧୀ ବିଲ୍ କେମିତି ଆଣିପାରିବେ? ଜାଲ୍ ମାମଲାରେ ଫସାଇ ନେତାଙ୍କୁ ଗିରଫ କରି ସରକାର ଭୁଶୁଡ଼ାଇବା ଏହି ବିଲ୍‌ର ଉଦ୍ଦେଶ୍ୟ।

ରାହୁଲଙ୍କ ଭୋଟର ଅଧିକାର ଯାତ୍ରା

# ଏସ୍‌ଆଇଆର୍ ଭୋଟ ଚୋରିର ମାଧ୍ୟମ

ପାଟନା, ୨୪।୮ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ଯାଞ୍ଚ ତଥା ଏସ୍‌ଆଇଆରକୁ ବିରୋଧ କରି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆରମ୍ଭ କରିଥିବା 'ଭୋଟର ଅଧିକାର ଯାତ୍ରା' ଅଷ୍ଟମ ଦିନରେ ଅରରିଆରେ ପହଞ୍ଚିଛି। ଏଠାରେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ରାହୁଲ ବାଇକ ଚଳାଇ ଯାତ୍ରାରେ ବାହାରିଥିବା ଦେଖାଯାଇଛି। ଏହି ଯାତ୍ରାରେ ବିରୋଧୀ ମେଣ୍ଟ ଇଣ୍ଡିଆର ଅନ୍ୟ ସଦସ୍ୟ ମଧ୍ୟ ସାମିଲ ହୋଇଛନ୍ତି। ଏଠାରେ ତେଜସ୍ୱୀଙ୍କ ସହ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ପୁଣି ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି। ଇସି ଭୋଟ ଚୋରି କରିବା ପାଇଁ ଏସ୍‌ଆଇଆର ଆରମ୍ଭ କରିଛନ୍ତି। ଏହାକୁ ସଂସ୍ଥାଗତ ବନାଇବାକୁ ପ୍ରୟାସ ହେଉଛି। ଲକ୍ଷ ଲକ୍ଷ ଭୋଟରଙ୍କ ନାମ ହଟାଇ ଦିଆଯାଇଛି। ଇସି ବିଜେପି ପାଇଁ କାମ କରୁଛନ୍ତି। ବିରୋଧୀ ଅଭିଯୋଗ କରି ଚାଲିଥିବାବେଳେ ବିଜେପି ଏ ପର୍ଯ୍ୟନ୍ତ ମୁହଁ ଖୋଲୁନାହିଁ। କାରଣ ବିଜେପି ଏବଂ ଇସିଙ୍କ ମଧ୍ୟରେ ଭାଗିଦାରୀ ହୋଇଯାଇଛି।

# ଯୌତୁକ ଜୁଇରେ ଦିନକୁ ଯାଉଛି ୨୦ ମହିଳାଙ୍କ ଜୀବନ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ଉତ୍ତର ପ୍ରଦେଶ ଗ୍ରେଟର ନୋଏଡ଼ାର ନିକ୍କି ହତ୍ୟାକାଣ୍ଡ ସାରା ଦେଶକୁ ବିଚଳିତ କରିଦେଇଛି। ଅଧିକ ଯୌତୁକ ପାଇଁ ପେଟ୍ରୋଲ ପକାଇ ସ୍ୱାମୀ ଏବଂ ଶାଶୁ-ଶଶୁର ତାଙ୍କୁ ନିଆଁ ଲଗାଇ ହତ୍ୟା କରିଥିଲେ। ଏବେ ସମସ୍ତେ ନିକ୍କିଙ୍କ ପାଇଁ ନ୍ୟାୟ ମାଗୁଛନ୍ତି। ଏହି ଘଟଣା ସାରା ଦେଶକୁ ଲଜ୍ଜିତ କରିଦେଇଛି। କିନ୍ତୁ ପୁଅ ଆଗରେ ମାଆକୁ ମାରିଥିବା ପିଶାଚ ସ୍ୱାମୀ ପଶ୍ଚାତାପ କରିବାକୁ ମଧ୍ୟ ଉଚିତ ମଣିନାହିଁ। ଏପରି ସମୟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ନିଜକୁ ଆଧୁନିକ କହି



ଗର୍ବ କରୁଥିବା ଭାରତୀୟ ସମାଜରେ ଯୌତୁକ ଜନିତ ବଧୂ ହତ୍ୟା ବ୍ୟାଧି ଭଳି ବ୍ୟାପିବାରେ ଲାଗିଛି। ଯୌତୁକର ଲୋଭ ମନୁଷ୍ୟକୁ ପଶୁବତ୍ କରିଦେଉଛି। ଏଥିପାଇଁ ରାକ୍ଷସ ପାଲଟି ମହିଳାଙ୍କ ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ପ୍ରତ୍ୟେକ ଦିନ ଯୌତୁକ ଯୋଗୁଁ ୨୦ ମହିଳାଙ୍କ ମୃତ୍ୟୁ ହେଉଛି।

ଗତ ୨୨ ବର୍ଷ ମଧ୍ୟରେ ଯୌତୁକ ନାମରେ ୧.୮ ଲକ୍ଷ ମହିଳାଙ୍କୁ ହତ୍ୟା କରାଯାଇଛି। ୨୦୧୮ରୁ ୨୦୨୧ ମଧ୍ୟରେ ୩୪, ୪୯୩ ମହିଳାଙ୍କୁ ମାରି ଦିଆଯାଇଛି। କେବଳ ୨୦୨୨ରେ ୬, ୪୫୦ ମହିଳାଙ୍କୁ ହତ୍ୟା କରାଯାଇଥିଲା। ଉତ୍ତର ପ୍ରଦେଶରୁ ସର୍ବାଧିକ ଯୌତୁକ ମାମଲା ସାମ୍ନାକୁ ଆସିଛି। ୟୁପିରେ ଯୌତୁକ ଯୋଗୁଁ ୧୧, ୮୭୪ ମହିଳାଙ୍କ ଜୀବନ ଯାଇଛି। ସେହିପରି ବିହାରରେ ୫,୩୫୪, ମଧ୍ୟପ୍ରଦେଶରେ ୨, ୮୫୯, ପଶ୍ଚିମବଙ୍ଗରେ ୨, ୩୮୯ ଏବଂ ରାଜସ୍ଥାନରେ ୨,୨୪୪ ମହିଳା ଯୌତୁକ ଯୋଗୁଁ ଜୀବନ ହରାଇଛନ୍ତି। ୨୦୨୪ରେ ମହିଳା ବିରୋଧୀ ଅପରାଧକୁ ନେଇ ୨୫, ୭୪୩ ଅଭିଯୋଗ ରୁଜୁ ହୋଇଥିଲା। ଏଥିରେ ସର୍ବାଧିକ ୨୪ ପ୍ରତିଶତ ତଥା ୬, ୨୩୭ ମାମଲା ଘରୋଇ ହିଂସାର ଥିଲା। ସେହିପରି ଯୌତୁକ ଉତ୍ପୀଡ଼ନର ୧୭ ପ୍ରତିଶତ ଅର୍ଥାତ୍ ୪, ୩୮୩ ମାମଲା ରେକର୍ଡ କରାଯାଇଥିଲା।

# ନନ୍ଦନକାନନରେ ଆଖିବୁଜିଲା ଧଳାବାଘ ଶାବକ

ବାରଙ୍ଗ,୨୪।୮(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶନିବାର ଏକ ଧଳା ପୁରୁଷ ବାଘ ଛୁଆର ମୃତ୍ୟୁ ଘଟିଛି । ଦୀର୍ଘ ଦିନ ଧରି ଚିକିତ୍ସା ଏବଂ ଯତ୍ନ ସତ୍ତ୍ୱେ ବାଘ ଛୁଆଟିକୁ ବଞ୍ଚାଇ ପାରିନାହାନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଗତ ୭ ଜୁନ୍‌ରେ ଧଳା ବାଘୁଣୀ ମୌସୁମୀ ଏବଂ ସାଧାରଣ ରଙ୍ଗର ବାଘ ରାଜେଶଠାରୁ ୨ଟି ଛୁଆ ଜନ୍ମ ହୋଇଥିଲା। ସେଥିମଧ୍ୟରୁ ପୁରୁଷ ଛୁଆଟି ବହୁତ ଦୁର୍ବଳ ଓ କମ୍ ଓଜନ (୬୫୦ ଗ୍ରାମ୍‌ର ରହିଥିଲା। କୁକୁରମାନଙ୍କ ଭଳି ତା'ର ସ୍ୱୀଇମର ପପି ସିଣ୍ଡ୍ରୋମ ବିକୃତି ଦେଖାଦେଇଥିଲା। ଜୁନ୍ ୧୧ରେ ଶାବକଟି କ୍ଷୀରପାନ କରିପାରି ନଥିଲା। ତେଣୁ ତାକୁ ପ୍ରାଣୀ ଶିଶୁପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପରୀକ୍ଷା ପରେ ଶାବକର ନାଭିରେ ସଂକ୍ରମଣ, ଶରୀରର ତାପମାତ୍ରା କମ ଏବଂ ସାଧାରଣ ଦୁର୍ବଳତାରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ପରେ ଶାବକଟିକୁ ନେଇ ଏକ ଇନକ୍ୟୁବେଟର୍‌ରେ ରଖାଯାଇଥିଲା ଏବଂ ଅକ୍ସିଜେନ, ଇନଫ୍ରାରେଡ୍ ଥେରାପି ଦିଆଯାଇଥିଲା। ତା'ର ଶରୀରର ବିଭିନ୍ନ ଅଙ୍ଗକୁ ସୁଦୃଢ଼ କରିବା ପାଇଁ ପ୍ରତିଦିନ ଫିଜିଓଥେରାପିର ସହାୟତା ମଧ୍ୟ ନିଆଯାଉଥିଲା। ବିଶେଷଜ୍ଞ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଯତ୍ନ ଏବଂ ଯାଞ୍ଚ ସତ୍ତ୍ୱେ ଶାବକଟିର ସ୍ୱାସ୍ଥ୍ୟବସ୍ଥା ସୁଧୁରିନଥିଲା। ସବୁବେଳେ ପଡ଼ି ରହିବା ଯୋଗୁଁ ମଳରେ ରକ୍ତ, କାନ ସଂକ୍ରମଣ ଏବଂ ଶରୀରରେ କ୍ଷତ ଆରମ୍ଭ ହୋଇଥିଲା। ଫଳରେ ଶନିବାର ସକାଳେ ଛୁଆଟିର ମୃତ୍ୟୁ ହୋଇଯାଇଥିଲା।



ମୌସୁମୀର ଅନ୍ୟ ମାଈ ସାଧାରଣ ରଙ୍ଗର ବାଘ ଛୁଆଟିର ମଧ୍ୟ ଡାହାଣ ପଛ ଅଙ୍ଗରେ ଜନ୍ମଗତ ସମସ୍ୟା ଥିବାରୁ ଚିକିତ୍ସାଧୀନ ରହିଛି ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି। ବାଘ ଛୁଆଟିର ମୃତ୍ୟୁ ପରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସ ପାଇ ୨୮ରେ ପହଞ୍ଚିଛି। ସେଥିମଧ୍ୟରୁ ୧୭ଟି ଅଣ୍ଡିରା ଓ ୧୧ଟି ମାଈ ରହିଛନ୍ତି। ଯେଉଁଥିରେ ୧୯ଟି ସାଧାରଣ ରଙ୍ଗର ବାଘ (୧୧ ପୁରୁଷ, ୮ ମାଈ), ୫ ଧଳାବାଘ (୩ ପୁରୁଷ, ୨ ମାଈ) ଏବଂ ୪ଟି କଳାବାଘ (୩ ପୁରୁଷ,୧ମାଈ) ଅଛନ୍ତି।

## ବନ୍ଧୁକ, ବୋମା ଫୁଟାଇ ସୁନା ଦୋକାନରୁ ଡକାୟତି

# ଲୁଟିନେଲେ ୧୧ କେଜି ସୁନା ଓ ୫ କେଜି ରୁପା ଅଳଙ୍କାର






ନିରାକାରପୁର, ୨୪।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରିସ୍ଥିତ ଏକ ସୁନା ଦୋକାନରୁ ଆଜି ଏକ ବଡ଼ଧରଣର ଲୁଟ୍ ହୋଇଛି । ଦିନ ଦି' ପହରେ ୮ ଜଣ ଦୁର୍ବୃତ୍ତ ଗୁଳି ଓ ବୋମାମାଡ଼ କରି ସାଇସୋନୁ ଅଳଙ୍କାର ଦୋକାନରୁ ୧୧କେଜି ସୁନା ଓ ୫ କେଜି ରୁପା ଅଳଙ୍କାର ଲୁଟି ନେଇଛନ୍ତି । ଲୁଟ୍ ଅଳଙ୍କାରର ମୂଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାଯାଇଛି । ଅପରପକ୍ଷେ, ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ସରପାରୀ ଗ୍ରାମର ରାଜା ପ୍ରଧାନ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି । ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି । ସୂଚନା ପାଇ ସାଇଣ୍ଟିଫିକ୍ ଟିମ୍ ସହ ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା, ଖୋର୍ଦ୍ଧା ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

ସୂଚନାନୁଯାୟୀ, ରବିବାର ଦିନ ପ୍ରାୟ୨ଟା ବେଳେ ୪ଟି ବାଇକ୍‌ରେ ୮ ଜଣ ଡକାୟତ ଉକ୍ତ ଅଳଙ୍କାର ଦୋକାନକୁ ଆସିଥିଲେ। ସେମାନେ ସମସ୍ତେ ମୁଣ୍ଡରେ ହେଲ୍‌ମେଟ୍ ପିନ୍ଧିବା ସହ ଦୁଇଜଣ ଦୋକାନ ବାହାରେ ରହି ସମସ୍ତ ଘଟଣା ଅନୁଧ୍ୟାନ କରୁଥିଲେ। ଅନ୍ୟ ୬ ଜଣ ଡକାୟତ

**■ ଗୁଳି ମାଡ଼ରେ ଜଣେ ଯୁବକ ଗୁରୁତର**
**■ ଦିନ ଦିପ୍ରହରରେ ଡକାୟତି ନୂଆ ଏସ୍‌ପିଙ୍କ ପାଇଁ ଚ୍ୟାଲେଞ୍ଜ**

ଦୋକାନ ଭିତରକୁ ପଶି ବନ୍ଧୁକ ଦେଖାଇ କର୍ମଚାରୀମାନଙ୍କୁ ଭୟଭୀତ କରାଇ ଏକ ବସ୍ତାରେ ସମସ୍ତ ଗହଣା ଭର୍ତ୍ତି କରିଥିଲେ। ଏହି ସମୟରେ ଜଣେ ମହିଳା ସେଲ୍ସମ୍ୟାନ୍ କୌଶଳକ୍ରମେ ପଛ ପାଖ ଦ୍ୱାରରେ ବାହାରକୁ ଆସି ଗହଳି କରି ଲୋକଙ୍କୁ ଜଣାଇବାକୁ ଚେଷ୍ଟା କରୁଥିବାବେଳେ ବାହାରେ ଜଗି ରହିଥିବା ଅନ୍ୟ ଦୁଇ ଜଣ ଡକାୟତ ତାଙ୍କୁ ବନ୍ଧୁକ ଦେଖାଇ ଗହଳି ନ କରିବାକୁ ତାଗିଦ୍ କରିବା ସହ ମାରପିଟ୍ କରିଥିଲେ। ପାଖରେ ଥିବା ଏଟିଏମ୍‌ରୁ ସରପାରୀ ଗ୍ରାମର ରାଜା ପ୍ରଧାନ ଟଙ୍କା ଉଠାଉଥିବା ବେଳେ ଯୁବତୀଙ୍କୁ ମାଡ଼ ମାରୁଥିବା ଦେଖି ସେ ବିରୋଧ କରିବାରୁ ତାଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିଲେ। ସେଠାରୁ ସମସ୍ତ ସୁନା ଗହଣା ନେଇ ଡକାୟତମାନେ ଯିବା ବେଳେ ଦୁଇ ତିନୋଟି ବୋମା ଫୁଟାଇଥିଲେ। ସେମାନେ ପୂର୍ବ ପ୍ରସ୍ତୁତି ମୁତାବକ ଜଙ୍କିଆ କିମ୍ବା ସିକୋ ପରେ ଥାନା, ଫାଣ୍ଡି ଥିବାରୁ ହଜଠାରୁ ଟାଙ୍କୋଳ ଦେଇ ଖସି ପଳାଇବା ବେଳେ ସେଠାରେ ଲୁଟ୍ ଅଳଙ୍କାର ବ୍ୟାଗ୍ ଖସି ପଡ଼ିଥିଲା। ସେଠାରେ ଲୋକେ ଜଗିବାକୁ ଚେଷ୍ଟା କରୁଥିବାରୁ ଏକ ବୋମା ଫୁଟାଇ ଲୋକଙ୍କୁ ଭୟଭୀତ କରି ଫେରାର୍ ହେବାରେ ସଫଳ ହୋଇଥିଲେ। ଦୋକାନ ମାଲିକ ଏହି ସମୟରେ ସେଠାରେ ଅନୁପସ୍ଥିତ ଥିବା ସୂଚନା ମିଳୁଛି।

ଆଜି ରବିବାର ହୋଇଥିବାରୁ ପାଖରେ ସବୁବେଳେ ଗହଳି ରହୁଥିବା ଷ୍ଟେଟ୍‌ବ୍ୟାଙ୍କ ଛୁଟି ଥିଲା। ଅନ୍ୟାନ୍ୟ ସମସ୍ତ ଘଟଣାକୁ ଲକ୍ଷ୍ୟ କରି ଡକାୟତମାନେ ସ୍ଥାନୀୟ କିଛି ଦୁର୍ବୃତ୍ତଙ୍କ ସହ ସାମିଲ ହୋଇ ପୂର୍ବ ପ୍ରସ୍ତୁତି ମୁତାବକ ଏହି ଘଟଣା ଘଟାଇଥିବା ଆଲୋଚନା ହେଉଛି।

## ଉଚ୍ଚଶିକ୍ଷା ବିବାଗର ଅଜବ ନୀତି

# ତଦନ୍ତ ବଦଳରେ ଅଭିଯୋଗକାରୀଙ୍କୁ ଖୋଜୁଛି

ଭୁବନେଶ୍ୱର, ୨୪।୮(ସମିସ): ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟରେ ପ୍ରାୟ ୧କୋଟି ୪୪ଲକ୍ଷରୁ ଅଧିକ ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ସ୍ପେସାଲ୍ ଅଡିଟ୍‌ରେ ଧରାପଡ଼ିଛି। ଅନିୟମିତତା ଅର୍ଥ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କଠାରୁ ଭରଣା କରିବା ପାଇଁ ସ୍ୱତନ୍ତ୍ର ଅଡିଟ୍ ପ୍ରତିନିଧିଦଳ ସରକାରଙ୍କୁ ସୁପାରିସ୍ କରିଛି । ଫଳରେ ଉଚ୍ଚଶିକ୍ଷା ବିଭାଗ ଅଧ୍ୟକ୍ଷଙ୍କୁ ଅପସାରଣ କରିଥିଲା । ଏପରିକି କୋଟିଏରୁ ଅଧିକ ଟଙ୍କା ତାଙ୍କଠାରୁ ଭରଣା କରିବାର ଥିବାରୁ ତାଙ୍କୁ ଅଧ୍ୟକ୍ଷ ଭାବେ ପୁନଃନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ ତତ୍କାଳୀନ ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ର ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଥିଲେ। ହେଲେ ସରକାର ବଦଳିବା ପରେ ସବୁ ବଦଳି ଯାଇଛି। ଅର୍ଥ ଭରଣା କରିବା ବଦଳରେ ପୁନଃ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଥିବା ସ୍ୱତନ୍ତ୍ର ସଚିବ ହିଁ ସମ୍ପୃକ୍ତ ଅଧ୍ୟକ୍ଷଙ୍କୁ ପୁନର୍ବାର ନିଯୁକ୍ତି କରିବାକୁ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଦୋମୁହାଁ ନୀତି ଅବଲମ୍ବନ କରି ଦୁର୍ନୀତିଗ୍ରସ୍ତଙ୍କୁ ପୁରସ୍କୃତ କରିଥିବା ଅଧିକାରୀ ଓ ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟଧାରା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରୋଚକ କଥା ହେଲା, ଏହି ଦୁର୍ନୀତି ଅଭିଯୋଗର ତଦନ୍ତ କରିବା ଦଦଳରେ ଅଭିଯୋଗକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କୁ ଖୋଜୁଛି ଉଚ୍ଚଶିକ୍ଷା ବିଭାଗ। ଶ୍ରୀ ମହାନ୍ତି ଗତ ଏପ୍ରିଲ ୯ ତାରିଖରେ

**■ ବିଜୁ ପଟ୍ଟନାୟକ କଲେଜରେ ଟଙ୍କା ହେରଫେର୍ ଧରିଥିଲା ସ୍ୱତନ୍ତ୍ର ଅଡିଟ୍**
**■ ଅଧ୍ୟକ୍ଷଙ୍କଠାରୁ ଅର୍ଥ ଆଦାୟ ବଦଳରେ ଦିଆଯାଇଛି ପୁନଃ ନିଯୁକ୍ତି**

ଉଚ୍ଚଶିକ୍ଷା ବିଭାଗକୁ ମେଲ୍ ଯୋଗେ ଅଭିଯୋଗ କରିଥିଲେ। ନିଜର ଅଧାରକାର୍ଡ ସହ ସମସ୍ତ ପ୍ରମାଣ ସଂଯୋଗ କରିଥିଲେ। ଏହାର ପ୍ରାୟ ଅଢ଼େଇ ମାସ ପରେ ଅର୍ଥାତ୍ ଜୁନ୍ ୨୫ରେ ଅଭିଯୋଗ ଆସିଥିବା ମେଲ୍ ଆଇଡି ଟି ଅଭିଯୋଗକାରୀଙ୍କ ନା ନାହିଁ, ସୁନିଶ୍ଚିତ କରିବାକୁ ବିଭାଗ ପକ୍ଷରୁ ଡାକ ଯୋଗେ ଚିଠି ପଠାଯାଇଥିଲା। ଏହାର ଉତ୍ତର ରଖିବା ସହ ସେ ହିଁ ଅଭିଯୋଗକାରୀ ବୋଲି ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ମେଲ୍ ଓ ଡାକ ଯୋଗେ ଅବଗତ କରିଥିଲେ। ହେଲେ ଏହାର ପ୍ରାୟ ଦୁଇ ମାସ ଅର୍ଥାତ ଗତ ୧୩ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପୁନଃ ଚିଠି କରି ସମାନ କଥା ଉଲ୍ଲେଖ କରିଛି।

ଅଭିଯୋଗକାରୀଙ୍କ କହିବା କଥା, ମେଲ୍ ମାଧ୍ୟମରେ ଅଭିଯୋଗ କରିବା ଏବଂ ସେହି ମେଲ୍‌ଆଇଡି ତାଙ୍କର ବୋଲି ସୁନିଶ୍ଚିତ କରିବା ପରେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ବିଭାଗ ପକ୍ଷରୁ ଏପରି ଚିଠି କରାଯାଉଛି। ବିଭାଗ ନିକଟରେ ହେଉଥିବା ସମସ୍ତ ଅଭିଯୋଗର ମେଲ୍-ଆଇଡି ନିଶ୍ଚିତ କରିବାକୁ ଅଭିଯୋଗକାରୀଙ୍କୁ ଏପରି ଚିଠି କରାଯାଉଛି ନା ଏହା କେବଳ ତାଙ୍କ କ୍ଷେତ୍ରରେ ବୋଲି ପ୍ରଶ୍ନ କରିଛନ୍ତି। ଦୁର୍ନୀତି ଚେର ବହୁ ଦୂରକୁ ଲମ୍ବିଥିବାରୁ ଅଭିଯୋଗର ତଦନ୍ତ ବଦଳରେ ସମୟ ଗଡ଼ାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଘଟଣାର ତ୍ୱରିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନୋବାକୁ ସେ ଦାବି କରିଛନ୍ତି। ଅନ୍ୟଥା ସଚିବାଳୟ ସମ୍ମୁଖରେ ଆଧାରକାର୍ଡ ଧରି ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡ଼ା ପକ୍ଷରୁ ଶ୍ରୀମନ୍ଦିର ସାମ୍ନାରେ ଦାବାଗ୍ନି ଲୀଳା

# ମାଓ ଡମ୍ପ୍ ଠାବ, ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୨୪।୮(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମାରେ ତଲାସୀ ଅଭିଯାନ ବେଳେ ବିପୁଳ ମାଓ ସାମଗ୍ରୀ ଜବତ କରିଛନ୍ତି ଯବାନ। ସୂଚନାନୁଯାୟୀ, ସୁକୁମା ଜିଲ୍ଲାର କୋଇମେଟା ଜଙ୍ଗଲରେ ମାଓ ଦମନ ନିମନ୍ତେ ତଲାସି ଅଭିଯାନ ବେଳେ ଏକ ମାଓଡମ୍ପ ଠାବ ହୋଇଥିଲା। ସେଥିରେ ବିପୁଳ ପରିମାଣର ଦେଶୀ ବନ୍ଧୁକ ସହ ବିସ୍ଫୋରକ ସାମଗ୍ରୀକୁ ମାଓବାଦୀମାନେ ଗଛିତ ରଖିଥିଲେ।



ସୁକମା ଜିଲ୍ଲା ପୁଲିସ, କୋବ୍ରା ଯବାନ, ସିଆରପିଏଫ ଯବାନଙ୍କ ମିଳିତ ଅପରେସନ୍ ବେଳେ ଏହି ସଫଳତା ମିଳିଥିଲା। ଏହି ହତିଆର ଓ ବିସ୍ଫୋରକଗୁଡ଼ିକ ଆଗାମୀ ଦିନରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ୍ କରିବା ପାଇଁ ଗଚ୍ଛିତ କରି ରଖାଯାଇଥିବା ଅନୁମାନ କରାଯାଉଛି। ଏହି ସାମଗ୍ରୀ ଜବତ ଅଞ୍ଚଳରେ ତଲାସି ଅଭିଯାନକୁ ଜୋରଦାର କରାଯାଇଛି।

## ମାଓବାଦୀ ଗିରଫ; ବନ୍ଧୁକ, ବିସ୍ଫୋରକ ଜବତ

ମାଲକାନଗିରି, ୨୪।୮(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ମାରକାବେଡ଼ା ଜଙ୍ଗଲରେ ଆଇଟିବିପି ଓ ଡିଆରଜି ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଯବାନଙ୍କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲା। ଯବାନ ଜଙ୍ଗଲକୁ ଘେରି ସେହି ବ୍ୟକ୍ତିକୁ କାବୁ କରି ପଚରାଉଚରା କରିଥିଲେ। ଗିରଫ ବ୍ୟକ୍ତି ହେଲେ, ମଡ୍ଡା କୁହାମ । ସେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ୍ କରିବା ପାଇଁ ଜଙ୍ଗଲରେ ଲ୍ୟାଣ୍ଡମାଇନ ଖଞ୍ଜିବାକୁ ଆସିଥିବା ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଯବାନମାନେ ତାକୁ ଗିରଫ କରିଥିବା ବେଳେ ତା' ନିକଟରୁ ବନ୍ଧୁକ ଓ ବିସ୍ଫୋଟକ ଜବତ କରିଛନ୍ତି।

## ପୁଲିସର ନିଷ୍କ୍ରିୟତା

# ସାମାଜିକ ଗଣମାଧ୍ୟମରେ ହେଉଛି ଚରିତ୍ର ସଂହାର

ଭୁବନେଶ୍ୱର,୨୪।୮(ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଘୃଣ୍ୟ, ମିଥ୍ୟା, ଅପମାନଜନକ ତଥା ମନଗଢ଼ା ଭିଡିଓ ପ୍ରସାରଣ ବିରୋଧରେ ଗତ ୨୦ ତାରିଖରେ ବିଜେଡି ଆଇଟି ସେଲ ପକ୍ଷରୁ 'ଓଡ଼ିଆ ଛାଟ' ନାମକ ଫେସବୁକ ପେଜ ବିରୋଧରେ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଥିଲା । ବିଜେଡି ଆଇଟି ସେଲର ରାଜ୍ୟ ସଂଯୋଜକ ଡ. ଅମର ପଟ୍ଟନାୟକ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଦୃଷ୍ଟି ମଧ୍ୟ ଆକର୍ଷଣ କରିଥିଲେ। ମାତ୍ର ପୁଲିସ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ। କାର୍ଯ୍ୟାନୁଷ୍ଠାନ ଦୂରର କଥା ଏଯାବତ୍ ଏହି ଘଟଣାରେ ପୁଲିସ ମାମଲା ରୁଜୁ କରିନାହିଁ। ପୁଲିସର ଏହି ସ୍ଥାଣୁତାର ସୁଯୋଗ ନେଇ ଆଉ ଏକ ଫେସବୁକ ପେଜ ବଣ ବିଚ୍ଛୁଆଟି ସମାନ ଧରଣର ଭିଡିଓ ପ୍ରସ୍ତୁତ କରି ପ୍ରସାରଣ କରିଛି । ଏହି ଭିଡିଓରେ କାର୍ତ୍ତିକ ପାଣ୍ଡିଆନ୍ ଓ ଡ. ଅମର ପଟ୍ଟନାୟକଙ୍କ ନାମରେ ମିଥ୍ୟା ଅପ୍ରଚାର କରାଯାଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପୁଣିଥରେ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇଛି ବିଜେଡି ଆଇଟି ସେଲ।

**ଥାନାର ଦ୍ୱାରସ୍ଥ ହେଲା ବିଜେଡି ଆଇଟି ସେଲ**

ଗତ ୨୦ ତାରିଖରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି ଏନେଇ ଡ. ଅମର ପଟ୍ଟନାୟକ ୍ କ୍ଷୋଭ ପ୍ରକାଶ କରିଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଘନିଷ୍ଠ ସହଯୋଗୀଙ୍କ ବିରୋଧରେ ଓଡ଼ିଆ ଛାଟ ନାମରେ ଏକ ଫେସବୁକ ଆକାଉଣ୍ଟରେ ଏହି ଆପତ୍ତିଜନକ ଓ ଦୁର୍ଭାବନାପୂର୍ଣ୍ଣ ଭିଡିଓ ପ୍ରସାରିତ କରାଯାଉଛି। ଏହି ଭିଡିଓଦ୍ୱୟ ସାମାଜିକ ବିଶୃଙ୍ଖଳା ଏବଂ ଜନସାଧାରଣଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। ଡ. ପଟ୍ଟନାୟକ ଡିଜିଙ୍କୁ ଚିଠି ଲେଖି ଦୁଇଟି ଭିଡିଓ ସମ୍ପର୍କରେ ବିଶଦ ତଥ୍ୟ ପ୍ରଦାନ ସହ ଦୋଷୀଙ୍କୁ ଚିହ୍ନଟ ସହ ୨୪ ଘଣ୍ଟା ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ମାତ୍ର କ୍ୟାପିଟାଲ ଥାନା ପୁଲିସ, କିମ୍ବା ସାଇବର ସେଲ ଏନେଇ କୌଣସି ପଦକ୍ଷେପ ନେଇନଥିବା ବେଳେ ଏହାର ଫାଇଦା ଉଠାଇଛନ୍ତି ବଣ ବିଚ୍ଛୁଆଟି ପେଜ୍‌ର ପରିଚାଳକମାନେ। ଏହା ବିଜେପି ଆଇଟି ସେଲ ଦ୍ୱାରା ପରିଚାଳିତ ହେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ବିଜେଡି ଆଇଟି ସେଲର ସଦସ୍ୟ ରବି ଦାସ ଥାନାର ଦ୍ୱାରସ୍ଥ ହୋଇ ପୁଣି ଥରେ ଏଫଆଇଆର ଦେଇଛନ୍ତି। ତୁରନ୍ତ ପୁଲିସ ଦୋଷୀଙ୍କୁ ଚିହ୍ନଟ ନକଲେ, ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଆଇଟି ସେଲ ପକ୍ଷରୁ କୁହାଯାଇଛି।

# ତାମିଲନାଡୁରେ ପୁଣି ଦାଦନ ଶ୍ରମିକଙ୍କୁ ହତ୍ୟା

## ଖଟିବାକୁ ଯାଇଥିଲେ; ଶବ ହୋଇ ଫେରିଲେ

ବୈଶିଙ୍ଗା, ୨୪।୮ (ସମିସ): ତାମିଲନାଡୁରେ ପୁଣି ଜଣେ ଦାଦନ ଶ୍ରମିକଙ୍କୁ ହତ୍ୟା କରାଯାଇଛି । ମୃତକ ହେଲେ, ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତର ନୂଆଗାଁ ଗ୍ରାମର ଦିଲ୍ଲୀପ ସିଂ । କେହି ଦୁର୍ବୃତ୍ତ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛି। ଏ ସଂପର୍କରେ ଦିଲ୍ଲୀପଙ୍କ ପୁଅ କହ୍ନେଇ ସେଠାକାର ଏକ ଥାନାରେ ଏନେଇ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଦିଲ୍ଲୀପଙ୍କ କିଛି ସହଯୋଗୀଙ୍କ ଆର୍ଥିକ ସହଯୋଗ ଦ୍ୱାରା ତାଙ୍କ ମରଶରୀର ଏକ ଆମ୍ବୁଲାନ୍ସରେ ଓଡ଼ିଶା ଆସୁଥିବା ଜଣାଯାଇଛି।

ସୂଚନା ମୁତାବକ, ପରିବାର ପ୍ରତିପୋଷଣ ପାଇଁ ଦିଲ୍ଲୀପ ଆଖପାଖ ଅଞ୍ଚଳର କିଛି ଯୁବକଙ୍କ ସହ ଗତ ଜୁଲାଇ ୨୪ତାରିଖରେ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ପହଞ୍ଚି ସେ ସେଲମ ଅଞ୍ଚଳର ଏକ ସୂତାକଳରେ କାମ କରିବାର ଥିଲା । ହେଲେ ସେଲମ ଷ୍ଟେସନରେ ପହଞ୍ଚିବା ପରେ କିଛି ଦୁର୍ବୃତ୍ତ ତାଙ୍କୁ ଅପହରଣ କରିନେଇଥିଲେ। ସହଯୋଗୀମାନେ ତାଙ୍କୁ ନପାଇବାରୁ ପୁଅ କହ୍ନେଇକୁ ଏ ସଂପର୍କରେ ସୂଚନା ଦେଇଥିଲେ। ପରିବାରଲୋକ ବୈଶିଙ୍ଗା ଥାନାରେ ଦିଲ୍ଲୀପଙ୍କ ନିଖୋଜ ସଂପର୍କିତ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ୍ ତାଙ୍କୁ ତାମିଲନାଡୁରେ ଅଭିଯୋଗ କରିବାକୁ କହି ଫେରାଇ ଦେଇଥିଲା। କହ୍ନେଇ ବି ତାମିଲନାଡୁର ଅନ୍ୟ ଏକ ସ୍ଥାନରେ ଦାଦନ ଖଟୁଥିବାରୁ ସେ ସେଠାକାର ଅଞ୍ଚଳ ବିଷୟରେ ପରିଚିତ ଥିଲେ ଏବଂ ସେଠାକାର ଏକ ଥାନାରେ ଅଭିଯୋଗ କରିଥିଲେ। ତେବେ ଗତ ୧୭ତାରିଖ ଦିନ ତାଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ଅପରପକ୍ଷର ବ୍ୟକ୍ତିଜଣଙ୍କ କହିଥିଲା ଯେ ତୁମ ବାପାଙ୍କୁ ଗୁରୁତର ଅବସ୍ଥାରେ ସେଲମସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। କହ୍ନେଇ ଡାକ୍ତରଖାନାରେ ପହଞ୍ଚି ଦେଖିବା ବେଳକୁ ଦିଲ୍ଲୀପଙ୍କ ବେକ ସମେତ ଏକାଧିକ ସ୍ଥାନରେ ଗଭୀର କ୍ଷତ ରହିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଗୁରୁବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଜଗନ୍ନାଥବଲ୍ଲଭ ବହୁତଳ ପାର୍କିଂରେ ଦୁର୍ଘଟଣା

# ପ୍ରଥମ ମହଲାରୁ ଖସିପଡ଼ିଲା ବୋଲେରୋ

ପୁରୀ,୨୪।୮(ସମିସ): ଜଗନ୍ନାଥ ବଲ୍ଲଭ ମଠ ପରିସର ବହୁତଳ କାର୍ ପାର୍କିଂରେ ଘଟିଛି ଅଘଟଣ। ପାର୍କିଂର ପ୍ରଥମ ମହଲାରୁ ତଳକୁ ଖସି ପଡ଼ିଛି ଏକ ବୋଲେରୋ। ଗାଡ଼ିଟି ଭାଙ୍ଗିରୁଜି ଯାଇଥିବା ବେଳେ ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ଚାଳକ ହେଉଛନ୍ତି, ଭଦ୍ରକ ଧାମରା ମେରାଇନ୍ ଥାନା ବଳଭଦ୍ରପ୍ରସାଦ ଗ୍ରାମର ସଞ୍ଜୟ ସେଠୀ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବହୁତଳ ପାର୍କିଂ କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ପ୍ରାୟ ବର୍ଷେରୁ ଅଧିକ ହେବ ଏହା କାର୍ଯ୍ୟକ୍ଷମ ହେଲାଣି। ସେହିପରି ପାର୍କିଂ ଜାଗାର ବାଡ଼ା ଫାଙ୍କା ରହିଥିବା ବେଳେ କୌଣସି ପ୍ରକାର ସୁରକ୍ଷା ପ୍ରାଚୀର ନ ରହିବା ଘଟଣାକୁ ସମସ୍ତେ ନିନ୍ଦା କରିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ରବିବାର ସକାଳେ ଭଦ୍ରକରୁ ଯାତ୍ରୀଙ୍କୁ ଆଣି ବୋଲେରୋ ଗାଡ଼ିଟି ବହୁତଳ ପାର୍କିଂରେ ପହଞ୍ଚିଥିଲା। ସେଠାରେ ଯାତ୍ରୀଙ୍କୁ ଓହ୍ଲାଇ ପ୍ରଥମ ମହଲାରେ ଚାଳକ ଗାଡ଼ିକୁ ପାର୍କିଂରେ ରଖିବା ପାଇଁ ବ୍ୟାକ୍ କରୁଥିଲେ। ପଛପାର୍ଶ୍ୱ ଫାଙ୍କା ଥିବା ବେଳେ କୌଣସି ଗାର୍ଡୱାଲ୍ ବା ସୁରକ୍ଷା ପ୍ରାଚୀର ନଥିଲା। ଫଳରେ ଚାଳକ ଗାଡ଼ିକୁ ପଛକୁ ନେଉଥିବା



ବେଳେ ଗାଡ଼ିଟି ତଳକୁ ଖସିପଡ଼ିଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗାଡ଼ି ଭିତରେ କୌଣସି ଯାତ୍ରୀ ନଥିଲେ। ନଚେତ୍ ଏକ ବଡ଼ ଅଘଟଣ ଘଟିଥା'ନ୍ତା। ଖବର ପାଇ ଟାଉନ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଥିବା ବେଳେ କ୍ରେନ୍ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ସିଧା କରାଯାଇଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଠାରେ ପାର୍କିଂ ଫି' ବାବଦକୁ ୫୦ ଟଙ୍କା ଲେଖାଏଁ ଆଦାୟ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନ ଦାୟିତ୍ୱରେ ଏହା ରହିଥିବା ବେଳେ ଓବିସିସି ନିର୍ମାଣ ଶେଷ କରିନାହିଁ। ଦେଢ଼ବର୍ଷ

**■ ଚାଳକ ଗୁରୁତର, ହସ୍ପିଟାଲରେ ଭର୍ତ୍ତି**
**■ କାମ ସରିନି, ପାର୍କିଂ କରାଯାଉଛି**

ହୋଇଗଲାଣି ପୁରୀର ପ୍ରକଳ୍ପଗୁଡ଼ିକ ସେମିତି ପଡ଼ିରହିଥିବା ବେଳେ ବହୁତଳ କାର୍ ପାର୍କିଂ ଅବସ୍ଥା ବି ସେମିତି ରହିଛି। ଫଳରେ ଏହି ପାର୍କିଂ କାମ ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। କିନ୍ତୁ ଦିନକୁ ହଜାର ହଜାର ଗାଡ଼ି ଏଠାରେ ରଖାଯାଉଛି । ବହୁତଳ ପାର୍କିଂର ଛାତ ଚାରିପଟେ ସୁରକ୍ଷା ପ୍ରାଚୀର ରହିବା ଦରକାର । ହେଲେ ଏଠାରେ ତାହା ନାହିଁ। କାମ ସରି ନ ଥିବାବେଳେ କାହିଁକି ପ୍ରଥମ ମହଲାରେ ଗାଡ଼ି ପାର୍କିଂ କରାଯାଉଛି ତାହାକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟପକ୍ଷରେ ଗାଡ଼ିର ଜଣେ ଯାତ୍ରୀ କିଶୋର ବେହେରା କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆମେ ସମସ୍ତେ ବଞ୍ଚିଗଲୁ। ପାର୍କିଂରେ ଆମେ ଓହ୍ଲାଇ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଇଥିଲୁ। ଫେରିବା ପରେ ଏଭଳି ଦୁର୍ଘଟଣା ଘଟିଛି ଜାଣିବାକୁ ପାଇଲୁ। ଯଦି ଆମେ ଗାଡ଼ିରେ ଥାଆନ୍ତୁ, କେତେବଡ଼ ଅଘଟଣ ଘଟିଥା'ନ୍ତା? ଆମେ ଛୁଆ ପିଲା ହୋଇ ଧାମରା କୁଆଁଳରୁ ଆସିଥିଲୁ। ଗାଡ଼ି ଭିତରୁ ବ୍ୟାଗ୍ ସହ ଚପଲ ଧରି ଇଆଡ଼େ ସିଆଡ଼େ ବୁଲୁଥିଲା ବେଳେ କିଶୋର କହିଥିଲେ ମହାପ୍ରଭୁ ଆମକୁ ବଡ଼ ଦୁର୍ଘଟଣାରୁ ବଞ୍ଚାଇଦେଲେ । ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବାସ୍ତବିକ ଏହା ଦୁଃଖଦାୟକ ଘଟଣା। ପାର୍କିଂସ୍ଥଳର ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ଗାର୍ଡୱାଲ୍ ନିର୍ମାଣ କରିବା ପାଇଁ ଓବିସିସିକୁ ନିର୍ଦ୍ଦେଶ ଦିଆଯିବ। କ'ଣ ପାଇଁ ଏମିତି ଏକ ଦୁଃଖଦ ଘଟଣା ଘଟିଲା, ତାହାର ତଦନ୍ତ ହେବ।

# ଦେଓଗାଁ ବ୍ଲକ୍‌ରେ ମରୁଡି ଆଶଙ୍କା

ବଲାଙ୍ଗିର,୨୪।୮(ସମିସ): ଚଳିତ ବର୍ଷ ଆରମ୍ଭରେ .ଷ ଜମିକୁ ସୁହାଇଲା ଭଳି ବର୍ଷା ହେବ ବୋଲି ଆଶା କରାଯାଉଥିଲା; କିନ୍ତୁ ଠିକ୍ ଓଲଟା ଦେଖା ଦେଇଛି । ବିଶେଷ କରି ଏ ବର୍ଷ ସ୍ୱଳ୍ପ ବୃଷ୍ଟି ଯୋଗୁଁ ଦେଓଗାଁ ବ୍ଲକ ଅଞ୍ଚଳର ପ୍ରାୟ ପଞ୍ଚାୟତରେ .ଷ ପ୍ରଭାବିତ ହେବ ।.ଷ ଜମି ପାଣି ଅଭାବରୁ ଫାଟି ଗଲାଣି । ଓଲଟା ଯେଉ କିଛି ଅଳ୍ପ ଜମିରେ .ଷ ହେବାର ସମ୍ଭାବନା ଅଛି ତାକୁ ବଞ୍ଚାଇବା ପାଇଁ ଦରକାର ହେଉଥିବା ସାର ଓ ଔଷଧ ନିର୍ଦ୍ଧାରିତ ମୂଲ୍ୟରୁ ବହୁ ଉଚ୍ଚ ମୂଲ୍ୟରେ .ଷୀ କିଣିବାକୁ ବାଧ ହେଉଛି । ଏକରେ ସ୍ୱଳ୍ପ ବୃଦ୍ଧି, ଦ୍ୱିତୀୟତଃ ସାର ଔଷଧର କଳାବଜାର ଦେଓଗାଁ ବ୍ଲକର .ଷୀଙ୍କ ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରୁଛି । ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କଂଗ୍ରେସ ନେତା ସମରେନ୍ଦ୍ର



ମିଶ୍ର ନିଜ ପ୍ରତିକ୍ରିୟାରେ ଏହା କହିଛନ୍ତି । ରାମଚନ୍ଦ୍ରପୁର, ଡୁମେରପିଟା, ସିଂହାମୁଣ୍ଡା, ଦେଷଣ୍ଟେ, ବନ୍ଧପଡା ପଞ୍ଚାୟତର ବିଭିନ୍ନ ଗାଁର .ଷ ଜମିକୁ ଶ୍ରୀ ମିଶ୍ର ବୁଲି ଦେଖିଥିଲେ । ସେ ଅଞ୍ଚଳର .ଷୀ, ସାଧାରଣ ଜନତାଙ୍କ ସହ .ଷ ଜମିକୁ ଯାଇ .ଷ ସ୍ଥିତି ବିଷୟରେ ଲୋକଙ୍କ ସହ ଆଲୋଚନା କରିଥିଲେ । ପ୍ରାୟତ .ଷ ଜମି ପାଣି ଅଭାବରୁ ଫାଟି ଗଲାଣି । କିଛି ଅଞ୍ଚଳରେ ଲୋକେ ହତାଶ ହୋଇ ଜମିକୁ ମଧ୍ୟ ଯିବାର ବନ୍ଦ କରିଦେଲେଣି; କିନ୍ତୁ ଏ ପର୍ଯ୍ୟନ୍ତ ସରକାର ତଥା ତାଙ୍କର .ଷ ସମ୍ବନ୍ଧୀୟ ବିଭାଗଗୁଡିକର କୌଣସି ଅଧିକାରୀ ଏ ବିଷୟରେ କୌଣସି ପ୍ରକାର ପଦକ୍ଷେପ ନେଇ ନାହାନ୍ତି ବୋଲି ଉପସ୍ଥିତ .ଷୀ ଅଭିଯୋଗ କରିଛନ୍ତି । କିଛି କିଛି ଜାଗାରେ ହୋଇଥିବା .ଷ ର ଯତ୍ନ ପାଇଁ ଦରକାର ହେଉଥିବା ସାର ଓ ଔଷଧ ମିଳୁନାହିଁ । ଯଦି ମିଳୁଛି ତାହା ସରକାରୀ ଧାର୍ଯ୍ୟ ମୂଲ୍ୟରୁ ବହୁତ ଉଚ୍ଚ ଦରରେ । ଏପରି ସାରର କଳାବଜାର .ଷୀ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ ହେଉଛି ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ କହିଛନ୍ତି । ଏହି ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ସେ ଆଲୋଚନା କରିବେ ବୋଲି ଉପସ୍ଥିତ .ଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ସମରେନ୍ଦ୍ରଙ୍କ ଏହି ଗସ୍ତ ସମୟରେ କଂଗ୍ରେସ ନେତା ରାମଜୀ ଚୌଧୁରୀ, ଯୋଗେଶ୍ୱର ସାହୁ, କାନ୍ତେଶ୍ୱର ପ୍ରଧାନ, ଅସୀତ ମିଶ୍ର, ଭକ୍ତ ଧରୁଆ, ବିମଳ ସାହୁ, ଜୁଗନ ପଧାନ, ନୟନ ମିର୍ଦ୍ଧା, ପ୍ରଦୋଶ ପାଣିଗ୍ରାହୀ, ଲାଲୁ ପ୍ରଧାନ, ଲିଟନ ହୋତା, ରାଧାକାନ୍ତ ପଟେଲ, ରମେଶ ଚନ୍ଦନଙ୍କ ସମେତ ଅନେକ .ଷୀ ଉପସ୍ଥିତ ଥିଲେ ।

## ପୁଣି ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣା

# ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ; ରାସ୍ତାରେ ପ୍ରସବ କଲେ ମହିଳା

ଲାଞ୍ଜିଗଡ଼,୨୪।୮(ସମିସ):





କଳହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଦୁର୍ଗମ ଅଞ୍ଚଳରେ ପୁଣି ଜନନୀ ଯନ୍ତ୍ରଣା । ବିଜେପୁର ପଞ୍ଚାୟତ ବଣ୍ଡେଲ ପଡ଼ାରେ ଗତ ମଙ୍ଗଳବାର ଗାଁର ମିଶ୍ର ମାଝୀଙ୍କ ସ୍ତ୍ରୀ କାଞ୍ଚ ମାଝୀଙ୍କ ପ୍ରସବ ଯନ୍ତ୍ରଣା ହୋଇଥିବାବେଳେ ରାସ୍ତା ନଥିବା ଯୋଗୁଁ ଗାଁକୁ ଆସି ପାରି ନ ଥିଲା ଆମ୍ବୁଲାନ୍ସ । ମହିଳାଜଣକ ବର୍ଷାରେ ଭିଜିଭିଜି ୧ କି.ମି. ଆସିବା ପରେ ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ରବିବାର ପୁଣି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତର କୁଟିଆକନ୍ଧଙ୍କ ପୋଡାପଦର ଗାଁରେ ଦେଖିବାକୁ ମିଳିଛି ଏଭଳି ଏକ ଅଭାବନୀୟ ଘଟଣା । ଜଣେ ମହିଳାଙ୍କୁ ପ୍ରସବ ଯନ୍ତ୍ରଣା ହୋଇଥିବାବେଳେ ଗାଁକୁ ଆସିପାରିଲା ନାହିଁ ଆମ୍ବୁଲାନ୍ସ । ମହିଳା ଜଣକ ଶନିବାର ସନ୍ଧ୍ୟା ୭ରେ ୧ କି.ମି. ବାଟ ଚାଲିବା ପରେ ରାସ୍ତାରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇ ପିଲାକୁ ଧରି ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା ।

ବିଜେପୁର ପଞ୍ଚାୟତ ପୋଡାପଦର ଗାଁର ଡମେ ମାଝୀଙ୍କ ସ୍ତ୍ରୀ ଜନନୀ ମାଝୀଙ୍କୁ ଶନିବାର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ପରିବାର ପକ୍ଷରୁ ଆମ୍ବୁଲାନ୍ସକୁ କଲ୍ କରାଯାଇଥିଲା । କିଛି ସମୟ ମଧ୍ୟରେ ଆମ୍ବୁଲାନ୍ସ ପହଞ୍ଚି ଥିଲା ସତ କିନ୍ତୁ ରାସ୍ତା ନଥିବା ଯୋଗୁଁ ଗାଁକୁ ଯାଇ ନପାରି ୧ କି.ମି. ଦୂର କଳାକୁପା-ବିଶ୍ୱନାଥପୁର ମୁଖ୍ୟ ରାସ୍ତାର ବିଜେପୁର ବଜାରପଡ଼ା ନିକଟରେ ଅଟକି ରହିଥିଲା । ଶନିବାର ସନ୍ଧ୍ୟା ପ୍ରାୟ ୭ ଟାରେ ଜନନୀ ତାଙ୍କ ପରିବାର ଓ ଗାଁର ମହିଳାମାନଙ୍କ ସହିତ ପ୍ରାୟ ୫୦୦ ମିଟର ଚାଷ ଜମି ହିଡରେ ଚାଲିବା ପରେ ଏକ ନାଳପାଖରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ଏହାପରେ ପୁଣି ଜନ୍ମିତ ଶିଶୁପୁତ୍ରଙ୍କୁ ଧରି ୫୦୦ ମିଟର ଚାଲିଚାଲି ଯାଇ ବିଜେପୁର ବଜାରପଡା ନିକଟରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସ ନିକଟକୁ ଆସିବାପରେ ସେଠାରୁ ତାଙ୍କୁ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଡାକ୍ତରଖାନାକୁ ନିଆଯାଇଥିଲା । ପୋଡ଼ାପଦର ବାସୀଙ୍କ କହିବା ଅନୁସାରେ ଗାଁରେ ୧୦୦ ବର୍ଷ ହେଲା ୧୨ ଆଦିବାସୀ ପରିବାର ବସବାସ କରୁଛନ୍ତି । ଆମର ମୁଖ୍ୟ ସମସ୍ୟା ହେଉଛି ରାସ୍ତା । ରାସ୍ତା ନଥିବାରୁ ଗ୍ରାମବାସୀ ନାନାଦି ଅସୁବିଧା ଭୋଗୁଛୁ । ଗର୍ଭବତୀ କିମ୍ବା ଗୁରୁତର ରୋଗୀଙ୍କୁ ଖଟିଆରେ ୧ କିମି ବୋହିକି ମୁଖ୍ୟ ରାସ୍ତା ନେବାକୁ ପଡିଥାଏ । ରାସ୍ତା ଟିଏ ନ ଥିବାରୁ ଗାଁ ପିଲା ପାଠ ପଢ଼ାରୁ ବଞ୍ଚିତ ହେଉଥିବା ବେଳେ ସରକାର ପକ୍ଷରୁ ମିଳିଥିବା ଘର ଖଣ୍ଡେ ମଧ୍ୟ ନିର୍ମାଣ କରିପାରୁ ନାହାନ୍ତି । ବିଜୁଳି ଆଲୁଅ ଏହି ଗାଁ ପାଇଁ ସାତସପନ ହୋଇଛି । କେବଳ ପୋଡ଼ାପଦର ନୁହେଁ ବ୍ଲକ୍‌ରେ ବର୍ତ୍ତମାନ ମଧ୍ୟ ୬୦ରୁ ଅଧିକ ଗ୍ରାମକୁ ପାଦଚଲା ରାସ୍ତା ରହିଥିବା ବେଳେ ଏଭଳି ସମସ୍ୟା ନିତି ଦିନିଆ ହୋଇ ପଡୁଥିବା ବେଳେ ଦୁର୍ଗମ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଆକ୍ରମଣରେ ଜ୍ୱାଇଁ ଗୁରୁତର, ଶଶୁର ଗିରଫ

ଦେଓଗାଁ,୨୪।୮(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ତଥା ସଦର ବ୍ଲକ୍ ଶିବତଲାରେ ଶଶୂର ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣାରେ ଶଶୂର ସନ୍ତୋଷ ନାଏକକୁ ପୁଲିସ ଗିରଫ କରିଛି । ଆଠଗାଁର ସମୀର କୁଅଁର ଦେଓଗାଁ ଥାନା ଶିବତଲା ଗାଁରେ ବିବାହ କରିଛନ୍ତି । ତାଙ୍କ ସ୍ତ୍ରୀ ପାରିବାରିକ କଳହରୁ ବାପ ଘରେ ରହୁଛନ୍ତି । ରବିବାର ସମୀର ଶିବତଲାସ୍ଥିତ ଶଶୂର ଘରକୁ ସ୍ତ୍ରୀଙ୍କୁ ନେବା ପାଇଁ ଯାଇଥିଲେ । ଏଥିରେ କଥା କଟାକଟି ହୋଇ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝାମେଲା ହୋଇଥିଲା । ବାପା ସମ୍ମୁଖରେ ଝିଅକୁ ଜ୍ୱାଇଁ ସମୀର ମାଡ ମାରିବା ପରେ ସନ୍ତୋଷ ପ୍ରତିଶୋଧ ପରାୟଣ ହୋଇଉଠିଥିଲେ । ନିକଟସ୍ଥ ହରଗୌରୀ ମନ୍ଦିର ନିକଟରେ ସେ ଜ୍ୱାଇଁ ଯିବା ବାଟକୁ ଅପେକ୍ଷା କରିଥିଲେ । ସେହିବାଟେ ସମୀର ବାଇକରେ ଯାଉଥିବା ବେଳେ ସନ୍ତୋଷ ଆକ୍ରମଣ କରିଥିଲେ ।

## ବୁର୍ଡା ଦୁର୍ଗାପୂଜା କମିଟି ଗଠିତ

ଲୋଇସିଂହା,୨୪।୮(ସମିସ): ଲୋଇସିଂହା ବ୍ଲକ ବୁର୍ଡା ଦୁର୍ଗାପୂଜା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ଦୁର୍ଗାପୂଜା ପାଇଁ ସଭାପତି ଭାବେ ଶମ୍ଭୁ ପ୍ରସାଦ ସାହୁ, ଉପ ସଭାପତି ଭାବେ ସରୋଜ ସଠୁଆ, ସମ୍ପାଦକ ଭାବେ ଦେବାନନ୍ଦ ସାହୁ, ସହ ସମ୍ପାଦକ ଭାବେ ବ୍ୟୋମକେଶ ଥାନପତି, କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି । ଚଳିତ ବର୍ଷ ୪ଦିନ ଧରି ରାବଣ ଦରବାର ଅନୁଷ୍ଠିତ ହେବ । ବିଜୟ ଦଶମୀରେ ଆତସବାଜି ବିଶେଷ ଆକର୍ଷଣ ହେବ ବୋଲି ସଭାପତି ସୂଚନା ଦେଇଛନ୍ତି ।

## ଫିଟ୍ ଇଣ୍ଡିଆ ପାଇଁ ଘଣ୍ଟାପଡ଼ା ପୁଲିସର ସାଇକଲ ଯାତ୍ରା

ଶଗଡା,୨୪।୮(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପକ୍ଷରୁ ଏକ ଜନ ସେଚତନତା ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଘଣ୍ଟାପଡ଼ା ଥାନା ଅଧିକାରୀ ବାଲ୍ମିକ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ । ଏସ୍ଆଇ ମାଧବଚନ୍ଦ୍ର ଟାକ୍ରି,ଏସ୍ଆଇ ବିଶ୍ୱାମିତ୍ର ଲୋଇଙ୍କ ସହ ସମସ୍ତ ପୁଲିସ କର୍ମଚାରୀ, ଆଇଆରବି ଜବାନ, ହୋମଗାର୍ଡ ସାମିଲ ଥିଲେ ।

## ୧୭ରେ ବିଶାଳ ରକ୍ତଦାନ ପାଇଁ ପ୍ରସ୍ତୁତି

ଟିଟିଲାଗଡ଼, ୨୪।୮(ସମିସ): ସେପ୍ଟେମ୍ବର ୧୭ରେ ଟିଟିଲାଗଡ଼ରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ରବିବାର ଏନେଇ ଏକ ପ୍ରସ୍ତୁତି ବୈଠକ ବସିଥିଲା । ବିଧାୟକ ନବୀନ ଜୈନ, ସର୍ବେଶ୍ୱର ମହାପାତ୍ର, ଡୋଲାମଣି ବସ୍ତିଆ, ଉମେଶ ଭୋଇ, ରମେଶ ସାହୁ, ପ୍ରକାଶ ଗହିର, ଗୋବର୍ଦ୍ଧନ ତ୍ରିପାଠୀ, ଲୋଚନ ସାହୁ, ଦେବରାଜ ମହାନନ୍ଦ, ଦିଲୀପ ରଣା, ଥବୀର ରଣା, ଶଙ୍କର ସାହୁ, ଶରଣ ସାହୁ, ମଦନ ସାହୁ, ଅମର ଧରୁଆ, ମୋହନ ନାଏକ, ବବଲୁ ବୁଡ଼େକ, ରାୟଧର ରଣା, ଗୋପବନ୍ଧୁ ବଗର୍ତ୍ତୀ, ମହେନ୍ଦ୍ର ଅମାତ, ନିଧି ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ୩ ନୂତନ ଏନ୍‌ଏସି ଗଠନ ପାଇଁ ତେଜିବ ଆନ୍ଦୋଳନ

## ନିରାଶ କରିଛି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଭବାନୀପାଟଣା,୨୪।୮(ସମିସ): ରାଜ୍ୟ ସରକାର ତରବରିଆ ଭାବେ ୧୨ଟି ନୂତନ ଏନ୍‌ଏସି ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ଘୋଷଣା କରିଛନ୍ତି । ଦୁଃଖ ଓ ପରିତାପର ବିଷୟ ଯେ କଳାହାଣ୍ଡି ଜିଲ୍ଲାର ୩ଟି ବ୍ଲକ ନର୍ଲା, ଏମ୍ ରାମପୁର ଓ ଜୟପାଟଣାକୁ ବାଦ୍ ଦିଆଯାଇଛି । ବର୍ତ୍ତମାନ ଏହି ତିନୋଟି ବ୍ଲକରେ ଅସନ୍ତୋଷ କୁହୁଳୁଛି । ଆଗାମୀ ୨୬ ଓ ୨୭ତାରିଖ ୨ଦିନ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକଙ୍କ କଳାହାଣ୍ଡି ଗସ୍ତ କାର୍ଯ୍ୟକାମ ରହିଛି । ସେ ସମୟରେ ନୂତନ ଏନ୍‌ଏସି ପାଇଁ ଦାବିପତ୍ର ଦେବାଲାଗି ସଜବାଜ ଚାଲିଥିବା ଜଣାପଡ଼ିଛି । ପୂର୍ବରୁ ନବୀନ ସରକାର କଳାହାଣ୍ଡି ଜିଲ୍ଲାର ୩ ସହର ସମେତ ରାଜ୍ୟର ଅନ୍ୟାନ୍ୟ ସହରଗୁଡିକୁ ଏନ୍.ଏ.ସି.ର ମାନ୍ୟତା ଦିଆଯିବାକୁ ଘୋଷଣା କରିଥିଲେ । ହେଲେ ବିଜେପି ସରକାର ଗଠନର ଗୋଟିଏ ବର୍ଷପରେ ନୂଆ ଏନ୍‌ଏସି ଗଠନ ନେଇ ସରକାରୀ ପ୍ରସ୍ତାବରେ ଘୋର ବ୍ୟତିକ୍ରମ ଦେଖାଦେଇଛି । ଫଳରେ କଳାହାଣ୍ଡି ଜିଲ୍ଲାର ଜୟପାଟଣା, ନର୍ଲା ଓ ମଦନପୁର ରାମପୁର ଏନ୍‌ଏସି ହେବା ନେଇ ଲୋକଙ୍କ ଆଶା ନିରାଶାରେ ପରିଣତ ହୋଇଛି । କଳାହାଣ୍ଡି ଜିଲ୍ଲାର ଜୟପାଟଣା, ନର୍ଲା ଓ ମଦନପୁର ରାମପୁର ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କରାଯିବାକୁ ବହୁ ବର୍ଷ ଧରି ଦାବି ହୋଇଆସୁଛି । ମଦନପୁର ରାମପୁରକୁ ଉପଖଣ୍ଡ ମାନ୍ୟତା ଦେବାଲାଗି ସ୍ଥାନୀୟ ଅଞ୍ଚଳରେ ଜୋରଦାର ଆନ୍ଦୋଳନ ଚାଲିଥିଲା । ତାହା ସମ୍ଭବ ହୋଇପାରିଲା ନାହିଁ । ଅନ୍ତତଃ ଏନ୍‌ଏସି. ଘୋଷଣା ହେବାକଥା । କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ୍‌କୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିରେ ବିଭିନ୍ନ ସଂଘଠନ ତଥା ଅନୁଷ୍ଠାନ ତରଫରୁ ଦୀର୍ଘବର୍ଷ ଧରି ଆନ୍ଦୋଳନ ଜାରି ରଖିଛନ୍ତି । ଉପଖଣ୍ଡ ମାନ୍ୟତା ତ ମିଳିଲା ନାହିଁ । ଏବେ ମଧ୍ୟ ମ.ରାମପୁର ଏନ୍‌ଏସି ଘୋଷଣାରୁ ବାଦ୍ ପଡ଼ିଲା । ଏହି ଖବର ପ୍ରଚାରିତ ହେବାପରେ ଅଞ୍ଚଳବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ମ ରାମପୁର ବ୍ୟବସାୟୀ ସଂଘ ସେ ସମୟରେ ଆନ୍ଦୋଳନର ମଙ୍ଗଧରି କାର୍ଯ୍ୟ କରୁଥିଲା ବର୍ତ୍ତମାନ ସରକାର ବିଚାର ନକଲେ ପୁଣି ବଡ଼ ଆନ୍ଦୋଳନର ସୂତ୍ରପାତକୁ ଅସ୍ୱୀକାର କରିହେବନାହିଁ । ନିର୍ବାଚନ ପୂର୍ବରୁ ତତ୍କାଳୀନ ସରକାର ଏହି ୩ ସହରକୁ ଏନ୍‌ଏସି ଗଠନ କରାଯିବାକୁ ଘୋଷଣା କରିଥିଲେ । ନୂତନ ସରକାରଙ୍କ ନୂଆ ଏନ୍‌ଏସି ଘୋଷଣା ସମସ୍ତଙ୍କୁ ମର୍ମାହତ କରିଛି । ଏହି ଖବର ପ୍ରଚାରିତ ହେବାପରେ ୩ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ନର୍ଲା ପଞ୍ଚାୟତର ନର୍ଲା ବ୍ଲକ୍ ମହକୁମା ସମେତ ରେଗପୁର୍, ଦେହେଲି, ଯୁକାଉଟା, ଡଙ୍ଗରମାଲ, ରେଗଡ଼ିମାଲ ଆଦି ୧୮ ପଞ୍ଚାୟତ ଓ ସର୍ଗିଗୁଡ଼ା ପଞ୍ଚାୟତର ସର୍ଗିଗୁଡ଼ା, ବେହେରାପାଟି, ନର୍ଲା ରୋଡ, ଭଟାଙ୍ଗ, ସୁଜିପଡ଼ା, ଉଲିସିକା, ବାଙ୍କେଲ ଆଦି ଗାଁକୁ ମିଶାଇ ୧୩ ୱାର୍ଡ ବିଶିଷ୍ଟ ନର୍ଲା ଏନ୍‌ଏସି କରାଯିବାକୁ ଘୋଷଣା କରାଯାଇଥିଲା । ଉଭୟ ପଞ୍ଚାୟତର ଜନସଂଖ୍ୟା ୧୮ ହଜାରରୁ ଉର୍ଦ୍ଧ୍ୱହେବ । ନର୍ଲା ସହର ସହିତ ସଡକପଥ ରେଳଯାତ୍ରା ପାଇଁ ଯୋଗାଯୋଗର ସୁବିଧା ରହିଛି । ସେହିଭଳି ମଦନପୁର ରାମପୁର ସହର ସମେତ ବୁରାଟ ମଟୋଗଣ୍ଡା, ଗୌଡ଼କେଲା, ଚନ୍ଦନପିଣ୍ଡା, ହରିଚନ୍ଦ୍ରପୁର ପପସି ଆଦି ପ୍ରାୟ ୧୧ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ୧୯ଟି ୱାର୍ଡକୁ ନେଇ ଗଠିତ ମଦନପୁର ରାମପୁରକୁ ଏନ୍‌ଏସି ଗଠନ କରାଯିବାକୁ ତତ୍କାଳୀନ ସରକାର ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଜିଲ୍ଲାର ଏକ ସମୃଦ୍ଧ ଅଞ୍ଚଳ ଭାବେ ପରିଚିତ ଜୟପାଟଣା ପଞ୍ଚାୟତକୁ ମଧ୍ୟ ଏନ୍‌ଏସି ଘୋଷଣା କରାଯାଇଥିଲା । ଜୟପାଟଣା ସହର ସମେତ ଏହି ପଞ୍ଚାୟତ ଅନ୍ତର୍ଗତ ଚିକା ଓ ଖଏରମାଲ ଗାଁକୁ ଏଥରେ ସାମିଲ କରାଯାଇଥିଲା । ୧୫ ୱାର୍ଡ ବିଶିଷ୍ଟ ଜୟପାଟଣା ପଞ୍ଚାୟତର ଜନସଂଖ୍ୟା ୧୫ ହଜାରରୁ ଅଧିକ । ଏହି ୩ସହର ଭିଭିଭୂମି, ଜନସଂଖ୍ୟା ଓ ଅନ୍ୟାନ୍ୟ ଆବଶ୍ୟକୀୟ ମାପକାଠି ପୂରଣ କରୁଛି । ସେହି ଦୃଷ୍ଟିରୁ ଦୀର୍ଘବର୍ଷ ଧରି ଲୋକେ ଦାବି କରିଆସୁଥିଲେ । ଏହି ୩ ସହରକୁ ଏନ୍‌ଏସି କରାଯିବାକୁ ସରକାର ଘୋଷଣା କରିଥିବାରୁ ଅଞ୍ଚଳବାସୀ ଆଶ୍ୱସ୍ତି ପ୍ରକାଶ କରିଥିଲେ । ତତ୍‌ସହିତ ନିର୍ବାଚନ ପରେ ଏନ୍‌ଏସି ମାନ୍ୟତା ପାଇବ ବୋଲି ସମସ୍ତେ ଚିନ୍ତା କରୁଥିଲେ । କିନ୍ତୁ ନୂଆଁ ସରକାର ଗଠନ ହେବାର ଗୋଟିଏ ବର୍ଷପରେ କଳାହାଣ୍ଡି ଜିଲ୍ଲାକୁ ଅଣଦେଖାର ଉଚିତ ଜବାବ ଦିଆଯିବ । ଜୟପାଟଣା ବ୍ଲକରେ ଏନଏସି ଦାବୀକୁନେଇ ୬ଘଣ୍ଟିଆ ବନ୍ଦ ପାଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ନିଷ୍ପତ୍ତି କଳାହାଣ୍ଡିବାସୀଙ୍କୁ ନିରାଶା ଆଡକୁ ଠେଲି ଦେଇଛି । ତେଣୁ ରାଜ୍ୟ ସରକାର ବିଧିବଦ୍ଧ ନିଷ୍ପତ୍ତି ନ ନେଲେ ଅଞ୍ଚଳବାସୀ ଅଧିକ ପ୍ରତିକ୍ରିୟାଶୀଳ ହେବା ସଙ୍ଗେସଙ୍ଗେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମତ ପ୍ରକାଶ ପାଇଛି ।

## ରାମଲୀଳା କଳାକାରଙ୍କ ବୈଠକ

ଦେଓଗାଁ,୨୪।୮(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ଆମ୍ରକାନନରେ ରବିବାର ବଲାଙ୍ଗିର, କଳାହାଣ୍ଡି ଓ ସୋନପୁର ଜିଲ୍ଲାର ରାମଲୀଳା କଳାକାରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କଳାକାର ସୁରଥ ଧରୁଆଙ୍କ ସଭାପତିତ୍ୱ ଏବଂ ରମାକାନ୍ତ ମିଶ୍ରଙ୍କ ସଂଯୋଜନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ କଳାକାର ମହେନ୍ଦ୍ର ସାହୁ, ଶରତ ମେହେର, ଦୁଲେଶ୍ୱର କଲତା, ସୋମନାଥ ନାଏକ, ବିଭୀଷଣ ମାଝୀ, ଭୋପାଲ ପଧାନ, ସୁଦାମ କୁଦେଇ, ରାମେଶ୍ୱର ଦଣ୍ଡସେନା, ଧନେଶ୍ୱର ନାଗ, ପ୍ରଶାନ୍ତ ମିଶ୍ର ଓ ମନୋଜ କୁଦେଇ ପ୍ରମୁଖ ଉପସ୍ଥିତ ଥିଲେ । ଶରତ ପୁଟେଲ ଧନ୍ୟବାଦ ଦେଇଥିଲେ ।

## ଟ୍ରେନ୍‌ରେ କଟି ଯୁବକ ମୃତ

ଡୁଙ୍ଗୁରିପାଲି,୨୪।୮(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଫଟାମୁଣ୍ଡା ନିକଟରେ ରେଳ ଲାଇନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ତେବେ ମୃତକଙ୍କ ପରିଚୟ ଜଣାପଡ଼ିନାହିଁ । ସ୍ଥାନୀୟ ଲୋକେ ରେଳ ଲାଇନରେ ଜଣେ ଯୁବକ ପଡ଼ିଥିବା ଦେଖି ଡୁଙ୍ଗୁରିପାଲି ପୁଲିସ ଓ ରେଳ ବିଭାଗକୁ ଖବର ଦେଇଥିଲେ । ରେଳ ବିଭାଗ ଖବର ପାଇବା ପରେ ଘଟଣା ସ୍ଥଳରେ ଜିଆରପି ପହଞ୍ଚି ତଦନ୍ତ କରୁଛି ।

● ଧରାପଡିଲେ ୨ ଗୋ-ଚାଲାଣକାରୀ

## ୨ ପିକ୍‌ଅପ୍‌ରୁ ୧୦ରୁ ଅଧିକ ଗୋରୁ ଉଦ୍ଧାର

ଦେଓଗାଁ,୨୪।୮(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ବନ୍ଧପଡା ଫାଣ୍ଡି ଅଧୀନ ସିଂହାମୁଣ୍ଡା ରାସ୍ତାରେ ବେଆଇନ ଗୋ-ଚାଲାଣ ଧରା ପଡିଛି । ୨ ପିକ୍‌ଅପ୍‌ରୁ ୧୦ରୁ ଅଧିକ ଗୋରୁ ଉଦ୍ଧାର ହୋଇଛନ୍ତି । ଏହି ଘଟଣାରେ ୨ ଜଣକୁ ପୁଲିସ ଅଟକ ରଖିଛି । ରବିବାର କେତେଜଣ ସ୍ୱେଚ୍ଛାସେବୀ ସନ୍ଦେହରେ ୨ଟି ପିକଅପକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଡିଏସପି ସମର୍ଥ କେ. ବେହେରା ଓ ବନ୍ଧପଡା ଫାଣ୍ଡି ଅଧକାରୀ ମଳୟ କିଶୋର ପଣ୍ଡାଙ୍କ ସମେତ ପୁଲିସ ଟିମ୍ ପହଞ୍ଚି ଥିଲେ । ଅଟକ ୨ଟି ବୋଲେରାରୁ ୧୦ରୁ ଅଧିକ ଗୋରୁଙ୍କୁ ଉଦ୍ଧାର କରି ଦେଓଗାଁ ଥାନାକୁ ଆଣିଥିଲେ । ଗାଡିର ମାଲିକ ସିଂହାମୁଣ୍ଡାର ଗୋଲାପ ମେହେର (୪୯) ଓ ଡ୍ରାଇଭର ଭାଲୁକୁନ୍ଦ ଗାଁର ତହସିଲ ରଣା (୨୭)କୁ ଥାନାରେ ଅଟକ ରଖା ଯାଇଛି । ଏହି ଗାଇବଳଦ କନ୍ଧମାଳ ଅଞ୍ଚଳକୁ ଚାଲାଣ ହେଉଥିଲା । ଏ ନେଇ ଏକ ମାମଲା ରୁଜୁ ହୋଇଛି । ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି ।

## ବିଜେପି ରାଜ୍ୟ ସଭାପତିଙ୍କ ଆଗମନକୁ ନେଇ ପ୍ରସ୍ତୁତି

କେସିଙ୍ଗା,୨୪।୮(ସମିସ): ଆସନ୍ତା ୨୭ରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ କେସିଙ୍ଗା ଗସ୍ତ ସମୟରେ କେସିଙ୍ଗା ହୋଇ ଯିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବା ପରେ କେସିଙ୍ଗାରେ ସଭାପତିଙ୍କୁ ଏକ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ବୋଲି ନଗର ସଭାପତି ପିଙ୍କୁ ପରିଡ଼ା ପ୍ରକାଶ କରିଛନ୍ତି । ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼ଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସଭାପତିଙ୍କୁ ଅମାଠ ଛକ ଠାରୁ ଏକ କେସିଙ୍ଗାକୁ ପାଛୋଟି ଅଣାଯାଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ବୋଲି କେସିଙ୍ଗା ବିଜେପି ପକ୍ଷରୁ କୁହାଯାଇଛି ।

## କଳାହାଣ୍ଡି ଲେଖିକା ସଂଘର ହାସ୍ୟ ବ୍ୟଙ୍ଗ ଆସର

ଭବାନୀପାଟଣା,୨୪।୮(ସମିସ): ହସର ପ୍ରକାରଭେଦ ଏବଂ ମନୁଷ୍ୟ ଜୀବନରେ ହସର ଭୂମିକାକୁ ନେଇ ଏକ ଭାବଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ କଳାହାଣ୍ଡି ଲେଖିକା ସଂଘର ହାସ୍ୟ ବ୍ୟଙ୍ଗ ଆସରର ସମ୍ମାନିତ ଅତିଥି ବ୍ୟଙ୍ଗ କବି ବିରଞ୍ଚି ନାରାୟଣ ମୁଣ୍ଡ । ସମ୍ପାଦିକା କଳ୍ପନା ରଥଙ୍କ ଅନୁରୋଧ କ୍ରମେ ଏକ ବ୍ୟଙ୍ଗ କବିତା ପଢ଼ି ସମସ୍ତଙ୍କୁ ହସର ଖୋରାକ ଯୋଗାଇବା ସହ ହାସ୍ୟ ବ୍ୟଙ୍ଗ କବିତା ଆସର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ । ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସ୍ୱାଗତ ଅଭିଭାଷଣ ପରେ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ସମ୍ପାଦିକା କଳ୍ପନା ରଥ । କବି ଅନୀତା ମୁଣ୍ଡ ବ୍ରହ୍ମ ନାଦ, ଶାନ୍ତି ପାଠ ଏବଂ ବନ୍ଦେମାତରଂ ଗାନ କରିଥିଲେ । ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ କବି କବିତା ମୁଣ୍ଡ । କବି ମୀନତି ପ୍ରଧାନଙ୍କ ସଂଯୋଜନାରେ କବି ତପସ୍ୱିନୀ ପଣ୍ଡା, ମଞ୍ଜୁରାଣୀ ରଥ, ହେମଲତା ବେଗମ, ନାହେଦା ଶାହୀନ, ସଂଯୁକ୍ତା ମୁଣ୍ଡ, ପଦ୍ମିନୀ ବେହେରା, ମୀନା ମୁଣ୍ଡ, ସୁଚିସ୍ମିତା ରଥ, ଶୁଭ୍ରା ପଟ୍ଟନାୟକ, ମମତା ସାହୁ, ଅନୀତା ମୁଣ୍ଡ, ବିଳାସିନୀ ମହାପାତ୍ର, ସୁସ୍ମିତା ମହାପାତ୍ର, ନିରୁପମା ମହାନ୍ତି, ନିବେଦିତା ମହାନ୍ତି, ସବିତା ଦାସ, ପଲ୍ଲବୀ ଦାସ, ପ୍ରଣତି ମିଶ୍ର, ସସ୍ମିତା ସାହୁ, ପ୍ରମୋଦିନୀ ପଣ୍ଡା, କବିତାଞ୍ଜଳି ପଣ୍ଡା, କବିତା ମୁଣ୍ଡ, ଐଶ୍ୱର୍ଯ୍ୟା ପ୍ରଧାନ, ରଶ୍ମୀରାଣୀ ରଥ, ମୀନତି ପ୍ରଧାନ, ସୁଦେଷ୍ଣା ପଣ୍ଡା, କଳ୍ପନା ରଥ ପ୍ରମୁଖ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ କବି ମୀନତି ପ୍ରଧାନ ଏବଂ ଗୁଗୁଲ ମିଟ ସହାୟତା ଯୋଗାଇ ଥିଲେ କବି ସବିତା ଶତପଥୀ ।

## 'କେସିଙ୍ଗା ବିକାଶରେ କାହାର କେତେ ଯୋଗଦାନ' ଆଲୋଚନା

କେସିଙ୍ଗା,୨୪।୮(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗାର ସାମାଜିକ ଗଣମାଧ୍ୟମ 'ସତ୍ୟର ସ୍ୱର' ପକ୍ଷରୁ ଶନିବାର ସ୍ଥାନୀୟ ୟଙ୍ଗ ବ୍ଲଡ୍ ପବ୍ଲିକ ସ୍କୁଲ ପରିସରରେ ୧୯୬୫ ମସିହାରୁ ସ୍ଥାପିତ କେସିଙ୍ଗା ଏନ୍‌ଏସିରେ ସହରର ବିକାଶ ପାଇଁ କେଉଁ ଦଳର କେତେ ଯୋଗଦାନ ରହିଛି ସେହି ବିଷୟରେ ଖୋଲା ମଞ୍ଚରେ ଆଲୋଚନା ହୋଇଛି । କେସିଙ୍ଗା ନଗରପାଳ ଉପ ନଗରପାଳଙ୍କ ସମେତ ସମସ୍ତ ୧୨ ଟି ୱାର୍ଡର କାଉନସିଲର , ପୂର୍ବତନ ନଗରପାଳ, ସାଂସଦ ବିଧାୟକଙ୍କ ପ୍ରତିନିଧି,ସହରର ବୁଦ୍ଧିଜୀବୀ, ସଚେତନ ନାଗରିକ ଯୋଗଦେଇଥିଲେ । ଏନ୍‌ଏ ସି ପ୍ରତିଷ୍ଠାର ୬୦ ବର୍ଷରେ କେସିଙ୍ଗା ବିକାଶ ରେ କାହାର କେତେ ଯୋଗଦାନ ସେହି ବିଷୟ ଉପରେ ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ ଉପସ୍ଥିତ ପୂର୍ବତନ ଅଧ୍ୟକ୍ଷ ଓ ବର୍ତ୍ତମାନ ର ଅଧ୍ୟକ୍ଷ ନୃପ ରାଜ ଯାଦବ । ଗତ ପ୍ରାୟ ୩ ବର୍ଷ ମଧ୍ୟରେ କେସିଙ୍ଗାର ବିକାଶ ପାଇଁ ଏନ୍‌ଏସି ପକ୍ଷରୁ ପ୍ରାୟ ୨୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ବର୍ତ୍ତମାନ ର ଅଧ୍ୟକ୍ଷ ପ୍ରକାଶ କରିଥିଲେ । ଏଥିରେ ବିଜେଡି ପକ୍ଷରୁ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ବିଜେପି ପକ୍ଷରୁ ଜିଲ୍ଲା ସଂପାଦକ ସନ୍ତୋଷ ଦାସ ଓ କଂଗ୍ରେସ ପକ୍ଷରୁ ଭାଗ ନେଇ ଥିଲେ ପୂର୍ବତନ ନଗର ପାଳ ରାମ କୁମାର ଜୈନ । ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ କେଶରୀ ଦେଓ, ପ୍ରେତେଶ ପଟେଲ, ଅନିଲ କୁମାର ନାଗ, ଟିକେରାମ ତାଣ୍ଡି, ପରମା କରୁଆଁ, ତ୍ରିଲୋଚନ ନାଏକ, ଜ୍ୟୋତି ରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା କରିଥିଲେ ନଳିନୀକାନ୍ତ ଦାସ ।




## ସାଲେଭଟା-ମୂର୍ଷୁଣ୍ଡି ରାସ୍ତାରୁ ଗଞ୍ଜେଇ ଜବତ ଘଟଣା

# ବୌଦ୍ଧରୁ ଉତ୍ତରପ୍ରଦେଶ ଚାଲାଣ ହେଉଥିଲା

ବଲାଙ୍ଗିର,୨୪।୮(ସମିସ):

■ ଜବତ କାରରୁ ମିଳିଲା ୨.୧୪ କ୍ୱିଣ୍ଟାଲ ଗଞ୍ଜେଇ
■ ଜଣେ ଅଭିଯୁକ୍ତକୁ ଗିରଫ କଲା ଲୋଇସିଂହା ପୁଲିସ
■ ନକଲି ନମ୍ବରପ୍ଲେଟ ବ୍ୟବହାର କରି ଚାଲିଥିଲା ଚାଲାଣ



ବଲାଙ୍ଗିର ଜିଲ୍ଲା ଲୋଇସିଂହା ପୁଲିସ ସାଲେଭଟା-ମୂର୍ଷୁଣ୍ଡି ରାସ୍ତାରୁ ଗଞ୍ଜେଇ ଜବତର ରହସ୍ୟ ଖୋଲିଛି । ଏହା ବୌଦ୍ଧ ଜିଲ୍ଲାରୁ ଉତ୍ତରପ୍ରଦେଶକୁ ଚାଲାଣ ହେଉଥିଲା । ଗଞ୍ଜେଇ ଭର୍ତ୍ତି କାରକୁ ପୁଲିସ ଧରିବା ପରେ ଏଥିରୁ ୨ କ୍ୱିଣ୍ଟାଲ ୧୪ କେଜି ଗଞ୍ଜେଇ ଜବତ ହୋଇଛି । ତେବେ ଏହି ଘଟଣାର ୨ ମୁଖ୍ୟ ଚାଲାଣକାରୀ ଫେରାର ହୋଇଯାଇଥିବା ବେଳେ ଜଣକୁ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବୌଦ୍ଧ ଜିଲ୍ଲା ଉଡେର ଗାଁର ଗୋଲେଖ ହରପାଲ । ନକଲି ନମ୍ବରପ୍ଲେଟ ଲଗାଇ ଏହି ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେଉଥିଲା । ସଦର ଏସଡିପିଓ ସରୋଜ ଉପାଧ୍ୟାୟ ବଲାଙ୍ଗିର ଟାଉନ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ଶ୍ରୀ ଉପାଧ୍ୟାୟ କହିଛନ୍ତି ଯେ, ନମ୍ବର ପ୍ଲେଟ ବଦଳାଇ ବେଶ୍ ଚତୁରତାର ସହ ଏକ କାରରେ ଏହି ଯୁବକମାନେ ମିଶି ଗଞ୍ଜେଇ ଚାଲାଣ କରୁଥିଲେ । ନକଲି ନମ୍ବର ସହ ଗାଡିରେ ଆଇନଜୀବୀ ଷ୍ଟିକର ମଧ୍ୟ ଲାଗିଥିଲା । ସହଜେ ଖସି ପଳାଇବା ପାଇଁ ଏହି ଷ୍ଟିକରକୁ ସେମାନେ ବ୍ୟବହାର କରୁଥିଲେ । ଚାଲାଣ ବେଳେ କିନ୍ତୁ ଲୋଇସିଂହା ପୁଲିସ ହାତରେ ଧରାପଡିଥିଲେ । ଶନିବାର ସନ୍ଧ୍ୟାରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରୁ ଏକ ଗଞ୍ଜେଇ ଭର୍ତ୍ତି କାର୍ ବଲାଙ୍ଗିର ଦେଇ ଝାରସୁଗୁଡା ଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଲୋଇସିଂହା ପୁଲିସ ସୂଚନା ପାଇଥିଲା । ସୂଚନା ପାଇବା ପରେ ଥାନା ଅଧିକାରୀ ଯାଜ୍ଞସେନୀ ନାୟକଙ୍କ ନେତୃତ୍ୱରେ ୨ଟି ଟିମ୍ ଏହି ଗାଡିକୁ କାବୁ କରିବା ପାଇଁ ଜାଲ ବିଛାଇଥିଲେ । ସାଲେଭଟାରେ ଏକ ଟିମ୍ ଗାଡିକୁ ଠାବ କରିଥିଲା; ହେଲେ ପୁଲିସକୁ ଦେଖି କାରଟି ସାଲେଭଟା-ମୂର୍ଷୁଣ୍ଡି ରାସ୍ତାରେ ଚାଲିଯାଇଥିଲା । ରେଳ ଲାଇନ ଅଣ୍ଡରପାସ ଅତିକ୍ରମ କରିବା ପରେ କାରକୁ ପୁଲିସ କାବୁ କରିଥିଲା । ଅନ୍ଧାରର ସୁଯୋଗ ନେଇ କାରରେ ଥିବା ୨ ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ପୁଲିସ ଜଣକୁ ଧରିବାରେ ସଫଳ ହୋଇଥିଲା । କାର୍ ଯାଞ୍ଚ କରିବା ପରେ ୨୧୪ଟି ଗଞ୍ଜେଇ ପ୍ୟାକେଟ ଜବତ ହୋଇଥିଲା । ଘଟଣାସ୍ଥଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଗଞ୍ଜେଇ ଓଜନ କରିଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଲୋଇସିଂହା ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ଉପସ୍ଥିତ ଥିଲେ ।

# ଆଧାର କାର୍ଡରେ ନାଁ ଭୁଲ୍ ଯୋଗୁଁ ଅଡୁଆରେ ଛାତ୍ର

ଜୟପାଟଣା, ୨୪।୮ (ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ତହସିଲଦା ଅଧୀନ ରଣମାଳ ପଞ୍ଚାୟତ ଭୁର୍ଷିଗୁଡା ଗାଁର ପ୍ରାଥମିକ ବିଦ୍ୟାଳୟରେ ପାଠପଢୁଥିବା ଶେଷଦେବ କାଣ୍ଡ ତାଙ୍କ ଆଧାର କାର୍ଡରେ ଭୁଲ ନାଁ ରହିଥିବା ଯୋଗୁଁ ବିଦ୍ୟାଳୟ ତଥା ଅନ୍ୟ କୌଣସି କାମ ହେଉନାହିଁ। ଜନ୍ମ ପ୍ରମାଣପତ୍ରରେ ଶେଷଦେବ ଥିବାବେଳେ ଆଧାରକାର୍ଡରେ ସେହଦେବ କାଣ୍ଡ ହୋଇଯାଇଛି। ଆଧାରକାର୍ଡ ପଞ୍ଜୀକରଣ କରିବା ସମୟରେ ଭୁଲ ଅକ୍ଷର ଟାଇପ ହୋଇଯାଇଛି। ଯାହାଫଳରେ କୌଣସି କାଗଜପତ୍ର କଲାବେଳେ ହେଉନାହିଁ। ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ସେହଦେବକୁ ଜନ୍ମ ପ୍ରମାଣପତ୍ରରେ ଥିବା ଶେଷଦେବ ନାମକୁ ଆଧାରକାର୍ଡରେ ପରିବର୍ତ୍ତନ କରିବା ପାଇଁ ବାପା ଅନୁରୋଧ କରିଛନ୍ତି।

# ଚନ୍ଦ୍ରଯାନ ୩ର ସଫଳ ପରୀକ୍ଷଣ ଉପରେ ଆଲୋଚନା



କେସିଙ୍ଗା, ୨୪।୮ (ସମିସ): ଚନ୍ଦ୍ରାୟନ -୩ର ସଫଳ ପରୀକ୍ଷଣର ସ୍ମୃତିଚାରଣ ପୂର୍ବକ ପ୍ରଧାନଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ପରିସରରେ ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଶ୍ରୀ ବେହେରା ଇସ୍ରୋର ଏହି ସଫଳତା ଓ ଚନ୍ଦ୍ରାୟନର ଉପାଦେୟତା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ବିଜ୍ଞାନଶିକ୍ଷକ କୁନା ସେଠୀ ଭାରତ ମହାକାଶ ଯାତ୍ରାର ଐତିହାସିକ ପୃଷ୍ଠଭୂମି ବିଷୟରେ ଅବତାରଣା କରିଥିଲେ। ଏହି ଅବସରରେ ଆୟୋଜିତ ବିଜ୍ଞାନ ପ୍ରଶ୍ନ ମଞ୍ଚ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ହାତୀନଦୀର ଉର୍ମିଳା ପଟ୍ଟନାୟକ, ଝରଣା ମହଲା, କଳ୍ପନା ମାଝୀ ଓ ସ୍ମୃତି ରେଖା ଜାଲ୍ ଏବଂ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ତେଲନଦୀର ନିଭା ସ୍ୱାଇଁ, ଓମିନା ମହାନନ୍ଦ, ସୋନକ୍ଷୀ ଠାକୁର ଓ ବାସନ୍ତୀ ଗୌଡ଼ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଅବ୍ୟବସ୍ଥାରେ ଖମାରପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଦୁଇ କୋଠରିରେ ୧୨୭ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

ଥୁଆମୂଳ ରାମପୁର, ୨୪।୮ (ସମିସ)





ଶିକ୍ଷାକ୍ଷେତ୍ରରେ ସୁଧାର ଆଣିବା ପାଇଁ ସରକାର ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନେଉଛନ୍ତି। ସରକାର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ଭିତ୍ତିଭୂମିର ବିକାଶ ତଥା ଉନ୍ନତୀକରଣର ଆବଶ୍ୟକତାକୁ ଗୁରୁତ୍ୱ ଦେଇଛନ୍ତି। ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଯେଉଁଠି ଗରିବ

**● ଶ୍ରେଣୀଗୃହ, ପାନୀୟଜଳ, ପାଚେରି, ଶୌଚାଳୟ ଓ ଶିକ୍ଷକ ଅଭାବ**

ଶ୍ରେଣୀ ପରିବାରର ଛୁଆ ବେସରକାରୀ ଶିକ୍ଷାନୁଷ୍ଠାନ ଭଳି ସୁବ୍ୟବସ୍ଥା ମଧ୍ୟରେ ପାଠ ପଢ଼ିବ। ଏଥିପାଇଁ ବିଦ୍ୟାଳୟ ଗୁଡିକୁ ରୁପାନ୍ତରୀକରଣ କରାଯାଉଛି। ପୂର୍ବ ସରକାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କୁ ରୂପାନ୍ତରିକରଣ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ପ୍ରଦାନ କରିଛନ୍ତି। ଯେଉଁଠି ସ୍ମାର୍ଟ କ୍ଲାସ ସହିତ, ଇ-ଲାଇବ୍ରେରୀ, ବିଜ୍ଞାନ ପ୍ରୟୋଗ ଶାଳା, ବିଶୁଦ୍ଧ ପାନୀୟଜଳ ଏବଂ ପରିସରକୁ ସୌନ୍ଦର୍ଯ୍ୟ କରିବା ଭଳି ଅନେକ ପ୍ରକାର ବ୍ୟବସ୍ଥା ପାଇଁ ଅଟକଳ ପ୍ରଦାନ କରିବାର ବ୍ୟବସ୍ଥା ହୋଇ ଆସୁଛି। ହେଲେ ଏମିତି ଅନେକ ବିଦ୍ୟାଳୟ ରହିଛି ଯେଉଁଠି ଭିତ୍ତିଭୂମିର ଅଭାବ ସହିତ ବିଦ୍ୟାଳୟରେ ରହିଛି ବିଭିନ୍ନ ସମସ୍ୟା। ନା ଅଛି ଆବଶ୍ୟକତା ଅନୁଯାୟୀ ଶ୍ରେଣୀ କକ୍ଷ ନା ଶିକ୍ଷକ। ପାଚେରି ବିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ଉପରେ ଉଠୁଛି ପ୍ରଶ୍ନ। ବିଶୁଦ୍ଧ ପାନୀୟ ଜଳ ତ ଦୂରର କଥା ମଧ୍ୟାହ୍ନ ଭୋଜନ ପାଇଁ ପାଣିର ସଂକଟ। ଏଭଳି ଏକ ବିଦ୍ୟାଳୟର ଦୟନୀୟ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପାଡେପଦର ପଞ୍ଚାୟତ ଅଧୀନ ଖମାରପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ୧୯୭୯ରେ ସ୍ଥାପିତ ଏହି ବିଦ୍ୟାଳୟଟି ପ୍ରଥମେ ଜଣେ ବ୍ୟକ୍ତିଙ୍କ ମାଲିକାନାରେ ଥିଲା। ଯାହା ପରବର୍ତ୍ତୀ ସମୟରେ ନିଜ ଜାଗାରୁ ବିଦ୍ୟାଳୟ ସ୍ଥାନାନ୍ତର ପାଇଁ ଦାବି କରି ଆସୁଥିଲେ ଜମି ମାଲିକ। ଯେଉଁଥିପାଇଁ ବିଦ୍ୟାଳୟର ଉନ୍ନତୀକରଣ ଉପରେ ବାଧକ ସାଜିଥିଲା। ପରିଶେଷରେ ୪୯ ବର୍ଷ ପରେ ତଥା ୨୦୧୮ ମସିହାରେ ଗ୍ରାମର ଏକ ସରକାରୀ ଜାଗାରେ ନୂତନ କୋଠା ନିର୍ମାଣ ପରେ ସେଠାକୁ ସ୍ଥାନାନ୍ତର କରାଯାଇଛି। ହେଲେ ଏଠାରେ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟାଳୟର ଆବଶ୍ୟକତା ପୂରଣ ହେଇ ପାରିନି। ମାତ୍ର ଦୁଇଟି ଶ୍ରେଣୀ କକ୍ଷ ରହିଛି। ଯେଉଁଠି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୨୭ ଜଣ ଛୁଆ ପାଠ ପଢୁଛନ୍ତି। ଶିକ୍ଷକ କେଉଁ ଶ୍ରେଣୀର ଛୁଆଙ୍କୁ ପଢ଼ାଉଛନ୍ତି ଏବଂ ଛୁଆମାନେ କ'ଣ ପଢୁଛନ୍ତି ଅବା ବୁଝୁଛନ୍ତି ଯାହା ଅବର୍ଣ୍ଣନୀୟ। ଚଳିତ ବର୍ଷ ଠାରୁ ଅଙ୍ଗନବାଡି ଛାଡି ଆସିଥିବା ୫ ବର୍ଷର ଛୁଆଙ୍କୁ ନେଇ ବିଦ୍ୟାଳୟ ଗୁଡିକରେ ଶିଶୁ ବାଟିକା ନାମରେ ସ୍ୱତନ୍ତ୍ର ଭାବେ ଅତିରିକ୍ତ ବ୍ୟବସ୍ଥା ଆରମ୍ଭ ହେଇଛି। ଯାହା ଏଭଳି ବିଦ୍ୟାଳୟ ଗୁଡିକ ପାଇଁ ଆଉ ଏକ ସମସ୍ୟା ସୃଷ୍ଟି କରିଛି। ବର୍ତ୍ତମାନ ବିଦ୍ୟାଳୟରେ ୪ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ବିଦ୍ୟାଳୟରେ କାର୍ଯ୍ୟାଳୟ ଏବଂ ଶ୍ରେଣୀ କୋଠରିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏକ ଅତିରିକ୍ତ ଶ୍ରେଣୀଗୃହର ନିର୍ମାଣ ପାଇଁ ଗତ ୨୦୨୧/୨୨ ଆର୍ଥିକ ବର୍ଷରେ ଅନୁଦାନ ମିଳିଥିଲା। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପାଇଁ ଅର୍ଥ ନିଅଣ୍ଟ ହେବା ଯୋଗୁଁ ଛାତ ପଡ଼ିନଥିବା ବେଳେ ଶିକ୍ଷା ବିଭାଗର ଅନୁଦାନ ଆସିଲେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ମିଳିଛି। ସେହିପରି ବିଦ୍ୟାଳୟର ପାଚେରି ମଧ୍ୟ ନାହିଁ, ପାଣି ପାଇଁ ଏକ ନଳକୂପ ବ୍ୟବସ୍ଥା ହେଇଛି ହେଲେ ଖରାପ ପାଣି ବାହାରୁଥିବା ଯୋଗୁଁ ବସ୍ତି ଭିତରେ ଥିବା ନଳକୂପରୁ ପାଣି ଆଣି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଏ। ଭଙ୍ଗା ଦଦରା ଅବସ୍ଥାରେ ପଡ଼ିରହିଛି ଶୌଚାଳୟ। ଏମିତି ଅନେକ ପ୍ରକାର ସମସ୍ୟାରେ ଏହି ବିଦ୍ୟାଳୟ। ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ରହିଥିବା ସମସ୍ୟା ଗୁଡିକର ସମାଧାନ କଲେ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବ୍ଲକ ସଂଘ ଗଠିତ

କଲମପୁର, ୨୪।୮ (ସମିସ): ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ସ୍ତରୀୟ ସଂଘ ଆଜି ଆନୁଷ୍ଠାନିକ ଭାବେ ଗଠିତ ହୋଇ ଯାଇଛି, ଶିକ୍ଷକ ସନ୍ତୋଷ କୁମାର ଚୌଧୁରୀଙ୍କ ଆବାସିକ ବାସ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟ ନାରାୟଣ ରାଜପୁତ ସଭାପତିତ୍ୱ କରିଥିବା ବେଳେ କଳାହାଣ୍ଡି ଜିଲ୍ଲା ସଭାପତି ଶରତ ଚନ୍ଦ୍ର ନାଏକ, ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ, ଉପ ସଭାପତି ମନୋଜ କୁମାର ପାଣିଗ୍ରାହୀ, ସହ ସମ୍ପାଦକ ମହେନ୍ଦ୍ର ପଣ୍ଡା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ, କଲମପୁର ବ୍ଲକ ସଭାପତି ଭାବେ ସୁବ୍ରତ ବେହେରା, ସାଧାରଣ ସମ୍ପାଦକ ଭାବେ ବାଳ ଗୋପାଳ ତେଣ୍ଡକାରି, ଉପ ସଭାପତି ସନ୍ତୋଷ କୁମାର ପଣ୍ଡା, କରୁଣାକର ଚିନ୍ଦା, ସହ ସମ୍ପାଦକ ଗୋକୁଳ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଭାବେ ସତ୍ୟ ନାରାୟଣ ସାହୁ ସର୍ବ ସମ୍ମତି କ୍ରମେ ମନୋନିତ ହୋଇଛନ୍ତି, ଏଥି ସହିତ ଉପଦେଷ୍ଟା କମିଟିରେ ସୂର୍ଯ୍ୟ ନାରାୟଣ ପଣ୍ଡା, ସତ୍ୟ ନାରାୟଣ ରାଜପୁତ, ନାରାୟଣ ରଥ, ହାସେନ ଅଲ୍ଲୀ, ପ୍ରଭାସ ଚନ୍ଦ୍ର ବେହେରା, ଅଭିମନ୍ୟୁ ପଣ୍ଡା ଓ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସନାତନ ଭଞ୍ଜ, କୃଷ୍ଣ ଚନ୍ଦ୍ର ମୁଣ୍ଡ, ସତ୍ୟ ନାରାୟଣ ସାହୁ, ନୃସିଂହ ଠାକୁର, ମୋହନ ପ୍ରସାଦ ମୁଣ୍ଡ, ସନ୍ତୋଷ କୁମାର ପଣ୍ଡା, ଗୋପବନ୍ଧୁ ମୁଣ୍ଡ, ଗୋପାଳ ଚନ୍ଦ୍ର ରାଉତ, ପରମାନନ୍ଦ ଜେନା ପ୍ରମୁଖ ଏହି କମିଟିରେ ସ୍ଥାନ ପାଇଛନ୍ତି, ଏହି କମିଟି ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ କାମ କରିବ ବୋଲି ଜିଲ୍ଲା ସଭାପତି ଶ୍ରୀ ନାଏକ ତାଙ୍କ ପ୍ରତିକ୍ରିୟାରେ ମତ ରଖିଛନ୍ତି।

# ଯାଦବ କର୍ମଚାରୀ ସଂଘର ପୂର୍ଣ୍ଣାଙ୍ଗ କମିଟି ଗଠିତ



କୋକସରା, ୨୪।୮ (ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମା ଚିଲିଗୁଡାସ୍ଥିତ ଯାଦବ ଭବନଠାରେ ରବିବାର ବ୍ଲକ ଯାଦବ କର୍ମଚାରୀ ସଂଘର ସାଧାରଣ ବୈଠକ ଓ ପୂର୍ଣ୍ଣାଙ୍ଗ କମିଟି ଗଠନ ହୋଇଛି। ଯାଦବ କର୍ମଚାରୀ ସଂଘ ସଭାପତି ପ୍ରେମଚନ୍ଦ୍ର ଗୋପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଯାଦବ ମହାସଭାର ସଭାପତି ଦ୍ୱାରିକାନାଥ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଭାଗବତ କଟା ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ଯାଦବ ସଶକ୍ତ ଓ ସମୃଦ୍ଧ ଯାଦବ ସମାଜ ମାଧ୍ୟମରେ ରାଜନୈତିକ, ଅର୍ଥନୈତିକ ଓ ଯେ' କୌଣସି କ୍ଷେତ୍ରରେ ବିକାଶ କରିବା ପାଇଁ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କ୍ରମରେ ବ୍ଲକ ଯାଦବ କର୍ମଚାରୀ ସଂଘର ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଥିଲା। ମୋଟେର ଜୋନ୍ ଉପସଭାପତି ଭାବରେ ମାଙ୍ଗେଲାଲ ନାଏକ, ସହ ସମ୍ପାଦକ ଫକିରମୋହନ ଚଣ୍ଡୀ, ଉପଦେଷ୍ଟା ଚିତ୍ରସେନ ବେମାଲ, କୋକସରା ଜୋନ୍ ଉପ ସଭାପତି ମୁକ୍ତେଶ୍ୱର ପୁଞ୍ଜି, ସହସମ୍ପାଦକ ତ୍ରିନାଥ ବାଗ, ଉପଦେଷ୍ଟା କ୍ଷିରାବ୍ଧି ବେମାଲ, ଆମପାଣି ଜୋନ୍ ଉପ ସଭାପତି ଭାବରେ ମାଲଗୁଣ୍ଡିଆ ନାଗ, ସହ ସମ୍ପାଦକ ସମ୍ଭୁଶ୍ୱର ନାଗ, ଉପଦେଷ୍ଟା ହେମନ୍ତ ଯାଦବ ପ୍ରମୁଖ ମନୋନୀତ ହୋଇଥିଲେ। ଏହି ବୈଠକରେ ବ୍ଲକ ଯାଦବ କର୍ମଚାରୀ ସଂଘର କୋଷାଧ୍ୟକ୍ଷ ସୁଧୀର କୁମାର ନାଗଙ୍କ ସମେତ ଆମପାଣି, କୋକସରା ଓ ମୋଟେର ଜୋନ୍‌ରୁ ଯାଦବ କର୍ମଚାରୀ ଉପସ୍ଥିତ ଥିଲେ।

# ମାଟି ଲଗାଇ ଗାଁରେ ନୂଆଁଖାଇ ବହି ଉନ୍ମୋଚିତ

ମ.ରାମପୁର, ୨୪।୮ (ସମିସ): ଗଣପର୍ବ ନୂଆଁଖାଇକୁ ନେଇ ୧୬ ଜଣ ସାହିତ୍ୟିକ ତଥା ଗବେଷକଙ୍କ ଆଲୋଚନାକୁ ନେଇ ଡ. କୌତୁକ ପଧର ଓ ଡ. ଜଗନ୍ନାଥ ସାହୁଙ୍କ ସମ୍ପାଦନା ପୁସ୍ତକ ଗଣପର୍ବ ନୂଆଁଖାଇ ପୁସ୍ତକ ଲୋକାର୍ପିତ ହୋଇଛି। ମୋହନଗିରି ଅଧୀନ ଉପର ନୂଆଁ ଗାଁରେ ଡ. କୌତୁକ ପଧରଙ୍କ ବାସଭବନରେ ତାଙ୍କ ମା' ଚନ୍ଦ୍ରିକା ପଧର, ବଡ଼ଭାଇ ଟଙ୍କଧର ପଧର ଓ ଡ. ଜଗନ୍ନାଥ ସାହୁ, ତାଙ୍କ ମା' ବେଦମତି ସାହୁ ଓ ସାମ୍ବାଦିକ କବି ହେମନ୍ତ ସାହୁଙ୍କ ହାତରେ ପ୍ରଥମେ ବହିଟିକୁ ମାଟିରେ ଛୁଆଁଇ, ମାଟି ମା' କୁ ପୂଜା କରି ଉନ୍ମୋଚିତ କରାଯାଇଥିଲା। ପୁରାଣ, ମିଥ ତଥା ଐତିହାସିକ ଦିଗରୁ ନୂଆଁଖାଇ ପର୍ବ ପାଳନ ଏବଂ ତାର ବର୍ତ୍ତମାନ ଭବିଷ୍ୟତ ସମ୍ପର୍କିତ ଆଲୋଚନା କରାଯାଇଛି। ସଂସ୍କୃତି ଗବେଷକ ପରମେଶ୍ୱର ମୁଣ୍ଡ, ଅଧ୍ୟାପକ ଡୋଳାମଣୀ ଧରୁଆ, ଡ. ଶ୍ରୀକାନ୍ତ ବାରିକ, ଡ. ବିଭୂତି ରଞ୍ଜନ ପଧାନ, ପ୍ରଭାସ ତୋଲଟିଆ, ଯୋଗେନ୍ଦ୍ର ଧରୁଆ, ସୁରେନ୍ଦ୍ର ଧରୁଆ, ଖଗେଶ୍ୱର ଧରୁଆ ପ୍ରମୁଖ ଯୋଗଦେଇ ଥିଲେ। ଛାତ୍ରଛାତ୍ରୀ, ଗବେଷକ, ସଂସ୍କୃତି ପ୍ରେମୀ ଓ ଉତ୍ସାହୀ ପାଠକମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି। ଏ ପୁସ୍ତକ ସ୍ୱୟଂସିଦ୍ଧା ଫାଉଣ୍ଡେସନ ଭୁବନେଶ୍ୱର ଦ୍ୱାରା ପ୍ରକାଶିତ।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନୂଆପଡ଼ା, ୨୪।୮ (ସମିସ): ସରକାରୀ ପ୍ରାଥମିକ ବିଦ୍ୟାଳୟ କୁଶଦହନା ଠାରେ ବିଦ୍ୟାଳୟରେ ପୂର୍ବତନ ପ୍ରଧାନଶିକ୍ଷକ ପାଲା ଶବରଙ୍କୁ କୁରୁମପୁରୀ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରିଖୀରାମ ମହାନନ୍ଦ ସଭାପତିତ୍ୱ କରିଥିବାବେଳେ କୋମନା ଗୋଷ୍ଠୀ ଶିକ୍ଷାଧିକାରୀ ଅନିତା ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ବିଆରସିସି ରାଧାକାନ୍ତ ତାଣ୍ଡି, ଏବିଇଓ ବଳମତ ମାଝୀ ସିଆରସିସି କମଳାକାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଟେଙ୍ଗନାବସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱଦେବ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନୂତନ ସିଆରସିସି କମଳାକାନ୍ତ ଦାସଙ୍କୁ କ୍ଲଷ୍ଟର ତରଫରୁ ସ୍ୱାଗତ କରାଯାଇଥିବାବେଳେ ପୂର୍ବତନ ସିଆରସିସି ସୁବଳଶ୍ୟାମ ପଣ୍ଡାଙ୍କୁ ବିଦାୟ ତଥା ବଦଳିହୋଇ ଏଇ କ୍ଲଷ୍ଟରରେ ଯୋଗଦାନ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ସାଧନକେନ୍ଦ୍ର ଅଧୀନସ୍ଥ ସମସ୍ତ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଦଲଦଲି ପ୍ରଧାନଶିକ୍ଷକ ପ୍ରେମଲାଲ ସତନାମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ମୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର 'ନବପଲ୍ଲବ'



ଧର୍ମଗଡ଼, ୨୪।୮ (ସମିସ): ପରୀକ୍ଷା ଦେବା ଆଉ ସଫଳତା ପାଇବା କେବଳ ତୁମ ମାନଙ୍କର ଉଦ୍ଦେଶ୍ୟ ନ ହେଉ ପାଠକୁ ପଢ଼ିବା ପାଇଁ ପଢ଼। ପରୀକ୍ଷା ଦେବା ପାଇଁ ପଢ଼ିବା ସହିତ ପାଠକୁ ଜାଣିବା ପାଇଁ ପଢ଼ିବା। ଏହି ପଢ଼ିବା ଓ ଜାଣିବା ଦ୍ୱାରା ଜୀବନର ପ୍ରତ୍ୟେକ ସମୟରେ ପାଠ ବାଟ ଦେଖାଇବ ବୋଲି ନବାଗତ ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଧର୍ମଗଡ଼ ବ୍ଲକ ବେହେରା ସ୍ଥିତ ଲକ୍ଷ୍ମୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ 'ନବପଲ୍ଲବ' ଶିରୋନାମାରେ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। କଲେଜ ଅଧକ୍ଷ ନିର୍ମଳ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଅଧାପକ ରଞ୍ଜନ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ନିକୁଞ୍ଜ ସାହୁ, ଅଧ୍ୟାପକ ଅକ୍ଷୟ କୁମାର ପଟ୍ଟନାୟକ, ଅଧ୍ୟାପକ ମୋହନ ଚରଣ ବିଷି, ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁ, ଗ୍ରନ୍ଥାଗାର ସହାୟକ ଫକିର ଚଣ୍ଡି ମଞ୍ଚାସୀନ ଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀ ତରୁଣୀ ଛତ୍ରିଆ, ତୁଲେନ୍ଦ୍ରି ବାରିକ, ତପସ୍ୱିନୀ ଜାଲ ସ୍ୱାଗତ ସଙ୍ଗୀତ ପରିବେଷଣ ଓ ତୁଲେନ୍ଦ୍ରି ବାରିକ, ଚିନ୍ମୟ ହଂସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଅଶୋକ ଚଣ୍ଡୀ, ସାନୁର୍ଯ୍ୟ ଗୋପାଳ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ମା' ମାଣିକେଶ୍ୱରୀ ସେବକଙ୍କ ପରଲୋକ

ଭବାନୀପାଟଣା, ୨୪।୮ (ସମିସ): ମା' ମାଣିକେଶ୍ୱରୀଙ୍କ ସେବକ ଧବଳେଶ୍ୱର ବାହୁକଙ୍କ ୭୫ ବର୍ଷ ବୟସରେ ସଦର



ବ୍ଲକ ଦଙ୍ଗରୀଗୁଡାସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଗତ ତିନିମାସ ହେଲା ଅସୁସ୍ଥ ଥିଲେ ଓ ସହିଦ୍ ରେଣ୍ଡୋ ମାଝୀ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ବାହୁକ୍ ନିଜ ପିତା ନରସିଂହ ବାହୁକ୍‌ଙ୍କ ଅନ୍ତେ ଦୀର୍ଘ ୩୫ ବର୍ଷ ହେଲା କଳାହାଣ୍ଡି ଇଷ୍ଟଦେବୀ ମା ମାଣିକେଶ୍ୱରୀଙ୍କ ସେବାକାରୀ ବାହୁକ୍ ଭାବରେ ସେବାକରି ଆସୁଥିଲେ। ମାଣିକେଶ୍ୱରୀଙ୍କ ଶାରଦୀୟ ଉତ୍ସବ ଓ ବାସନ୍ତିକ ଉତ୍ସବରେ ପ୍ରାୟ ଦୁଇ ମାସ ଧରି ଭବାନୀପାଟଣାରେ ଅବସ୍ଥାନ କରି ମାଣିକେଶ୍ୱରୀଙ୍କ ସେବା ନିଷ୍ଠା ଓ ଭକ୍ତିର ସହ ସମ୍ପାଦନ କରୁଥିଲେ। ଜେନାଖାଲଠାରେ ଦେବୀଙ୍କ ଗୁପ୍ତ ପୂଜାବିଧି ସେ ସମ୍ପାଦନ କରୁଥିଲେ। ତାଙ୍କ ବିୟୋଗରେ ମାଣିଶ୍ୱେରୀ ମନ୍ଦିର ପୂଜକ ଓ ସେବାକାରୀ ସମୂହ ସମେତ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ, କଳାହାଣ୍ଡି ରାଜପୁତ କ୍ଷତ୍ରୀୟ ସମାଜ, କଳିଙ୍ଗ ପାଇକ ସେନା, ବିଶିଷ୍ଟ ବ୍ୟକ୍ତି ଓ ବହୁ ମାଣିକେଶ୍ୱରୀଙ୍କ ଶ୍ରଦ୍ଧାଳୁ ଶୋକ ପ୍ରକାଶ କରିଛନ୍ତି। ଶନିବାର ସନ୍ଧ୍ୟାରେ ନିଜ ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଭୁବନେଶ୍ୱର ମୁଖାଗ୍ନି ଦେଇଥିଲେ।

# ପଥର୍ଲା, ପଲକାପଡ଼ା ଓ ବହାଦୁର ପଦରବାସୀଙ୍କ ନୂଆଁଖାଇ

କେସିଙ୍ଗା, ୨୪।୮ (ସମିସ)



ସପ୍ତପୁରୀ ଅମାବାସ୍ୟା ଶୁକ୍ଳପକ୍ଷ ପ୍ରତିପଦା ତିଥିରେ କେସିଙ୍ଗା ବ୍ଲକର ପଥର୍ଲା ଗୌନ୍ତିଆ ହିମାଂଶୁ ଶେଖର ମାଝୀଙ୍କ ନେତୃତ୍ୱରେ ପଶ୍ଚିମ ଓଡ଼ିଶାର ମହାନ କୃଷିଭିତ୍ତିକ ଗଣପର୍ବ ନୂଆଖାଇକୁ ପାଳନ କଲେ ପଥର୍ଲା, ପଲକାପଡ଼ା ଓ ବହାଦୁର ପଦର ଗ୍ରାମବାସୀ। ନୂଆଖାଇ ଅବସରରେ ତିନି ସପ୍ତାହ ପୂର୍ବରୁ ପ୍ରତି ମଙ୍ଗଳବାର ରୁଗୀଯୁଗୀ ବଲା ପର୍ବ ମଧ ହୋଇଥିଲା। ଯାହାର ଉଦ୍ଦେଶ୍ୟ ଗ୍ରାମବାସୀଙ୍କ ନିରୋଗ ସୁସ୍ଥ ଜୀବନ ହୋଇଥାଏ। ଗାଁ ମୁଖିଆ, ଯାନୀ, ଝାଙ୍କର, ଗାଁ ବୟଜ୍ୟୋଷ୍ଠ ବ୍ୟକ୍ତି ମିଶି ପ୍ରତି ଘରୁ ଧୂପ, ଦୀପ ଫୁଲାଲିଆ, ଝୁଣା ଆଦି ସଂଗ୍ରହ କରି ଗାଁ ଦେବଦେବୀଙ୍କୁ ପୂଜା ଆରମ୍ଭ ହୋଇ ଗାଁ ମୁଣ୍ଡାରେ ଶେଷ ହୋଇଥିଲା। ଶୁକ୍ଳପକ୍ଷ ପ୍ରତିପଦା ତିଥି ରବିବାର ଦିନ ସକାଳୁ ଗାଁ ଯୁବକମାନେ ନିକଟସ୍ଥ ବିରିପୁରା ପାହାଡ଼କୁ କୁରେଇ ପତ୍ର ତୋଳିବାକୁ ଯାଇ ପରେ ପତ୍ରକୁ ଦନା, ଖଲି ତିଆରି କରି ଇଷ୍ଟ ଦେବଦେବୀ ପିତୃପିତାଙ୍କ ପୂଜା ନିମନ୍ତେ ପୂଜା ସାମଗ୍ରୀ, ନୂଆଧାନରେ ଚୁଡା, କ୍ଷୀରି, ପୀଠାପଣା, ଫୁଲାଲିଆ ଇତ୍ୟାଦି ପ୍ରସ୍ତୁତ ହୋଇଥିଲା। ପ୍ରଥମେ ଗାଁର ଗୌନ୍ତିଆ ଏବଂ ଗାଁ ପ୍ରମୁଖ ବୟଜ୍ୟୋଷ୍ଠ ବ୍ୟକ୍ତି ପଥର୍ଲା ଗାଁର ବୁଢାରାଜା, ଖମ୍ବେଶ୍ୱରୀ, ଗମଖାଇ, କାଳିସୁନ୍ଦରୀ, ଆଦିଙ୍କୁ ପୂଜାର୍ଚ୍ଚନା ପରେ ନୂଆଚୁଡା, କ୍ଷୀରି, ପୀଠା ପଣା, ଗୋରସ, ଧୂପଦୀପ ନୈବେଦ୍ୟକୁ କୁରେଇ ପତ୍ରରେ ଇଷ୍ଟ ଦେବଦେବୀଙ୍କୁ ଅର୍ପଣ କରାଯାଇଥିଲା। ପରେ ତିନି ଗାଁ ର ଲୋକେ ନିଜନିଜ ପିତୃପିତା ଇଷ୍ଟ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ନବାନ୍ନ ଭକ୍ଷଣ କରିଥିଲେ। ଏହି ଅବସରରେ ପଥର୍ଲା ଆଦିସ୍କନ୍ଧ ସମାଜ ଓ ମିଳିତ ଗ୍ରାମ୍ୟ କମିଟି ତରଫରୁ ପଥର୍ଲା ଶିବମନ୍ଦିର ପ୍ରାଙ୍ଗଣରେ ବୁଢାରାଜା ଘୁମୁରା ଦଳ ପଥର୍ଲା, ବୁଢାଡଙ୍ଗର କଳାପରିଷଦ ଟିଟିଲାଗଡ଼ (ହଳଦୀ), କଳାପାହାଡ଼ ଡକାନୃତ୍ୟ କନ୍ତେଶିର, ସହିଦ ରେଣ୍ଡୋମାଝୀ ସଂସ୍କୃତିକ ଅନୁଷ୍ଠାନ ଲୁବେନଗଡ଼, ମା ଆଦ୍ୟଶକ୍ତି ବଜାଶାଳ ଡେଣ୍ଡୋଗୁଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଦିସ୍କନ୍ଧ ସମାଜ ସଭାପତି କେଦାର ମାଝୀ, ସମ୍ପାଦକ ହିମାଂଶୁ ମାଝୀ, କୋଷାଧ୍ୟକ୍ଷ କ୍ଷୀରୋଦ ମାଝୀ କମିଟି ପ୍ରମୁଖ ପରିଚାଳନା କରିଥିବା ବେଳେ କଳାହାଣ୍ଡି ଜିଲ୍ଲା ଆଦିସ୍କନ୍ଧ ସମାଜ ଯୁଗ୍ମ ସମ୍ପାଦକ ସଞ୍ଜୀବ ମାଝୀ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଗଠିତ

ଜୁନାଗଡ଼, ୨୪।୮ (ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ଫତେ ନଗର ପଡ଼ାଠାରେ ଜୁନାଗଡ଼ ବ୍ଲକସ୍ତରୀୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ବ୍ଲକସ୍ତରୀୟ ସଂଘ ଗଠିତ ହୋଇଛି। କଳାହାଣ୍ଡି ଜିଲ୍ଲା ସରକାରୀ ଅବସରପ୍ରାପ୍ତ ସଂଘର ଆହ୍ୱାନରେ ଜିଲ୍ଲା ସଭାପତି ଶରତଚନ୍ଦ୍ର ନାଏକ, ଉପସଭାପତି ମନୋରଞ୍ଜନ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ, ସହ ସମ୍ପାଦକ ମହେନ୍ଦ୍ର ପଣ୍ଡାଙ୍କ ଉପସ୍ଥିତରେ ଜୁନାଗଡ଼ ଅବସରସରକାରୀ କର୍ମଚାରୀ ସଂଘ ଚୟନ କରାଯାଇଥିଲା। ସଂଘର ସଭାପତି ଭାବେ ମନୋରଞ୍ଜନ ପାଣିଗ୍ରାହୀ, ଉପସଭାପତି ଜୟନ୍ତ କୁମାର ମୁଣ୍ଡ, ସାଧାରଣ ସମ୍ପାଦକ ସରୋଜ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ଦେବରାଜ ଗହୀର, ସମ୍ପାଦକ ସଞ୍ଜୟ କୁମାର ମୁଣ୍ଡ, ଆଇନ ଉପଦେଷ୍ଟା ନବକିଶୋର ବେହେରଙ୍କୁ ଚୟନ କରାଯାଇଥିଲା। ଜିଲ୍ଲା ସଭାପତି ଓ ସମ୍ପାଦକ ନବ ନିର୍ବାଚିତ କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ। ଏହି ବୈଠକରେ ଧର୍ମଗଡ଼ ସଭାପତି ନବରାଜ ଦୁର୍ଗା, ବରିଷ୍ଠ ଉପଦେଷ୍ଟା ଭୋଳନାଥ ବେହେରାଙ୍କ ସମେତ ଜିଲ୍ଲାର ଅନେକ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ।





ଶାନ୍ତି ଅନ୍ତରାତ୍ମାରୁ ହିଁ ଜନ୍ମନିଏ। ତେଣୁ ନିଜକୁ ବାଦ୍ ଦେଇ ଶାନ୍ତି ଖୋଜିବା ଅସମ୍ଭବ।
-ଗୌତମ ବୁଦ୍ଧ

ସକାଳ
THE SAKALA

# ଏସନ ସାର ସମସ୍ୟା

ଓଡ଼ିଶାର ଚାଷ ଓ ଚାଷୀଙ୍କ ପାଇଁ ତିନିଟି ସମସ୍ୟା ଭାଗ୍ୟଲିଖନ। ରୁଆ ବେଳେ ବିହନ ଓ ସାର ଅଭାବ, ଅଦିନିଆ ବର୍ଷା କିମ୍ବା ଗଜା ମରୁଡ଼ି ଏବଂ ଅମଳରେ ମଣ୍ଡି ଜଞ୍ଜାଳ। ଏ ତିନି ସମସ୍ୟା ମଧ୍ୟରୁ ଦ୍ୱିତୀୟଟି ଦଇବ ହାତରେ ଥିବା ବେଳେ ପ୍ରଥମ ଓ ତୃତୀୟଟି ସମ୍ପୂର୍ଣ୍ଣ ଭାବେ ମଣିଷକୃତ। ବିଡ଼ମ୍ବନା ହେଉଛି ଗତାନୁଗତିକ ଭାବରେ ଏହାକୁ ସତେଯେମିତି ବ୍ୟବସ୍ଥାର ଏକ ଅଙ୍ଗ ଭାବେ ସ୍ୱୀକୃତି ଦିଆଯାଇଛି। ତେଣୁ ଦୀର୍ଘସ୍ଥାୟୀ ସମାଧାନର ବାଟ ବାହାର କରିବାକୁ ଆନ୍ତରିକତା ପ୍ରକାଶ ପାଉନାହିଁ। ଏ ପର୍ଯ୍ୟନ୍ତ ମଣ୍ଡି ଜଞ୍ଜାଳରୁ ମୁକୁଳି ନଥିବା ଓଡ଼ିଶାର ଚାଷୀମାନେ ସାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ରାଜ୍ୟର ଅନେକ ମଣ୍ଡିରେ ରବି ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି। 'ତଥାପି ସରକାର କିଣିବେ' ବୋଲି କେତେକ ଚାଷୀ ଆଶା ବାନ୍ଧି ବସିଥିବା ବେଳେ ଆଉ କେତେଜଣ ଭାଗ୍ୟକୁ ଆଦରି କମ୍‌ଦାମ୍‌ରେ ଦଲାଲ୍‌ଙ୍କୁ ବିକ୍ରି ପୁଣି ଖରିଫ୍ ଚାଷ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏ ସନ ଭଲ ବର୍ଷା ହୋଇଥିବାରୁ ଅମଳ ଭଲ ହେବ ବୋଲି ଚାଷୀ ଆଶା। ବାନ୍ଧି ବସିଥିଲା। କିନ୍ତୁ ବର୍ତ୍ତମାନ ବେଉଷଣ ସରି ଧାନ କେଣ୍ଡା ବାହାରିବାକୁ ପ୍ରସ୍ତୁତ ହେଉଥିବା ବେଳେ ୟୁରିଆ ଅଭାବ ଦାଉ ସାଧିଛି। ପ୍ୟାକ୍ସ ଓ ସମବାୟ କେନ୍ଦ୍ରଗୁଡ଼ିକରେ ଆଧାର କାର୍ଡ ପିଛା ମାତ୍ର ଗୋଟିଏ ବସ୍ତା ୟୁରିଆ ମିଳୁଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ତା' ମଧ୍ୟ ଚାହିଦା ତୁଳନାରେ ଯୋଗାଣ ବହୁତ କମ୍ ଥିବାରୁ ସମସ୍ତଙ୍କୁ ମିଳୁନାହିଁ। ବର୍ଷାରେ ରାତି ଅଧରୁ ଧାଡ଼ିରେ ରହି ମଧ୍ୟ ନ ପାଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଅପରପକ୍ଷରେ ଖୋଲା ବଜାରରେ ସରକାରୀ ମୂଲ୍ୟଠାରୁ ତିନି/ଚାରିଗୁଣା ଉଚ୍ଚ ଦରରେ ୟୁରିଆ ସାର ବିକ୍ରି ହେଉଛି, ଯାହା ଚାଷୀ ଅସନ୍ତୋଷକୁ ଆହୁରି ତୀବ୍ର କରିଛି। ଖୋଲା ବଜାରରେ ଯାହାକୁ ଯେତେ ସାର ବିକ୍ରି ହେବା ଅର୍ଥ ରାଜ୍ୟରେ ସାରର ଅଭାବ ନାହିଁ। କିନ୍ତୁ ସରକାରୀ ବ୍ୟବସ୍ଥା ଭିତରକୁ ତାହା ଆସିପାରୁନାହିଁ। ଏହା ସରକାରୀ ବାବୁ ଓ କଳାବଜାରୀର ମଧୁଚନ୍ଦ୍ରିକା ଦିଗକୁ ଇଙ୍ଗିତ କରୁଛି। କୃଷି ଓ ଯୋଗାଣ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଥିବା ମଧ୍ୟ ସ୍ପଷ୍ଟ ହେଉଛି।

ସବୁଜ ବିପ୍ଳବ ପ୍ରଭାବରେ ଆମ ଦେଶର ଚାଷୀ ଓ ଚାଷର ସଙ୍କରଜାତୀୟ ବିହନ ଓ ସାର ଉପରେ ନିର୍ଭରଶୀଳତା କ୍ରମଶଃ ବଢ଼ିବାରେ ଲାଗିଛି। ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ଏବଂ କେତେକ ଶସ୍ୟରେ ବଳକା ଦେଶ ହେବାର ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ସାର ପାଇଁ ଏ ପର୍ଯ୍ୟନ୍ତ ଆମଦାନୀ ଉପରେ ହିଁ ନିର୍ଭର କରିବାକୁ ପଡୁଛି। ଭାରତ ଏବେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ କରୁଛି। ତେଣୁ ବିଶ୍ୱ ଭୂରାଜନୈତିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତୀୟ କୃଷି ଉପରେ ପଡୁଛି। ଉଦାହରଣ ସ୍ୱରୂପ ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ। ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଛି। କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି। ତେଣୁ ଭାରତ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି। ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସୁଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଏବଂ ସାର ପହଞ୍ଚିବାରେ ବିଳମ୍ବ ହେଉଛି। ଏହିସବୁ କାରଣ ସହିତ କଳାବଜାରୀ ମିଶି ଯିବାରୁ ଦେଶରେ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି, ଯାହାର ପ୍ରଭାବ ଓଡ଼ିଶା ଉପରେ ଏବେ ଏବେ ଅନୁଭୂତ ହୋଇଛି। ଗତ ଜୁନ୍ ୧ ତାରିଖ ସୁଦ୍ଧା ଭାରତରେ ମୋଟ ଡିଏପି ମହଜୁଦ ପରିମାଣ ୯ ଲକ୍ଷ ଟନ୍ ଥିଲା, ଯାହା ପୂର୍ବବର୍ଷର ଏହି ସମୟ ତୁଳନାରେ ୪୨% କମ୍। ଭାରତୀୟ କୃଷି ପାଇଁ ଆଶ୍ୱସ୍ତିର କଥା ଯେ ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ମାତ୍ର ୧୨ ଦିନ ପରେ ବିରାମ ଲାଗିଲା। ଯୁଦ୍ଧ ଅଧିକ ଦିନ ଲାଗି ରହିଥିଲେ ଅଶୋଧିତ ତୈଳ ତୁଳନାରେ ଭାରତର ସାର ସଙ୍କଟ ଅଧିକ ଉତ୍କଟ ହୋଇଥା'ନ୍ତା ଏବଂ ଡିଏପି ଓ ୟୁରିଆ ଆମଦାନୀ ୨୫% ପର୍ଯ୍ୟନ୍ତ ହ୍ରାସ ପାଇଥା'ନ୍ତା।

ସାର ସଙ୍କଟ ସମାଧାନ ଦିଗରେ ସରକାର ମଧ୍ୟ ନିରୂପାୟ। ରାସାୟନିକ ସାର ଯୋଗାଣ ପାଇଁ ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ। ଏଥିପାଇଁ ସାର ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟୱାରୀ ମାସିକ କୋଟାର ବ୍ୟବସ୍ଥା କରାଯାଇଛି। ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ୩୦ରୁ ୪୦ ଦିନର ଚାହିଦା ପୂରଣ କରିବାରେ ସକ୍ଷମ। ଯଦି ବିଶ୍ୱସ୍ତରରେ ଅଧିକ ଦିନ ଅସ୍ଥିରତା ଦେଖାଦିଏ ତେବେ ଭାରତର କୃଷି ଉତ୍ପାଦନ ଗୁରୁତର ବ୍ୟାହତ ହେବ, ଯାହା ଏବେ ପ୍ରାୟତଃ ଦେଖିବାକୁ ମିଳୁଛି।

ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଯଥାଶୀଘ୍ର ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ହେଉଛି କଞ୍ଚାମାଲ। କଞ୍ଚାମାଲ୍ ଆମଦାନୀ ସୁଗମ ଓ ସୁଲଭ କରିବା ପାଇଁ ଭାରତ କୂଟନୈତିକ-ବାଣିଜ୍ୟିକ-ରଣନୀତିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ। ଏହାଛଡ଼ା ଭାରତରେ ସାର ଉତ୍ପାଦନ ଶିଳ୍ପର ଯନ୍ତ୍ରାଂଶଗୁଡ଼ିକ ପୁରୁଣାକାଳିଆ ଏବଂ ଅଧିକ ଶକ୍ତି ଆହରଣକାରୀ। ଏହାକୁ ଆମୂଳଚୂଳ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଘରୋଇ ସାର ଉତ୍ପାଦନ ଆମଦାନୀ ତୁଳନାରେ ମହଙ୍ଗା ପଡ଼ିବ। ତେଣୁ ଏ ଦିଗରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିବାକୁ ହେବ। ଏହାଛଡ଼ା ବିତରଣ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ପଡ଼ିବ। ଏବେ ୟୁରିଆ ସାର ଉପରେ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଥିବାରୁ ଏହାର କଳାବଜାରୀ ଅଧିକ ହେଉଥିବା ଅଭିଯୋଗ ଆସୁଛି। ଡିଏପି ଓ ଏମ୍‌ଓପିରେ ଚାଷୀ ପାଉଥିବା ଆଂଶିକ ରିହାତି ବଜାରଭିତ୍ତିକ। ଅର୍ଥାତ୍ ବିଶ୍ୱ ବଜାରରେ ମୂଲ୍ୟ ବୃଦ୍ଧି ପାଇଲେ ଚାଷୀ ମଧ୍ୟ ଅଧିକ ଦାମରେ କିଣିବାକୁ ବାଧ୍ୟ, ଠିକ୍ ରୋଷେଇ ଗ୍ୟାସ୍ କିଣିବା ପରି।

ବିଶେଷକରି ଭାରତ ଭଳି କୃଷିପ୍ରଧାନ ଦେଶରେ ସାର ଏଭଳି ଏକ ପ୍ରସଙ୍ଗ, ଯାହା କୋଟିକୋଟି ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ। ତେଣୁ ସାର ରିହାତି ବାବଦ ବୋଝ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏ ଦିଗରେ ବିଶେଷକିଛି କରିବା ଅବସ୍ଥାରେ ନାହାନ୍ତି; ଅଥଚ କୃଷି-ଶିଳ୍ପ ସଂସ୍ଥାମାନେ ଏଥିରୁ ଭରପୂର ଫାଇଦା ଉଠାଉଛନ୍ତି। ଏବେ ସମୟ ଆସିଛି କେନ୍ଦ୍ର ସରକାର ସାରକୁ ଜାତୀୟ ଅତ୍ୟାବଶ୍ୟକ ନୀତିରେ ସାମିଲ୍ କରିବା ଦିଗରେ ଅଧିକ ବିଚାରବିମର୍ଶ ଲାଗି ପଥ ଉନ୍ମୋଚନ କରିବା ଆବଶ୍ୟକ। ସେମିକଣ୍ଡକ୍ଟର ଭଳି ସାର ଶିଳ୍ପକୁ ମଧ୍ୟ ଆତ୍ମନିର୍ଭରଶୀଳ ଭାରତ ଅଧୀନ କରିବା ଆବଶ୍ୟକ।

# ପରିଚୟ ବନାମ ପୁରସ୍କାର

**ଡ. ବିମଳ ଷଡ଼ଙ୍ଗୀ**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୫ମସିହା ଜୁଲାଇ ୭ତାରିଖ ଦିନ ହ୍ୱାଇଟ୍ ହାଉସରେ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଆତିଥ୍ୟ ଦେବା ସହିତ ଓଭାଲ୍ ଅଫିସରେ ଏକ ବ୍ୟକ୍ତିଗତ ରାତ୍ରିଭୋଜନର ଆୟୋଜନ କରିଥିଲେ। ବୈଠକ ପରେ ନେତାନ୍ୟାହୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ସୁପାରିସ କରି ପତ୍ର ଲେଖିଲେ। କିଛିଦିନ ପୂର୍ବରୁ ଜୁନ ୧୮ତାରିଖ ଦିନ ହ୍ୱାଇଟ୍ ହାଉସରେ ପାକିସ୍ତାନର ସେନାମୁଖ୍ୟ ଫିଲ୍ଡମାର୍ଶାଲ ସୟଦ ଅସିମ ମୁନିର ଆତିଥ୍ୟ ଲାଭ କରିଥିଲେ ଏବଂ ଓଭାଲ୍ ଅଫିସରେ ପ୍ରଥମ ଅଣରାଜନୈତିକ ପାକିସ୍ତାନୀ ଭାବରେ ଯୋଗ ଦେବାର ସୌଭାଗ୍ୟ ପାଇଥିଲେ। ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଓ ପରମାଣୁ ଯୁଦ୍ଧ ଉତ୍ତେଜନା ହ୍ରାସ କରିବାରେ ଟ୍ରମ୍ପଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ତାଙ୍କ ନାମକୁ ନୋବୋଲ୍ ଶାନ୍ତି ପୁରସ୍କାର ଲାଗି ମୁନିର ସୁପାରିସ କରିଥିଲେ।

ଅନେକ ସମୟରେ ଟ୍ରମ୍ପ ବିଭିନ୍ନ ଗଣମାଧ୍ୟମରେ ନୋବେଲ କମିଟି ବିରୁଦ୍ଧରେ କ୍ଷୋଭ ପ୍ରକାଶ କରିଛନ୍ତି। ନୋବେଲ୍ ପୁରସ୍କାର ପାଇବାକୁ ଯୋଗ୍ୟଥିଲେ ବି ତାଙ୍କୁ ତାହା ନ ମିଳିବାର କାରଣ ତାଙ୍କ ନାଁରେ ଓବାମା ସଂଜ୍ଞା ନାହିଁ ବୋଲି ପ୍ରକାଶ କରିଛନ୍ତି, ଯାହା ଆମେରିକା ଭଳି ରାଷ୍ଟ୍ରମୁଖ୍ୟଙ୍କ ମୁଖରେ ଶୋଭାପାଇବା ନିନ୍ଦନୀୟ। ଏହାସହିତ ତାଙ୍କ ପ୍ରଶାସନିକ ଅଧିକାରୀ, ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ ଏବଂ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକ୍ ୱାଲ୍ଟଜ୍ ଡୋନାଲ୍ଡ ଟ୍ରମ୍ପ ନୋବେଲ୍ ପୁରସ୍କାର ପାଇବାକୁ ହକଦାର ବୋଲି ପ୍ରଚାର କରିଛନ୍ତି। ଉପର ବର୍ଣ୍ଣିତ ଉଦାହରଣକୁ ତର୍ଜମା କଲେ ସ୍ପଷ୍ଟ ହୁଏ ଯେ ଟ୍ରମ୍ପଙ୍କ ପାଇଁ ବିଶ୍ୱ ଶାନ୍ତି ଅପେକ୍ଷା ନୋବେଲ ପୁରସ୍କାର ଗୁରୁତ୍ୱପୂର୍ଣ୍ଣ, ଯାହା ପାଇଁ ସେ ତାଙ୍କର ଲବି କରିବାରେ ବ୍ୟସ୍ତ।

ସାରାବିଶ୍ୱରେ ଏପରି ଅନେକ ମୁଖାପିନ୍ଧା ବ୍ୟକ୍ତି ବିଭିନ୍ନ ପୁରସ୍କାର ପାଇବାକୁ ବ୍ୟାକୁଳ। ପୁରସ୍କାର ସେମାନଙ୍କ ମନ୍ଦ କାର୍ଯ୍ୟକୁ ଲୁଚାଇବା ପାଇଁ ଗୋଟିଏ କବଚ। ଆଜିକାଲି ପୁରସ୍କାର ପାଇବାର ବାର୍ତ୍ତାଗୁଡ଼ିକ ଅତିଶୀଘ୍ର ସାରା ବିଶ୍ୱରେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଓ ପ୍ରଚାରିତ ହୋଇଥାଏ, ଯାହା ସାଧାରଣ ଲୋକମାନଙ୍କୁ ସହଜରେ ଓ ଅଳ୍ପ ସମୟରେ ପ୍ରଭାବିତ କରିଥାଏ। ଏହାର ସୁଯୋଗରେ ଅନେକ ଅବାଞ୍ଛିତ ବ୍ୟକ୍ତି ଅର୍ଥବଳରେ ଗୁଡ଼ିଏ ଛଦ୍ମ ସଂସ୍ଥାଠାରୁ ତଞ୍ଚକତାପୂର୍ଣ୍ଣ ସମ୍ମାନ ଓ ପୁରସ୍କାର ଫୋଟୋ ସହିତ ଲେଖା ବା କେଉଁ ଅନୁଷ୍ଠାନ ପୁରସ୍କାର ଦେଲା ଏବଂ ବିନା ପାଠରେ କିଏ କେତେଟା ଅନୁଷ୍ଠାନରୁ ଡକ୍ଟରେଟ ବା ପିଏଚଡି ପାଇଲା, ତା'ର ଗଣନା କରି ବାରମ୍ବାର ସାମାଜିକ ଗଣମାଧ୍ୟମ ଦ୍ୱାରା ଲୋକମାନଙ୍କୁ ଭ୍ରମିତ କରନ୍ତି। ନିଜ ଅନୁଷ୍ଠାନ ବା ସଂଗଠନର କର୍ମଚାରୀଙ୍କୁ ଭୟ ଦେଖାଇ ସେଗୁଡ଼ିକୁ ସେମାନଙ୍କ ଦ୍ୱାରା ସାଧାରଣ ଲୋକଙ୍କ ଦୃଷ୍ଟିଗୋଚର ପାଇଁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଯଥା ହ୍ୱାଟ୍ସଆପ ଓ ଫେସବୁକ ଇତ୍ୟାଦିରେ ସେୟାର କରାନ୍ତି। ଲୋକଙ୍କ ସମ୍ମୁଖରେ ସେମାନଙ୍କୁ ମହାନ ବୋଲି ଦର୍ଶାଇ ଥା'ନ୍ତି। ସାଧାରଣ ଅପାଠୁଆ ଓ ଅର୍ଦ୍ଧପାଠୁଆ ଓ କିଛି ପାଠୁଆମୂର୍ଖ ଭାବନ୍ତି ଲୋକଟା କରିତକର୍ମା ନ ହେଲେ କ'ଣ ମାଗଣାରେ ତାକୁ ଏତେ ପୁରସ୍କାର କିମ୍ବା ଉପାଧି ମିଳନ୍ତା?

ସମୟ ସମୟରେ କିଛି ଦେଶ, ଅନୁଷ୍ଠାନ, ବ୍ୟକ୍ତିବିଶେଷ ପ୍ରମୁଖ ବ୍ୟକ୍ତିର ଛଦ୍ମବେଶୀ କାମକୁ ସହଜରେ ନ ଜାଣିପାରି ତା'କୁ ପୁରସ୍କାର ଦେବାକୁ ସ୍ଥିର କରନ୍ତି। ଯାହା ସାହାଯ୍ୟରେ ଅନୁଷ୍ଠାନ ବା ବ୍ୟକ୍ତିଟି ସମସ୍ତ ପୁରସ୍କାର ନଥିକୁ ଏକାଠି କରି ବିଭିନ୍ନ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତିକସ୍ତରୀୟ ପୁରସ୍କାର ହାତେଇବା ପାଇଁ ପ୍ରୟାସ କରେ। ଦରକାର ପଡ଼ିଲେ ପୁରସ୍କାର ଦେଉଥିବା ଅନୁଷ୍ଠାନ ମୁଖ୍ୟଙ୍କୁ ପ୍ରଭାବିତ କରିବାର ସମସ୍ତ ପ୍ରୟାସ ମଧ୍ୟ ହାତଛଡ଼ା କରିନଥାଏ। ସେଥିରେ ସାଧାରଣ ଲୋକଙ୍କ କ୍ଷତିକୁ ଅଣଦେଖା କରିଥାଏ। ଠିକ ଯେପରି ଟ୍ରମ୍ପଙ୍କ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଏତେ ବ୍ୟାକୁଳ ଯେ ସେ ରାସ୍ତାରେ ଯେତେ ଲୋକଙ୍କ ମୃତ୍ୟୁ ଘଟିଲେ ବି ତାଙ୍କର ଯାଏ ଆସେ ନାହିଁ। ପ୍ରଥମେ ଦେଶ-ଦେଶ ମଧ୍ୟରେ ଯୁଦ୍ଧ କରାଇ ତା'ପରେ ମଧ୍ୟସ୍ଥି ହୋଇ ଯୁଦ୍ଧ ବନ୍ଦ କରାଇବା ପରେ ନୋବେଲ ପୁରସ୍କାର ପାଇବା ତାଙ୍କର ଲକ୍ଷ୍ୟ।

ବିଖ୍ୟାତ ବୈଜ୍ଞାନିକ ଆଲଫ୍ରେଡ ନୋବେଲ ବିଶ୍ୱ ଶାନ୍ତି ଓ ପ୍ରଗତିର ପ୍ରଚାର ଓ ପ୍ରସାର ପାଇଁ ନୋବେଲ ପୁରସ୍କାରର ସ୍ଥାପନ କରିଥିଲେ। ପ୍ରତିଷ୍ଠିତ ବୈଜ୍ଞାନିକ, ସମାଜ ସେବକ, ସାହିତିକ, ଐତିହାସିକ ଇତ୍ୟାଦି, ଯେଉଁମାନଙ୍କର ସମାଜପ୍ରତି ନିଃସ୍ୱାର୍ଥପର ଦାନ ଥାଏ, ସେମାନଙ୍କୁ ବିଭିନ୍ନ କଠିନ ଚୟନ ପଦ୍ଧତି ମାଧ୍ୟମରେ ସ୍ଥିର କରାଯାଏ।

ଭାରତରେ ମଧ୍ୟ ପୁରସ୍କାର ପାଇଁ ଅନେକ ବ୍ୟକ୍ତି ବ୍ୟାକୁଳ ଏବଂ ଏହାର ସୁଯୋଗରେ ଅନେକ ଠକ ଅନାମଧେୟ ପୁରସ୍କାର ଏବଂ ପିଏଚଡି ପ୍ରଦାନକାରୀ ସଂସ୍ଥା ସେପରି ବ୍ୟକ୍ତିମାନଙ୍କୁ ସହାୟତା ଯୋଗାନ୍ତି। ବିଳାସପୂର୍ଣ୍ଣ ସ୍ଥାନରେ ଆତିଥ୍ୟ ପ୍ରଦାନ ସହିତ ଜାତୀୟ, ବିଶ୍ୱବ୍ୟାପୀ, ଉତ୍କର୍ଷତା ପରି ଶବ୍ଦ ବ୍ୟବହାର କରି ଅଜ୍ଞାତ ଆୟୋଜକ କିମ୍ବା ଯାଞ୍ଚ ନ କରିଥିବା ଜୁରୀଙ୍କ ମାଧ୍ୟମରେ ସେଗୁଡ଼ିକୁ ପ୍ରଦାନ କରନ୍ତି। ପରବର୍ତ୍ତୀ ସମୟରେ ସେପରି ପୁରସ୍କାର ସହାୟତାରେ ଲୋକଙ୍କ ସମ୍ମୁଖରେ ମହାନ ହୋଇ ସହଜରେ ଠକିବାର ସୁଯୋଗ ପାଆନ୍ତି। ଏହା ଏକ ବିଶ୍ୱସ୍ତରୀୟ ସମସ୍ୟା, ଯାହା ଅନେକ ଦେଶକୁ ପ୍ରଭାବିତ କରେ। ଆମେରିକା ଓ ୟୁରୋପ ଆଦି ଦେଶର ଅଣସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟର ନକଲି ସମ୍ମାନଜନକ ଡକ୍ଟରେଟ୍ କିମ୍ବା ପିଏଚଡି ପ୍ରାପ୍ତ ବ୍ୟକ୍ତି ଭାରତର ବହୁ ଅନୁଷ୍ଠାନରେ ଶିକ୍ଷାଦାନରେ ଲିପ୍ତ। ଭାରତର ପ୍ରସିଦ୍ଧ ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ କେତେକ ସମୟରେ ଯାଞ୍ଚ ନକରି କିମ୍ବା ଅର୍ଥ ବିନିମୟରେ କିଛି ଅର୍ବାଚୀନ ବ୍ୟକ୍ତିଙ୍କୁ ପୁରସ୍କାର କିମ୍ବା ଉପାଧି ପ୍ରଦାନ କରନ୍ତି, ଯାହା ପ୍ରକୃତ ସଫଳତାର ବିଶ୍ୱସନୀୟତାକୁ କ୍ଷୁର୍ଣ୍ଣ କରେ ଏବଂ ଶିକ୍ଷାଗତ ଓ ବୃତ୍ତିଗତ ପରିବେଶକୁ ପ୍ରଦୂଷିତ କରେ। ଅନେକ ସମୟରେ ଦେଖାଯାଏ କେତେକ ବୃତ୍ତିଗତ ଅନୁଷ୍ଠାନର କର୍ମକର୍ତ୍ତା କୌଣସି କାର୍ମଶାଳାରେ ସନ୍ଦର୍ଭ ପ୍ରକାଶନ ଓ ପୁରସ୍କାର ପାଇଁ ପଞ୍ଜୀକରଣ ଖର୍ଚ୍ଚ ନାମରେ ଟଙ୍କା ଆଦାୟ କରନ୍ତି। ଗବେଷଣା କରୁଥିବା ପ୍ରଫେସର, ଛାତ୍ରଛାତ୍ରୀ ନିଜ ନାମରେ ପୁରସ୍କାର ପାଇଁ ବାଧ୍ୟ ହୋଇ ପଞ୍ଜିକରଣ ଖର୍ଚ୍ଚ ଦେଇଥା'ନ୍ତି, ଯାହା ଏକ ବ୍ୟବସ୍ଥାରେ ପରିଣତ ହୋଇଯାଇଛି। ଅନେକ ଉଚ୍ଚ ଅନୁଷ୍ଠାନ ମଧ୍ୟ ପ୍ରିୟାପ୍ରୀତି ତୋଷଣ ନୀତିରେ ସେମାନଙ୍କ ପସନ୍ଦର ଅଯୋଗ୍ୟ ବ୍ୟକ୍ତିଙ୍କୁ ପୁରସ୍କାର ଦେଇଥାଆନ୍ତି, ଯାହା ଫଳରେ ବଣର ସୁବାସିତ ଫୁଲାଟି ଶୁଖି ଝଡ଼ିଗଲେ ବି ଲୋକଲୋଚଙ୍କୁ ଆସି ନ ଥାଏ।

ସାଧାରଣତଃ ବୈଷୟିକ ଶିକ୍ଷା ଏବଂ ସାଧାରଣ ଶିକ୍ଷା ବ୍ୟବସାୟୀ, ରାଜନେତା, ଡାକ୍ତର କିମ୍ବା କ୍ଷୁଦ୍ର ବା ମଧ୍ୟମ ବା ବୃହତ ବ୍ୟବସାୟୀ, କିଛି ସେଲିବ୍ରିଟି, ଆଧ୍ୟାତ୍ମିକ ନେତା ଏବଂ ଲେଖକମାନେ ନିଜକୁ ସାଧାରଣଲୋକଙ୍କ ପାଖରେ ମହାନ ହେବା ପାଇଁ ଏହି ଉପାଧିଗୁଡ଼ିକୁ ଅର୍ଥ ବଦଳରେ ହାସଲ୍ କରି ସେମାନଙ୍କୁ ଶୋଷଣ କରିବା ଆରମ୍ଭ କରନ୍ତି। ଭାରତର ସର୍ବୋଚ୍ଚ ନାଗରିକ ପୁରସ୍କାର ପଦ୍ମ ପୁରସ୍କାର ପାଇଁ ଟଙ୍କା କିମ୍ବା ରାଜନୈତିକ ପ୍ରଭାବର ବ୍ୟବହାର କରାଯାଏ ବୋଲି ଅଭିଯୋଗ ରହିଛି, ଯଦିଓ ତାହା ପ୍ରମାଣ କରିବା କଷ୍ଟକର। ୨୦୧୯ ରେ ଏକ ସାଧାରଣ ସଭାରେ ବାବା ରାମଦେବ କହିଥିଲେ ଯେ 'ଯଦି ମୁଁ ଅନ୍ୟମାନଙ୍କ ପରି ପଦ୍ମ ପୁରସ୍କାର ଲବି କରିଥା'ନ୍ତି, ତେବେ ମୁଁ ନିଜ ପାଇଁ ମଧ୍ୟ ଗୋଟିଏ ପୁରସ୍କାର ପାଇପାରିଥା'ନ୍ତି।' ପଦ୍ମ ପୁରସ୍କାର ପରି ଜାତୀୟ ପୁରସ୍କାର ପ୍ରତି ଏହା ସେତେବେଳେ ଏକ ପ୍ରଶ୍ନ ସୃଷ୍ଟି କରିଥିଲା।

ଯୋଗ୍ୟବ୍ୟକ୍ତି ବିନାକୌଣସି ପ୍ରତିଦାନରେ ଆନୁଷ୍ଠାନିକ ପୁରସ୍କାର ବା ବାହାବା ନେବାକୁ ଇଚ୍ଛା କରନ୍ତି ନାହିଁ। ବିନା ପୁରସ୍କାରରେ ସେମାନଙ୍କର କାମ୍ୟ ଜଗତର ସୁଖ ଓ ଶାନ୍ତି। ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ମାର୍କ୍ସ, ଗୋପବନ୍ଧୁ, ଅବଦୁଲ କାଲାମ, ଗାଲିଲିଓ, ନିଉଟନ, ମାଡମ କ୍ୟୁରୀ ବା ଅନ୍ୟ କେହି ମନୀଷୀଙ୍କ ପରି ବ୍ୟକ୍ତିତ୍ୱଙ୍କର ନଥାଏ କୋଣସି ସମ୍ମାନ ପାଇବାର ପ୍ରଚେଷ୍ଟା ନା ଲୋଭ ନା ଅର୍ଥ ରୋଜଗାର ମୋହ। ସେମାନଙ୍କର ଥାଏ ଗୋଟିଏ ଲକ୍ଷ୍ୟ - ସେଥିପାଇଁ ତ ସେମାନେ ଅମର। ଯେଉଁମାନେ ଅର୍ଥ ବଦଳରେ ମିଛ ପୁରସ୍କାର ବା ଡିଗ୍ରୀ ବା ଉପାଧି ଧାରଣ କରନ୍ତି ସେମାନେ ସମାଜର କଳଙ୍କ; କୌଣସି ଅପରାଧୀଙ୍କ ଠାରୁ କମ ନୁହନ୍ତି। ଜନସାଧାରଣ ସେପରି ବ୍ୟକ୍ତିଙ୍କୁ ଚିହ୍ନି ସେମାନଙ୍କଠାରୁ ଦୂରରେ ରହି ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖିବାକୁ ପଡ଼ିବ। କାରଣ ବ୍ୟକ୍ତିତ୍ୱର ପରିଚୟ ଥାଏ ନିଷ୍କାମ କର୍ମରେ, ଛଦ୍ମ ପୁରସ୍କାରରେ ନୁହେଁ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

# ପଶୁ ଚିକିତ୍ସା ବିଜ୍ଞାନରେ କୃତ୍ରିମ ବୁଦ୍ଧିମତ୍ତା

**ପ୍ର. ସୁଶେନ କୁମାର ପଣ୍ଡା**

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ବର୍ତ୍ତମାନ ଯୁଗର ଏକଦିଗନ୍ତ ବିସ୍ତାରି ସମ୍ଭାବନାର ଅସୁମାରି ଆଶା, ଯାହା ଆଧୁନିକ ମାନବ ସମାଜର ବିଭିନ୍ନ କାର୍ଯ୍ୟଗୁଡ଼ିକୁ ଅଚିରେ ନିର୍ଭୁଲ ଭାବେ ସମ୍ପାଦନ କରିପାରୁଛି। ଉନ୍ନତ ଆଲଗୋରିଦମ୍‌ର ବ୍ୟବହାର ସହ ସବିଶେଷ ବିଶ୍ଳେଷଣ କ୍ଷମତା ଏବଂ ମେସିନ୍ ଲର୍ଣ୍ଣିଂକୁ ସମନ୍ୱିତ କରି ସ୍ୱୟଂକ୍ରିୟ ନିର୍ଭୁଲତା ଏବଂ ପୂର୍ବାନୁମାନ କ୍ଷମତାକୁ ସକ୍ଷମ କରି ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଓ ପଶୁ ଚିକିତ୍ସା ବିଜ୍ଞାନ ସମେତ ଏକାଧିକ କ୍ଷେତ୍ରରେ ଏହା ବ୍ୟାପକ ବୈପ୍ଳବିକ ପରିବର୍ତ୍ତନ ଆଣିପାରୁଛି। ବର୍ତ୍ତମାନ ଏଆଇର ଅପାର ସମ୍ଭାବନାକୁ ଆଖି ଆଗରେ ରଖି ଦେଶ-ବିଦେଶର ବୈଜ୍ଞାନିକ ଓ ସରକାରୀ କଳ ଏହାର ପୂର୍ଣ୍ଣଅବୟବ ବିକାଶ କରିବାରେ ଅପ୍ରାଣ ଉଦ୍ୟମ ଅବ୍ୟାହତ ରଖିଛନ୍ତି।

ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ପାଳନ କ୍ଷେତ୍ରରେ ଏଆଇର ପ୍ରୟୋଗ ବ୍ୟାପକ। ପ୍ରାଣୀ ରୋଗ ନିର୍ଣ୍ଣୟ ସହିତ ରୋଗ ପରିଚଳନା, ନୂତନ ଔଷଧର ଆବିଷ୍କାର ଇତ୍ୟାଦିରେ ଏଆଇ ବେଶ ସହାୟକ ହୋଇପାରିବ ବୋଲି ବିଶ୍ୱାସ। ଏହା ପଶୁପକ୍ଷୀମାନଙ୍କ ଖାଦ୍ୟ ଗ୍ରହଣ, ଶରୀରର ଓଜନ ଏବଂ ଦୁଗ୍ଧ ଉତ୍ପାଦନର ଭିନ୍ନତା ଉପରେ ଆଧାରିତ ବିଭିନ୍ନ ପୂର୍ବାନୁମାନ ମଡେଲ ଜରିଆରେ ଥନହରା, ପରଜୀବୀ ସଂକ୍ରମଣ, ହରମୋନ୍ ଗତ ସମୟ ସାରଣୀ, ଅଂଶୁଘାତର ପୂର୍ବାନୁମାନ କିମ୍ବା ଅନ୍ୟାନ୍ୟ ରୋଗ ବ୍ୟାଧି ବିଷୟରେ ସଠିକ୍ ସଙ୍କେତ ଦେଇପାରେ। ପ୍ରାଣୀମାନଙ୍କ ଦେହରେ ଲଗାଯାଇଥିବା ବିଭିନ୍ନ ପରିଧାନଯୁକ୍ତ ଯନ୍ତ୍ର ଯଥା ସ୍ମାର୍ଟ ସେନ୍ସର ଏବଂ ଅନ୍ୟାନ୍ୟ ସ୍ୱୟଂଚାଳିତ ଯନ୍ତ୍ରର ବ୍ୟବହାରରେ ବ୍ୟାପକ ଡାଟାସେଟ୍‌ର ବିଶ୍ଳେଷଣ ସହ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦ୍ୱାରା ପ୍ରାଣୀ ପାଳକମାନେ ଖାଦ୍ୟ ରୂପାନ୍ତରଣ ଦକ୍ଷତା, ସନ୍ତୁଳିତ ପୁଷ୍ଟିକର ଯୋଜନା ଇତ୍ୟାଦି ବିଷୟରେ ସଠିକ୍ ପୂର୍ବାନୁମାନ କରି ବେଶ ଲାଭବାନ ହୋଇପାରିବେ।

ଏକ୍ସରେ, ଅଲଟ୍ରାସାଉଣ୍ଡ, ସି.ଟି. ସ୍କାନିଂ ଆଦି ପଶୁମାନଙ୍କର ହାଡ଼ଭାଙ୍ଗିବା, କର୍କଟ ରୋଗ କିମ୍ବା ଅଙ୍ଗ ଅସ୍ୱାଭାବିକତା ଆଦି ଚିହ୍ନଟ କରିବାରେ ସହାୟକ ହୋଇଥାଏ। ଏବେ ଏଆଇ ଆଧାରିତ ମଡେଲ କେବଳ ପ୍ରତିଛବି ବିଶ୍ଳେଷଣ କରି ଏହାର ସଠିକ୍ ବ୍ୟାଖ୍ୟା କରିପାରୁଛି। ବିଭିନ୍ନ ସମୟରେ ପ୍ରାଣୀମାନଙ୍କଠାରୁ ମନୁଷ୍ୟମାନଙ୍କୁ ବ୍ୟାପୁଥିବା ସଂକ୍ରମଣ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ମହାମାରୀ ନିୟନ୍ତ୍ରଣ କରିବାରେ ଏଆଇର ପ୍ରୟୋଗ ଅତୁଳନୀୟ। ମେସିନ୍ ଲର୍ଣ୍ଣିଂ ମଡେଲ ଜଳବାୟୁ ତଥ୍ୟ ପଶୁମାନଙ୍କର ଗତିବିଧି ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଭିତ୍ତିଭୂମିର ସୂକ୍ଷ୍ମାତିସୂକ୍ଷ୍ମ ପରିବର୍ତ୍ତନକୁ ସବିଶେଷ ବିଶ୍ଳେଷଣ କରି ବାର୍ଡ ଫ୍ଲୁ, ବ୍ଲୁ ଟଙ୍ଗ, ରିଫ୍ଟଭ୍ୟାଲିଜର ଇତ୍ୟାଦି ରୋଗ ପ୍ରାଦୁର୍ଭାବ ବିଷୟରେ ସଠିକ୍ ପୂର୍ବାନୁମାନ କରିପାରେ।

ପ୍ରାଣୀସ୍ୱାସ୍ଥ୍ୟ ମାନବ ସମାଜର ସୁସ୍ଥତା ଏବଂ ପରିବେଶ ସମ୍ବନ୍ଧୀୟ ତଥ୍ୟକୁ ଏକାଠି ଯୋଡ଼ି ଏଆଇ ଏକକ ସ୍ୱାସ୍ଥ୍ୟ ଆଭିମୁଖ୍ୟକୁ କେବଳ ସୁଦୃଢ଼ କରିନଥାଏ ବରଂ ଏହା ସାମଗ୍ରିକ ରୋଗ ନିବାରଣ ରଣକୌଶଳକୁ ସକ୍ଷମ କରିଥାଏ। ଗୃହପାଳିତ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ଉପରେ ତୀକ୍ଷଣ ନଜର ରଖିବା ପାଇଁ ଏଆଇ ଆଧାରିତ ଆପ୍ ଏବଂ ପରିଧାନଯୋଗ୍ୟ ଯନ୍ତ୍ର ପ୍ରାଣୀମାନଙ୍କର ଦ୍ରୁତ ସ୍ପନ୍ଦନ ହାର, ନିଦ୍ରାଚକ୍ର, ଖାଦ୍ୟ ଗ୍ରହଣ ଇତ୍ୟାଦି ଉପରେ ନଜର ରଖିଥାଏ, ଯାହାକି ପଶୁଚିକିତ୍ସକମାନଙ୍କୁ ବିଭିନ୍ନ ରିଅଲ୍ ଟାଇମ୍ ସ୍ୱାସ୍ଥ୍ୟ ଯଥା ହୃଦ୍‌ରୋଗ, ବାତ ଓ ମେଦବହୁଳତା ଇତ୍ୟାଦି ରୋଗଗୁଡ଼ିକର ଶୀଘ୍ର ଚିହ୍ନଟକୁ ସକ୍ଷମ କରିବାରେ ସହାୟକ ହୋଇଥାଏ। ଏଆଇ ପରିଚାଳିତ ଆଚରଣ ବିଶ୍ଳେଷଣ ଉପକରଣ କୁକୁର ଓ ବିଲେଇମାନଙ୍କ ମଧ୍ୟରେ ଚାପ, ଉଦ୍‌ବେଗ କିମ୍ବା ଆକ୍ରମଣକୁ ଚିହ୍ନଟ କରିବାରେ ମଧ୍ୟ ସାହାଯ୍ୟ କରେ। ଅଧୁନା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଅନ୍ତର୍ଗତ ଗୋମହିଷାଦିମାନଙ୍କଠାରେ ପରୀକ୍ଷାମୂଳକ ଭାବେ ଓୟୁଏଟି ଷ୍ଟାର୍ଟ ଅପ୍ ଅନ୍ତର୍ଭୁକ୍ତ କାଓବିଟ୍ ଟେକ୍ନୋଲଜିସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ସହଜ ପରିଧାନଯୁକ୍ତ କିଛି ବାୟୋସେନ୍ସର ପରୀକ୍ଷା ଅବ୍ୟାହତି ଚାଲୁଛି।

ଏଆଇ ଓ ମେସିନ୍ ଲର୍ଣ୍ଣିଂର ବିଭିନ୍ନ ମଡେଲ ପଶୁ ଖାଦ୍ୟରେ ଜୀବାଣୁର ଉପସ୍ଥିତି, ରାସାୟନିକ ଅବଶିଷ୍ଟାଂଶ ଏବଂ ଅପମିଶ୍ରଣକୁ ଚିହ୍ନଟ କରିବାରେ ସହାୟକ ହୋଇଥାଏ। ଖାଦ୍ୟ ପ୍ରକ୍ରିୟାକରଣ କାରଖାନାଗୁଡ଼ିକରେ ଏଆଇ ପରିଚାଳିତ ରୋବୋଟିକ୍ସ ବର୍ଜ୍ୟବସ୍ତୁ ହ୍ରାସ କରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟକର ଏବଂ ସ୍ୱଚ୍ଛ ପଶୁ ଉତ୍ପାଦ ବ୍ୟବସ୍ଥା ସୁନିଶ୍ଚିତ କରିଥାଏ। ଏଆଇ ଦ୍ୱାରା ବିଶ୍ଳେଷଣ କରାଯାଇଥିବା କ୍ୟାମେରା ଟ୍ରାପ, ଡ୍ରୋନ୍ ଓ ଉପଗ୍ରହ ଚିତ୍ରରୁ ଶିକାର କାର୍ଯ୍ୟକଳାପକୁ ଅତିଶୀଘ୍ର ଚିହ୍ନଟ କରିହୁଏ। ପ୍ରାଣୀ ଚିକିତ୍ସକମାନେ ଏଆଇ ମଡେଲରୁ ବିଭିନ୍ନ ବନ୍ୟଜନ୍ତୁଙ୍କଠାରେ ବିଭିନ୍ନ ରୋଗର ପ୍ରାଦୁର୍ଭାବ ବିଷୟରେ ପୂର୍ବାନୁମାନ କରିଥା'ନ୍ତି। ଯଥା, ବାଦୁଡିରେ ଧଳା ନାକ ରୋଗ କିମ୍ବା ବନ୍ୟ ପ୍ରାଣୀରେ ଡିସ୍ଟେମ୍ପର ଇତ୍ୟାଦି।

ପଶୁମାନଙ୍କ କ୍ଷେତ୍ରରେ ନୂତନ ଔଷଧ ଆବିଷ୍କାରରେ ଅର୍ଥ ବାଧକ ହୋଇଥାଏ। ଏବେ ଏଆଇ ମଡେଲ ମାଧ୍ୟମରେ ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି। ଭର୍ଚୁଆଲ ବିଚ୍ଛୁରଣ ଏବଂ ବିଭିନ୍ନ ପ୍ରାଣୀଶରୀର ସଂରଚନା ମଡେଲ ଶିକ୍ଷାର୍ଥୀମାନଙ୍କ ପଶୁ ବ୍ୟବହାର ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ଦକ୍ଷ କରେ। ଚାଟ୍ ବଟ୍ ଓ ଭର୍ଚୁଆଲ ସହାୟକମାନେ କ୍ଷେତ୍ରସ୍ତରୀୟ ପ୍ରାଣୀଚିକିତ୍ସକମାନଙ୍କ ପାଇଁ ନିରନ୍ତର ଶିକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟ ଜାରି ରଖିଥା'ନ୍ତି। ଏଆଇ ମଡେଲ ମାଧ୍ୟମରେ ବିଭିନ୍ନ ରୋଗନିଦାନ ଉପକରଣ ଯଥା ବାୟୋ ସେନ୍ସର ଏବେ ବାସ୍ତବ ସମୟରେ ଜଟିଳ ଡାଟା ପ୍ରକ୍ରିୟାକରଣ କରିପାରୁଛି, ଯାହା ତୁରନ୍ତ ରୋଗ ଜୀବାଣୁ ଚିହ୍ନଟ କରିବା ସହିତ ଉପଶମ ଆବଶ୍ୟକ ପରାମର୍ଶ ଦେଇପାରୁଛି।

ଏକବିଂଶ ଶତାବ୍ଦୀର ପ୍ରାଣୀଚିକିତ୍ସା କ୍ଷେତ୍ରରେ ଆଧାରଶୀଳା ଭାବେ ଏଆଇକୁ ସ୍ଥାନିତ କରି, ପାରମ୍ପରିକ ବିଶେଷଜ୍ଞତା ସହ ସୁସମନ୍ୱୟ ରକ୍ଷା କରି ପ୍ରାଣୀ ଚିକିତ୍ସାର ସୁନେଲି ଭବିଷ୍ୟତକୁ କିପରି ପରିଭାଷିତ ଓ ପରିମାର୍ଜିତ କରାଯାଇପାରିବ, ସେଥିପାଇଁ ସମସ୍ତେ ସଦାଚେଷ୍ଟିତ ହେବା ବର୍ତ୍ତମାନ ସମୟରେ ଏକ ଆହ୍ୱାନ।

ଅଧ୍ୟକ୍ଷ, ଓୟୁଏଟି, ଭୁବନେଶ୍ୱର

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ଇସବ୍‌ଗୁଲ

**ସୌଭାଗ୍ୟସୁନ୍ଦର**

ଇସବଗୁଲ କେନ୍ଦ୍ରୀୟ ଏସିଆ, ବିଶେଷକରି ଭାରତ ଓ ଇରାନର ମୂଳ ଦେଶୀୟ ଉଦ୍ଭିଦ, ଯାହା ବର୍ତ୍ତମାନ ବିଶ୍ୱର ବିଭିନ୍ନ ସ୍ଥାନରେ ବିସ୍ତାରିତ। ଔଷଧୀୟ ଗୁରୁତ୍ୱ ହେତୁ ବିଶ୍ୱର ଅନେକ ଦେଶରେ ଇସବଗୁଲ୍ ଚାଷ କରାଯାଉଛି। ଏହା ଏକବାର୍ଷିକ କ୍ଷୁଦ୍ର ତୃଣଜାତୀୟ ଉଦ୍ଭିଦ, ଯାହା ସାଧାରଣତଃ ୨୦ ରୁ ୪୦ ସେମି ପର୍ଯ୍ୟନ୍ତ ସିଧା ବଢ଼ିଥାଏ। ଉଦ୍ଭିଦର ମୂଳରୁ ବାହାରୁଥିବା ପତ୍ରଗୁଡ଼ିକ ୭-୨୫ ସେମି ଲମ୍ବବିଶିଷ୍ଟ, ଗାଢ଼ ରଙ୍ଗର, ମୁଖ୍ୟ ଅକ୍ଷରେ ବଙ୍କା, ଧାର ଛୋଟ ଓ କଣ୍ଟା ଯୁକ୍ତ। ଫୁଲଗୁଡ଼ିକ ଉଭୟଲିଙ୍ଗୀ ଓ ଧଳା। ଫଳ ଗୁଡ଼ିକ ୭-୮ ମିମି ଲମ୍ବ ଓ ଅଣ୍ଡାକାର। ବିହନଗୁଡ଼ିକ ଡିମ୍ବାକାର ଡଙ୍ଗା କିମ୍ବା କାନ ଆକାରର, ୨ ମିମି ଲମ୍ବା, ଗୋଲାପୀ କିମ୍ବା ମାଟିଆ ରଙ୍ଗର।

ତୃଣଟି ଭାରତୀୟ ଆୟୁର୍ବେଦ ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ ଏବଂ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଡିମ୍ବାକାର ଭୁସି ଏକପ୍ରକାରର ଖାଦ୍ୟ ତନ୍ତୁ, ଯାହାକୁ ଜାତିଗତ ଔଷଧ ଭାବରେ ବିବେଚନା କରାଯାଏ। ପତ୍ର, ଭୁସି ଓ ବିହନର ଔଷଧୀୟ ଗୁଣ ଅଛି। ବିହନର ବାହ୍ୟ ସ୍ତର ଅର୍ଥାତ ଚୋପା ଭୁସି ଗଠନ କରେ, ଯାହା ଏକ ପ୍ରାକୃତିକ ପଲିମର। ଏହି ତୃଣଟି ଫାଇବର ବା ତନ୍ତୁ ଏବଂ ମ୍ୟୁସିଲେଜରେ ଭରପୂର। ମ୍ୟୁସିଲେଜ ଏକ ରଙ୍ଗହୀନ ତରଳ ଜେଲିଂ ଏଜେଣ୍ଟ, ଯାହା ଆୟତନରେ ବିସ୍ତାରିତ ହୋଇପାରେ। କାରଣ ଏହା ତା'ର ଓଜନ ଠାରୁ ୪୦ ଗୁଣ ଅଧିକ ପାଣି ଶୋଷଣ କରିଥାଏ। ଏହାର ପାଣି ଶୋଷଣ କରିବାର କ୍ଷମତା ଏହାକୁ ଏକ ପ୍ରଭାବଶାଳୀ ମଳ ସଫା ଏବଂ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ସହଜ କରିଥାଏ। ଏହି ତୃଣ ରେଚକ୍ୟକାରୀ ଏଜେଣ୍ଟ ଭାବରେ ଏବଂ ଇରିଟେବ୍ଲ ବାୱେଲ ସିଣ୍ଡ୍ରୋମ, ଆଷ୍ଟ୍ରିଞ୍ଜେଣ୍ଟ, ଆଣ୍ଟି-ଇନ୍ଫ୍ଲେମାଟୋରୀ ଏଜେଣ୍ଟ ଇତ୍ୟାଦି ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଏହାବାଦ୍ ମୂତ୍ର ସଂକ୍ରମଣ, ଚର୍ମ ସଂକ୍ରମଣ, ପାଚନ ସମସ୍ୟା, ଜେନିଟୋୟୁରିନାରୀ ଟ୍ରାକ୍ଟ ବା ଜନେନ୍ଦ୍ରିୟ-ମୂତ୍ରମାର୍ଗ ସମ୍ବନ୍ଧିତ ସମସ୍ୟା, ଉଚ୍ଚ ରକ୍ତଚାପ, ରକ୍ତ ଶର୍କରା ଓ କୋଲେଷ୍ଟ୍ରଲ ନିୟନ୍ତ୍ରଣ, ଇଷ୍ଟ ସଂକ୍ରମଣ, ପତଳା ଝାଡ଼ା, ଶରୀର ସ୍ଥୂଳତା ଓ ଓଜନ ହ୍ରାସ, ହେମୋରୋଏଡ୍ସର ଜ୍ୱଳନ ହ୍ରାସ, ଫୁଲା, କୋଲନ୍ ବା ବୃହଦନ୍ତ୍ର କର୍କଟ, ହେମୋରୋଏଡ, ଇତ୍ୟାଦି ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ।

ବିହନ ଗୁଣ୍ଡ ଅପଚୟଶୀଳ ଏବଂ ଦ୍ରବଣୀୟ ଉତ୍ସ। ଭୁଷିକୁ ପାଣିରେ ବୁଡ଼ାଇ ଦେଲେ ଉତ୍ପାଦିତ ଜେଲାଟିନସ୍ ମ୍ୟୁସିଲେଜ୍ ବୃହଦନ୍ତ ଭିତରେ ବିଷାକ୍ତ ପଦାର୍ଥକୁ ଶୋଷଣ କରିବାର କ୍ଷମତା ରଖେ। ତେଣୁ ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ବୀଜ ଭ୍ରୁଣରେ ଥିବା ତେଲରେ ୫୦% ଲିନୋଲିକ୍ ଏସିଡ୍ ଥାଏ ଏବଂ ଏଥେରୋସ୍କେଲାରୋସିସ୍‌ର ପ୍ରତିରୋଧକ ଭାବରେ ବ୍ୟବହାର କରାଯାଏ। ଏହି ତୃଣ ଶିଶୁ, ଗର୍ଭବତୀ ଓ ପ୍ରସୂତି ସେବନ କରିବା ସୁରକ୍ଷିତ ଅଟେ। ତଥାପି ଚିକିତ୍ସକଙ୍କ ବିନା ପରାମର୍ଶରେ ଏହା ଖାଇବା ଉଚିତ ନୁହେଁ। ଏହି ତୃଣ କାଇରୋର ପାରମ୍ପରିକ ଔଷଧୀୟ ଦୋକାନଗୁଡ଼ିକରେ ଗର୍ଭନିରୋଧକ ଭାବରେ ଉପଲବ୍ଧ। ଆମ ଭାରତୀୟ ବଜାରରେ ଲାକ୍ସୋହର୍ବ ପାଉଡର, ଗୋଲ୍ୟାକ୍ସ ପାଉଡର, ଲାକ୍ସୋଗୋଲ୍ଡ କ୍ୟାପସୁଲ ଇତ୍ୟାଦି ଆକାରରେ ଉପଲବ୍ଧ।

ଏହି ତୃଣର କଅଁଳିଆ ପତ୍ରକୁ କଞ୍ଚା କିମ୍ବା ରାନ୍ଧି ଖିଆ ଯାଇପାରେ। ବିହନ ଆବରଣକୁ ଆଇସ୍କ୍ରିମ୍ ସ୍ଥିରକାରୀ ଭାବରେ ବ୍ୟବହାର କରାଯାଏ। ଅଙ୍କୁରିତ ବିହନ ଏବଂ ତରୁଣ ବା କଅଳିଆ ପତ୍ରକୁ ସାଲାଡ ତିଆରି କରିବା ପାଇଁ ବ୍ୟବହାର କରାଯାଏ। ବିହନଗୁଡ଼ିକୁ ଦହିରେ ଏବଂ ଫାଇବର ପରିମାଣ ବୃଦ୍ଧି କରିବା ପାଇଁ ଭୁସିକୁ ସୁପ୍ ଏବଂ ସ୍ମୁଦିରେ ମିଶାଯାଇପାରେ। ମ୍ୟୁସିଲେଜ୍ ଲୁଣକୁ କଠିନ କରିବା ପାଇଁ ଷ୍ଟାର୍ଚ୍ଚ ଭାବରେ ବ୍ୟବହୃତ ହୁଏ। ଭୁସିରୁ ମିଳୁଥିବା ଖାଦ୍ୟ ତନ୍ତୁ ପ୍ରକ୍ରିୟାକୃତ ଖାଦ୍ୟରେ, ଖାଦ୍ୟର ଏକ ଉପାଦାନ ଭାବରେ ଏବଂ ସ୍ୱାସ୍ଥ୍ୟ ପରିପୂରକରେ ବ୍ୟବହାର କରାଯାଇପାରେ।

ଗ୍ରୀଷ୍ମ ଋତୁର ଆରମ୍ଭରେ ତୃଣଗୁଡ଼ିକ ରୁଆ ହୋଇଥାଏ। ରୋପଣର ୬୦ ଦିନ ପରେ ଫୁଲ ଫୁଟିଥାଏ। ଏହା ଏକ କ୍ଷଣସ୍ଥାୟୀ ଉଦ୍ଭିଦ, ୧୩୦ ଦିନ ପର୍ଯ୍ୟନ୍ତ ବଞ୍ଚି ରହିଥାଏ ଏବଂ ରକ୍ଷଣାବେକ୍ଷଣ କରିବା ସହଜ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଡବଲ ଇଞ୍ଜିନ ସରକାରଙ୍କ ଚାଷୀଙ୍କୁ ଡବଲ ପ୍ରତାରଣା: କଂଗ୍ରେସ

ଭୁବନେଶ୍ୱର,୨୪।୮ (ସମିସ): ରାଜ୍ୟରେ ରୁଆ ବେଉଷଣ ସମୟରେ କଳାବଜାର ଓ ସରକାରୀ ବିଫଳତା ଯୋଗୁଁ ୟୁରିଆ ସଙ୍କଟ ସୃଷ୍ଟି ହୋଇଛି ।

- **ରାଜ୍ୟରେ ଚରମ ସୀମାରେ ପହଞ୍ଚିଛି ୟୁରିଆ କଳାବଜାର**
- **ଚାଷୀଙ୍କ ବିପଦ ସମୟରେ କୃଷିମନ୍ତ୍ରୀ ଦେଉଛନ୍ତି ନିର୍ଲଜ୍ଜ ବକ୍ତବ୍ୟ**



ସରକାର କହିଥିଲେ ୨. ୯୪ ଲକ୍ଷ ଟନ୍ ୟୁରିଆ ପୂର୍ବରୁ ଷ୍ଟକ୍ ଥିଲା ଓ ୪.୫ ଲକ୍ଷ ଟନ୍ ଖରିଫ ପାଇଁ ମିଳିଥିବାରୁ ୭.୯୪ ଲକ୍ଷ ଟନ୍ ଉପଲବ୍ଧ ଅଛି । ସେଥିରୁ ୩.୭୫ ଲକ୍ଷ ଟନ୍ ବିକ୍ରି ହୋଇଛି ଓ ୪.୨୪ ଲକ୍ଷ ଟନ୍ ବିଭିନ୍ନ ଜିଲ୍ଲାରେ ବାକି ରହିଛି । କିନ୍ତୁ ସରକାରଙ୍କର କଥା ଯଦି ସତ, ତା ହେଲେ ଚାଷୀମାନେ କାହିଁକି ସାର ପାଉନାହାନ୍ତି ବୋଲି ରାଜ୍ୟ କଂଗ୍ରେସ ପ୍ରଶ୍ନ କରିଛି ।

ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଅଭିଯୋଗ କରିଛନ୍ତି ଯେ ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗିର, ସୁନ୍ଦରଗଡ଼, କଟକ (ନିଶିନ୍ତକୋଇଲି) ଓ ସମୁଦ୍ରତଟୀୟ ଅଞ୍ଚଳରେ ୨୨୬.୫୦ ଦରର ୟୁରିଆ ୫୦୦ ଟଙ୍କାରୁ ୬୦୦ ଟଙ୍କା ବିକ୍ରି ହେଉଛି । ଏପରିକି ନୂଆପଡାରେ ୟୁରିଆ ବ୍ୟାଗପିଛା ୯୦୦ ଟଙ୍କା ଦେବାକୁ ଚାଷୀ ବାଧ ହେଉଛି ।୧୩୫୦ ଟଙ୍କାର ଡିଏପି ୧୭୦୦ ଟଙ୍କାରେ ବିକ୍ରି ହେଉଛି । ମାର୍କଫେଡ୍ ଦ୍ୱାରା ସରକାରୀ ସବସିଡି ୟୁରିଆକୁ ପ୍ରାଇଭେଟ୍ ବେପାରୀଙ୍କୁ ବେପରୁଆ ଭାବେ ବାଣ୍ଟି ଦିଆଯାଉଥିବାରୁ ସେମାନେ କଳାବଜାରୀରେ ଦୁଇଗୁଣା ଦରରେ ବିକୁଛନ୍ତି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି ।

ୟୁରିଆ ଅଭାବ କେମିତି ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି ସେ ବିଷୟରେ ପିସିସି ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ଆଲୋକପାତ କରିବା ସହ କଳାବଜାରୀଙ୍କୁ ଜବତ କରି ଦୋଷୀ ଡିଲର ଓ କର୍ମଚାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି । ସେହିପରି ଅନ୍ୟତମ ମୁଖପାତ୍ର ଅଶୋକ ସ୍ୱାଇଁ, ରୂପାଦୀପ୍ତା ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର କହିଥିଲେ ଯେ ଏହା କେବଳ ସରକାରଙ୍କ ବିଫଳତା ତାହା ନୁହେଁ, ଏହା କୃଷକଙ୍କ ସହିତ ବେଇମାନି । ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ନିଜେ କୃଷିମନ୍ତ୍ରୀ ହୋଇଥିବା ସତ୍ତ୍ୱେ କୃଷକ ମାନେ ସାର ପାଇଁ ଡହଳ ବିକଳ ହେବା ଦୁର୍ଭାଗ୍ୟଜନକ । ତେଣୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ପ୍ରଦେଶ କଂଗ୍ରେସ ଅବେହେଳିତ ଚାଷୀ ମାନଙ୍କ ସହିତ ନିକଟସ୍ଥ ସମସ୍ତ କୃଷି କାର୍ଯ୍ୟାଳୟକୁ ଘେରାଉ କରିବାକୁ ବାଧ ହେବ ବୋଲି କଂଗ୍ରେସ କହିଛି ।

# କାଞ୍ଜିପାଣି ଘାଟିରେ ଭୂ-ସ୍ଖଳନ

ତେଲକୋଇ, ୨୪।୮ (ସମିସ): ଲଗାଣବର୍ଷା ଫଳରେ କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା ୪୯ ନମ୍ବର ଜାତୀୟ ରାଜପଥ କାଞ୍ଜିପାଣି ଘାଟିରେ ଭୂସ୍ଖଳନ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଅତଡ଼ା ଖସିବା ସହ ଗଛ ପଡ଼ି ରାସ୍ତା ଅବରୋଧ ହୋଇଯାଇଛି ।



ଶହଶହ ଗାଡ଼ି ମୋଟର ଅଟକି ରହିଛି । ୨୪ ଘଣ୍ଟା ମଧ୍ୟରେ ଏହି ରାସ୍ତାରେ ଯୋଗାଯୋଗ ସ୍ୱାଭାବିକ ହୋଇପାରିନାହିଁ । ରାସ୍ତାର ଗୋଟିଏ ପାର୍ଶ୍ୱ ଅତି ସଂକୀର୍ଣ୍ଣ ଥିବାବେଳେ ବିପଦପୂର୍ଣ୍ଣ ଭାବେ ମାଲ ବୋଝେଇ ଟ୍ରକ୍ ଚଳାଚଳ କରୁଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି ।

ଶନିବାର ରାତି ପ୍ରାୟ ୧ଟାରେ କାଞ୍ଜିପାଣି ଥାନାରୁ ୩-୪ କିମି ଦୂର କାଞ୍ଜିପାଣି ଘାଟିରେ ପାହାଡ଼ ଉପରୁ ମାଟି ଅତଡ଼ା ଖସିଥିଲା । ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ ପାହାଡ଼ ଉପରୁ ମାଟି, ପଥର ସାଙ୍ଗକୁ ବଡ଼ ବଡ଼ ଗଛକୁ ଉପାଡ଼ି ଆଣି ଜାତୀୟ ରାଜପଥ ଉପରେ ପକାଇଥିଲା । ଏହାଦ୍ୱାରା ଜାତୀୟ ରାଜପଥ ଉଭୟ ପଟୁ ବିଚ୍ଛିନ୍ନ ହୋଇପଡ଼ିଥିଲା । ମୁମ୍ବାଇ-କୋଲକାତା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିବାରୁ ରାସ୍ତାର ଉଭୟ ଦିଗରେ ଶହଶହ ଗାଡ଼ି ଅଟକି ରହିଥିଲା ।

- **୨୪ ଘଣ୍ଟା ଯାତାୟାତ ବନ୍ଦ**
- **୪୯ ନଂ ଜାତୀୟ ରାଜପଥ ବିଚ୍ଛିନ୍ନ**

ଯାତ୍ରୀବାହୀ ବସ ସବୁ ତେଲକୋଇ ଦେଇ ଯାତାୟାତ କରୁଛନ୍ତି । ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ସଂଧ୍ୟା ହୋଇଯିବାରୁ ଅବରୋଧ ହଟିପାରିନାହିଁ । ସୋମବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ଏବଂ ରାସ୍ତା ଅବରୋଧ ହଟିବ ବୋଲି କାଞ୍ଜିପାଣି ଥାନା ପକ୍ଷରୁ ସୂଚନା ମିଳିଛି । ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ହେବ ୪୯ ନମ୍ବର ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇ ପଡ଼ିଛି ।

## ଆଜି ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ

# ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ସୁଯୋଗ ଏବଂ ଆହ୍ୱାନ ସମ୍ପର୍କରେ ହେବ ଆଲୋଚନା

ଭୁବନେଶ୍ୱର, ୨୪।୮(ସମିସ): ଆସନ୍ତାକାଲି (ସୋମବାର) ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ ଭୁବନେଶ୍ୱରର ମେ' ଫେୟାର କନଭେନସନ୍‌ଠାରେ ଅନୁଷ୍ଠିତ ହେବ । ଏଥିରେ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ଶିଳ୍ପ ପ୍ରତିନିଧିମାନେ ଏକତ୍ରିତ ହୋଇ ପୂର୍ବଭାରତରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ସୁଯୋଗ ଏବଂ ଆହ୍ୱାନ ସଂପର୍କରେ ଆଲୋଚନା କରିବେ । ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ସେହିପରି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜରାପୁଙ୍କ ଉପସ୍ଥିତିରେ ସମ୍ମିଳନୀ ଉଦ୍‌ଘାଟନ ହେବାକୁ ଥିବା ବେଳେ ସେ ସ୍ୱାଗତ ଅଭିଭାଷଣ ରଖିବେ । ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମରେ ବିମାନବନ୍ଦର ଓ ହେଲିପୋର୍ଟ ବିକାଶ ମଡେଲ, ଉଡାନ ଯୋଜନା ଏବଂ ଆଞ୍ଚଳିକ ସଂଯୋଗ, ବିମାନ ଚଳାଚଳରେ ଦକ୍ଷତା ବିକାଶ, ଡ୍ରୋନ୍ ଇକୋସିଷ୍ଟମ୍‌ର ସମ୍ପ୍ରସାରଣ, ଏବଂ ହେଲିକପ୍ଟର୍ ଜରୁରୀକାଳୀନ ମେଡିକାଲ ସେବାର ଭବିଷ୍ୟତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ଓ ନିକୋବାର ଦ୍ୱୀପପୁଞ୍ଜ କେନ୍ଦ୍ରଶାସିତ ଅଞ୍ଚଳ ସମେତ ଓଡ଼ିଶାର ବିମାନ ଚଳାଚଳ ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିବେ । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଭାରତୀୟ ବିମାନବନ୍ଦର ପ୍ରାଧିକରଣ, ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ, ବେସାମରିକ ବିମାନ ସୁରକ୍ଷା ବ୍ୟୁରୋ, ଏବଂ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

# ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଫେସ୍‌ବୁକ୍ ହ୍ୟାଣ୍ଡଲ୍ ହ୍ୟାକ୍

ବାରିପଦା, ୨୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଫେସବୁକ୍ ହ୍ୟାଣ୍ଡଲ୍‌କୁ ହ୍ୟାକର୍ ହ୍ୟାକ୍ କରିଛନ୍ତି । ଏଥିସହ ଏହି ହ୍ୟାକ୍ ହୋଇଥିବା ପୃଷ୍ଠାରୁ ସାଧାରଣ ଲୋକଙ୍କୁ ଟଙ୍କା ଦାବି କରାଯାଉଛି । ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି ଯେ ପ୍ରଶାସନ କିମ୍ବା କୌଣସି ଅଧିକାରୀଙ୍କ ପକ୍ଷରୁ କେବେବି ଏପରି ଅନୁରୋଧ ହୋଇନି । ଜନସାଧାରଣଙ୍କୁ ଅନୁରୋଧ, ଏହି ପୃଷ୍ଠାରୁ ଯାଇଥିବା ମେସେଜ୍‌ରେ କୌଣସି ପ୍ରତିକ୍ରିୟା ଦିଅନ୍ତୁ ନାହିଁ କିମ୍ବା ଟଙ୍କା ପଠାନ୍ତୁ ନାହିଁ । ପ୍ରଶାସନ ଏହି ହ୍ୟାକିଂକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ଏବଂ ସାଇବର୍ ସେଲ୍‌କୁ ମଧ୍ୟ ଅବଗତ କରାଯାଇଛି । ସାଧାରଣଙ୍କୁ ଅନୁରୋଧ, କେବଳ ଅଧିକାରୀଙ୍କ ସରକାରୀ ୱେବସାଇଟ୍ କିମ୍ବା ପ୍ରେସ ବିଜ୍ଞପ୍ତିକୁ ବିଶ୍ୱାସ କରନ୍ତୁ । ସନ୍ଦେହଜନକ ମେସେଜ୍ ଦେଖିଲେ, ତାହାକୁ ତତକ୍ଷଣାତ୍ ପ୍ରଶାସନକୁ ସୂଚନା ଦିଅନ୍ତୁ । ବିଶେଷ ଅନୁରୋଧ କରାଯାଇଛି ଯେ ଓଟିପି, ବ୍ୟାଙ୍କ ବିବରଣୀ କିମ୍ବା ବ୍ୟକ୍ତିଗତ ସୂଚନା କୌଣସି ପରିସ୍ଥିତିରେ ଏହି ହ୍ୟାକ୍ ହୋଇଥିବା ପୃଷ୍ଠାକୁ ଦିଅନ୍ତୁ ନାହିଁ ।

# ୯ ଫେବୃଆରୀରେ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ପାଳନ ହେଉ

## ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,୨୪।୮ (ସମିସ): ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର କହିଛନ୍ତି ଯେ ରାଜ୍ୟ ସରକାର ଫେବୃଆରୀ ୯ ତାରିଖକୁ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ଭାବେ ଘୋଷଣା କରିବା ପାଇଁ ନାଗରିକ ସମାଜ ପ୍ରସ୍ତାବ ଉପରେ ବିଚାର କରିବେ । ଏହି ଦିନଟି ଦେଶରେ ବନ୍ଧକ ଶ୍ରମିକ ପ୍ରଣାଳୀ (ଉଚ୍ଛେଦ) ଆଇନ, ୧୯୭୬ ପ୍ରଣୟନ ହୋଇଛି । ଦାଦନ ଶ୍ରମିକଙ୍କ ପାଇଁ କାର୍ଯ୍ୟରତ ସାମାଜିକ ସଂଗଠନ ମାନଙ୍କର ମିଳିତ ମଞ୍ଚ (ସୁରକ୍ଷା) ରାଜ୍ୟ ସରକାରଙ୍କୁ ଅନ୍ୟ ରାଜ୍ୟଗୁଡ଼ିକର ଉଦାହରଣ ଦେଇ ଏକ ସ୍ମାରକପତ୍ର ପ୍ରଦାନ କରିଛି, ଯେଉଁଠି ସରକାରୀ ବିଜ୍ଞପ୍ତି ମାଧ୍ୟମରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଦ୍ୱାରା ଏହି ଦିବସ ଘୋଷଣା କରାଯାଇଛି । ମାନବ ଚାଲାଣ ଏବଂ ବନ୍ଧକ ଶ୍ରମିକ ସମ୍ପର୍କରେ ସମ୍ବୋଧିତ କରି ଶ୍ରୀ ନାଏକ ଶ୍ରମକାର୍ଡର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।



ଆଲୋଚନାରେ ବନ୍ଧକ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଏକ ବ୍ୟାପକ ରାଜ୍ୟ କାର୍ଯ୍ୟ ଯୋଜନା ପ୍ରଣୟନ, ନିବାରଣ, ଚିହ୍ନଟ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଦ୍ଧାର, ପୁନର୍ବାସ ଏବଂ ଚାଲାଣକାରୀ ଦଲାଲମାନଙ୍କୁ ଦଣ୍ଡବିଧାନ ପାଇଁ ବିକାଶ ଏବଂ କାର୍ଯ୍ୟାନ୍ୱୟନ, ଆନୁଷ୍ଠାନିକ ଘୋଷଣା ଏବଂ ୯ ଫେବୃଆରୀକୁ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ଭାବରେ ରାଜ୍ୟବ୍ୟାପୀ ପାଳନ ପାଇଁ ସଂକଳ୍ପ ଗ୍ରହଣ କରାଯାଇଥିଲା । ଆବାହକ ତଥା ଉତ୍କଳ ସେବକ ସମାଜର ସମ୍ପାଦକ ଡ. ଅମିୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସକ ଅରବିନ୍ଦ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ରାଜ୍ୟ ମାନବାଧିକାର କମିସନ୍ ସଦସ୍ୟ ଅସୀମ ଅମିତାଭ ଦାଶ, ଦିଲୀପ କୁମାର ଦାସ, ଲୋକନାଥ ମିଶ୍ର, ଫୋକସ ଓଡ଼ିଶା ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ସୁଦର୍ଶନ ଛୋଟରାୟ ଏବଂ ବନିତା ମହାରାଣା, ମନ୍ଦାକିନୀ ଜେମା, ଆଶିଷ ରାଜହଂସ, ଉଦୟନାଥ ବେହେରା, ସିଡବ୍ଲ୍ୟୁସି କଟକ, ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଆଇଜେଏମ୍ ରାଜ୍ୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଜୟନ୍ତ କୁମାର ନାଗ, ବିକାଶ ରଂଜନ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଓଡ଼ିଶାରେ ମନ୍ଥର ପିଏମ୍ ସୂର୍ଯ୍ୟଘର ଯୋଜନା

# ୩ ଲକ୍ଷ ସଂଯୋଗ ଲକ୍ଷ୍ୟ; ଲାଗିଛି ମାତ୍ର ୨୦ ହଜାର ଘର

ଭୁବନେଶ୍ୱର,୨୪।୮ (ସମିସ): ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏକ୍ଷେତ୍ରରେ ରିଆତି ବ୍ୟବସ୍ଥା କରିଥିଲେ ହେଁ ଓଡ଼ିଶାରେ ଏହା ଆଖିଦୃଶିଆ ସଫଳତା ହାସଲ କରିପାରୁ ନାହିଁ । ଏହାକୁ ଦୃଷ୍ଟିରେ ରଖି ଏହି କେନ୍ଦ୍ର ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରାଳୟ ଅନୁମୋଦନ ଦେଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଓଡ଼ିଶାକୁ ୩ ଲକ୍ଷ ଟାର୍ଗେଟ୍ ଦିଆଯାଇଥିଲା । କିନ୍ତୁ ଓଡ଼ିଶାରେ ଏହା ଧିମେଇ ଯାଇଛି । ବର୍ତ୍ତମାନ ସୁଦ୍ଧା ମାତ୍ର ୨୦ ହଜାର ସଂଯୋଗ ଦିଆଯାଇ ପାରିଛି । ରାଜ୍ୟରେ ବର୍ତ୍ତମାନ

- **ଉପଭୋକ୍ତା ଉପଯୋଗୀ ହେବ ସୌର ପ୍ୟାନେଲ୍ ଯୋଜନା**
- **୫ ହଜାରରେ ମିଳିବ ୧ କିଲୋୱାଟ ରୁଫଟପ୍ ପ୍ୟାନେଲ**

ଯୋଜନାକୁ ଉପଭୋକ୍ତା ଉପଯୋଗୀ କରିବା ପାଇଁ ଯୋଜନା କରାଯାଉଛି । ସୂଚନା ଅନୁଯାୟୀ ଏଣିକି ଏକ କିଲୋୱାଟ ପର୍ଯ୍ୟନ୍ତ ରୁଫଟପ୍ ସୋଲାର ପ୍ୟାନେଲ ଲଗାଇବା ପାଇଁ ଉପଭୋକ୍ତାଙ୍କୁ ମାତ୍ର ୫ ହଜାର ଟଙ୍କା ଦେବାକୁ ପଡ଼ିବ । ଅବଶିଷ୍ଟ ଅର୍ଥ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦେଉଥିବା ସବସିଡି ଅର୍ଥରୁ ଭରଣା କରାଯିବ । ଉପଯୋଗିତା ଆଧାରିତ ଏକତ୍ରିକରଣ ମଡେଲ ଅଧିନରେ ଓଡ଼ିଶାର ବିତରକ କମ୍ପାନୀଙ୍କ ଏହି ପ୍ରସ୍ତାବକୁ ଯୋଜନା ଅଧିନରେ ପ୍ରାୟ ୧ ଲକ୍ଷ ୮୦ ହଜାର ଆବେଦନ ଥିବା ବେଳେ ଏହାକୁ ରେଗୁଲାର ମିନିଟରିଂ କରାଯିବ ବୋଲି ବିଭାଗୀୟ ସ୍ତରରେ ନିଷ୍ପତ୍ତି ହୋଇଛି ।

ପିଏମ ସୂର୍ଯ୍ୟଘର ଯୋଜନାରେ ଏକ କିଲୋୱାଟ କ୍ଷମତା ବିଶିଷ୍ଟ ରୁଫଟପ୍ ସୋଲାର ପ୍ୟାନେଲ ଲଗାଇବାକୁ ପ୍ରାୟ ୬୦ ହଜାର ଟଙ୍କା ପଡୁଛି । ତନ୍ମଧ୍ୟରୁ କେନ୍ଦ୍ରୀୟ ସବସିଡି ବାବଦରେ ୩୦ ହଜାର ଟଙ୍କା ମିଳୁଥିବା ବେଳେ ରାଜ୍ୟ ସବସିଡି ବାବଦରେ ୨୫ ହଜାର ଟଙ୍କା ପ୍ରଦାନ କରାଯାଉଛି । ଅବଶିଷ୍ଟ ୫ ହଜାର ଟଙ୍କା ଉପଭୋକ୍ତା ବହନ କରୁଛନ୍ତି । ତେବେ ପୂର୍ବରୁ ପ୍ରଥମେ ଉପଭୋକ୍ତାଙ୍କୁ ସମସ୍ତ ଅର୍ଥ ପ୍ରଦାନ କରିବାକୁ ପଡୁଥିଲା । ଘର ଛାତ ଉପରେ ପ୍ୟାନେଲ ଲଗାଯିବା ପରେ ସବସିଡି ଅର୍ଥ ହିତାଧିକାରୀଙ୍କ ଖାତାକୁ ଆସୁଥିଲା । ତେବେ ନୂଆ ଅନୁମୋଦନ ପରେ ୧ କିଲୋୱାଟ ପାଇଁ ଗ୍ରାହକ ମାତ୍ର ୫ ହଜାର ଟଙ୍କା ପ୍ରଦାନ କରିବେ । ଯାହାଫଳରେ ଆବେଦନକାରୀ ଅର୍ଥ ପୈଠ ବେଳେ ଆଶ୍ୱସ୍ତି ପାଇବେ ବୋଲି ଜଣାପଡ଼ିଛି । ଅପରପକ୍ଷେ ଏହି ଯୋଜନାରେ ଲାଭ ଉଠାଇବା ପାଇଁ ମଧ୍ୟ କେତେକ ସର୍ତ୍ତ ରଖାଯାଇଛି । ଏହି ପ୍ୟାନେଲ କେବଳ ଛାତ ଉପରେ ଲାଗି ପାରିବ । ଏହାବ୍ୟତୀତ ଅଣ ଛାତ ଉପରେ ଏହାର ବ୍ୟବହାର କରାଯାଇପାରିବ ନାହିଁ । ପ୍ୟାନେଲ ଲାଗି ସାରିବା ପରେ ୫ ବର୍ଷ ଯାଇଁ କମ୍ପାନୀ ଏହାର ରକ୍ଷଣାବେକ୍ଷଣ କରିବ ବୋଲି ଜଣାପଡ଼ିଛି ।

**NOTICE**

By virtue of an affidavit sworn before Executive Magistrate, Panposh, Rourkela dated 21.08.2025, I, Abhimanyu Swain, Address- Near Lion's Eye Hospital, Civil Township, PO-Rourkela-4, PS- Raghunathpalli, Dist.- Sundargarh, Odisha, Pin-769004 declare that I have changed my name from Abhimanu Swain to Abhimanyu Swain. Henceforth, I shall be known as Abhimanyu Swain for all purposes.

**Abhimanyu Swain**

**Notice (for Minor)**

By virtue of an affidavit sworn before the Executive Magistrate, Bhubaneswar on dtd.29.04.2025. I, Jagadish Digal, At- Dugudi-B, Po- Talarimaha, Dist.- Kandhamal, Pin - 762022 have changed my minor son's name from Lucky Digal to Prabhudatta Digal. Henceforth he shall be known as **Prabhudatta Digal** for all purposes.

**Sd/- Jagadish Digal**

**Notice (for Minor)**

By virtue of an affidavit sworn before The court of Executive Magistrate, Baripada, Mayurbhanj, dated 02-08-2025 I, Chama Marndi, Address AT- Dubulabeda, PO- Kuabuda, PS- Chandua, Dist- Mayurbhanj, PIN-757014 declare that I have changed the name of my Son from Shankh Marndi to Sankha Marndi. Henceforth, he shall be known as Sankha Marndi for all purposes.

**Chama Marandi**

**AFFIDAVIT**

By virtue of an affidavit no-268 sworn before the Executive magistrate , Khordha on dt 19/08/25 , I Rina Baliarsingh, W/o-Shekhar Baliarsingh, resident of At-Gopinathpur, Po-Olasingh, Ps-Jankia,Dist-Khordha, Pin-752020. I have changed my name from Bimala Maetha (old name) to Rina Baliarsingh (New name ). Henceforth both name Bimala Maetha and Rina Baliarsingh is one & same person she will be known as **Rina Baliarsingh** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତରେ ସ୍କୁଲ ଫି'...

ସେହିପରି ମୁମ୍ବଇରେ ଆୟ ୧୫-୧୮ ଲକ୍ଷ ଥିବାବେଳେ ସ୍କୁଲ ଦେୟ ୯-୧୫ ଲକ୍ଷ ରହିଛି । ୫୦-୮୫ ପ୍ରତିଶତ ଅର୍ଥ ଏହି ଦେୟ ଦେବାରେ ଖର୍ଚ୍ଚ ହେଉଛି । ଅନ୍ୟପକ୍ଷରେ ଦୁବାଇରେ ବାର୍ଷିକ ଆୟ ୬୭ ଲକ୍ଷ ଥିବାବେଳେ ସ୍କୁଲ ଦେୟ ୨୪ ଲକ୍ଷ ରହିଛି । ପରିବାର ନିଜ ଆୟର ମାତ୍ର ୩୩ ପ୍ରତିଶତ ଏହି ଦେୟ ଦେବାରେ ବ୍ୟୟ କରୁଛନ୍ତି । ଲଣ୍ଡନ ଏବଂ ନ୍ୟୁୟର୍କରେ ପରିବାରର ହାରାହାରି ବାର୍ଷିକ ଆୟ ୬୦ ଲକ୍ଷ ଏବଂ ୭୫ ଲକ୍ଷ ରହିଛି । କିନ୍ତୁ ଏଠାରେ ସ୍କୁଲ ଦେୟ ଯଥାକ୍ରମେ ୩୫ ଲକ୍ଷ ଓ ୩୭ ଲକ୍ଷ ରହିଛି । ଏହି ଦୁଇ ସହରର ଲୋକେ ନିଜ ଆୟର ୫୮ ଏବଂ ୫୦ ପ୍ରତିଶତ ଦେୟ ବାବଦକୁ ପୈଠ କରୁଛନ୍ତି ।

### ପତ୍ନୀଙ୍କୁ ଜିଅନ୍ତା ଜାଳିଥିବା...

ହୋଇଥିଲେ ମଧ୍ୟ ଦୁଇଭାଇ ବିପିନ ଓ ରୋହିତଙ୍କୁ ବିବାହ କରିଥିଲେ । ନିଜକୁ ବଞ୍ଚାଇବାକୁ ନିକ୍କି ଛଟପଟ ହୋଇ ତଳକୁ ଦୌଡିଥିଲେ । ଏହା ଦେଖି ପାଖରେ ରହୁଥିବା ଲୋ ।।କେ ପହଞ୍ଚିଥିଲେ ଓ ମହିଳାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ । ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ । ଦିଲ୍ଲୀର ସଫଦାରଗଞ୍ଜ ହସ୍ପିଟାଲ ଅଗଷ୍ଟ ୨୨ରେ ମହିଳା ପ୍ରାଣତ୍ୟାଗ କରିଥିଲେ ।

ମହିଳାଙ୍କ ଭଉଣୀଙ୍କ ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରିଥିଲେ ଓ ୨୩ ତାରିଖରେ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଥିଲା । ରବିବାର ଅଭିଯୁକ୍ତ ସ୍ୱାମୀ ବିପିନର ମେଡିକାଲ ପରୀକ୍ଷା ପାଇଁ ଜିଲ୍ଲା ହସ୍ପିଟାଲକୁ ପୁଲିସ ନେଇଥିଲା । କିନ୍ତୁ ଅଭିଯୁକ୍ତ ପୁଲିସଠାରୁ ପିସ୍ତଲ ନେଇ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା ।। ପୁଲିସ ସିରସା ଛକ ନିକଟରେ ଅଭିଯୁକ୍ତକୁ ଗୁଳି ମାରି ଧରିଥିଲା । ତେବେ ବିପିନ ସବୁ ଅଭିଯୋଗକୁ ଖଣ୍ଡନ କରିଛି ଓ ଏହି ଘଟଣା ନେଇ କୌଣସି ପଶ୍ଚାତାପ କରିନାହିଁ । ମୁଁ ନିକ୍କିଙ୍କୁ ମାରିନାହିଁ ଓ କୌଣସି ଭୁଲ କରିନାହିଁ ବୋଲି ବିପନ କହିଛି । ସେ ନିଜେ ନିଜକୁ ମାରିଛନ୍ତି ବୋଲି ବିପିନ କହିଛି ।। ତେବେ ବିପିନ ମାଙ୍କୁ ଜଳାଇ ମାରିଛନ୍ତି ବୋଲି ତାଙ୍କ ପୁଅ କହିଛି । ବିପିନ ଗରିଫ ହୋଇଥିବା ବେଳେ ତାର ମାଆକୁ ଆଜି ଗିରଫ କରାଯାଇଛି ।

### ବଡ଼ ବନ୍ୟା...

ଆକଳନ କରିଛି । ଯେହେତୁ ବର୍ତ୍ତମାନ ରାଜ୍ୟର ପ୍ରାୟ ସମସ୍ତ ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ଅଧିକ ରହିଛି, ତେଣୁ ଆଗକୁ ହେବାକୁ ଥିବା ଲଘୁଚାପ ଯୋଗୁଁ ରାଜ୍ୟର ଅଧିକାଂଶ ନଦୀରେ ବଡ଼ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । ଲଘୁଚାପ ପ୍ରଭାବରେ ବର୍ତ୍ତମାନ ବଙ୍ଗୋପସାଗର ବିଶେଷକରି ଉତ୍ତର ବଙ୍ଗୋପସାଗର ଅଶାନ୍ତ ରହିଛି । ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଅନ୍ୟପଟେ ଉତ୍ତର ଓଡ଼ିଶାରେ ବର୍ତ୍ତମାନ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଗଲା ଲଘୁଚାପ ପ୍ରଭାବରେ ଉପମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବିଭିନ୍ନ ନଦୀ ବୈତରଣୀ, ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇଛି । ଏଥିମଧ୍ୟରୁ ବୈତରଣୀ ଏବଂ ସୁବର୍ଣ୍ଣରେଖାରେ ବିପଦ ସଙ୍କେତ ଉପରେ ଜଳସ୍ତର ପ୍ରବାହିତ ହେଉଥିବା ବେଳେ ଏହାର ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଚଳିତ ବର୍ଷ ସୁବର୍ଣ୍ଣରେଖାରେ ଏହା ପଞ୍ଚମ ବନ୍ୟା । ସୁବର୍ଣ୍ଣରେଖାରେ ଛୋଟରୁ ମଧ୍ୟମ ଓ ବୈତରଣୀରେ ଛୋଟ ଧରଣରେ ବନ୍ୟା ହୋଇଛି । ବିଗତ କିଛି ଦିନରୁ ଲଗାଣ ବର୍ଷା ହେଉଛି । ଗତ ୨୪ ଘଣ୍ଟାରେ ବୈତରଣୀ, ବେସିନ, କେନ୍ଦୁଝର ଓ ଝାଡ଼ଖଣ୍ଡରେ ୪୨.୫୭ ମିମି ବର୍ଷା ହୋଇଛି । ଉପର ବ୍ରାହ୍ମଣୀରେ ୩୫ ମିମି ବର୍ଷା ହୋଇଛି ଏବଂ ଉପର ମହାନଦୀରେ ୩୧ ମିମି ବର୍ଷା ହୋଇଛି । ଯାହା ପ୍ରଭାବରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବଂଶଧରା ଓ ବୁଢାବଳଙ୍ଗରେ ପାଣି ଅଧିକ ଥିଲେ ବି କମିଯିବ । ମାତ୍ର ବୈତରଣୀରେ ଗତକାଲି ଠାରୁ ବନ୍ୟା ହୋଇଛି । ଅପରପକ୍ଷେ ହୀରାକୁଦରେ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇ ଜଳସ୍ତର ବଢୁଛି । ହୀରାକୁଦ ଜଳଭଣ୍ଡାରରେ ୬୨୧.୬୫ ଫୁଟ ପାଣି ଅଛି । ଗତକାଲି ଉପର ମହାନଦୀରେ ୩୧.୩୩ ମିମି ବଡ଼ ବର୍ଷା ହୋଇଛି, ତେଣୁ ହୀରାକୁଦର ୧୨ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସିତ ହେଉଛି । ସେହିପରି ରେଙ୍ଗାଲି ଡ୍ୟାମରେ ଦୁଇଟି ଗେଟ ଦେଇ ୩,୪୦୦ କ୍ୟୁସେକ ବ୍ରାହ୍ମଣୀ ଜଳ ନିଷ୍କାସନ ହେବ । ଜେନାପୁରରେ ନଦୀଜଳ ବିପଦ ସଙ୍କେତ ତଳେ ଅଛି । ବନ୍ୟା ସ୍ଥିତି ଯୋଗୁଁ ବର୍ତ୍ତମାନ ଯାଜପୁରରେ ମୁଖ୍ୟଯନ୍ତ୍ରୀ ଓ ଧାମନଗରରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ କ୍ୟାମ୍ପ କରିଛନ୍ତି । ଯାହା କ୍ଷୟକ୍ଷତି ହେଉଛି ତୁରନ୍ତ ମରାମତି କରାଯାଉଛି ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ମାରିଜୁଆନା ପ୍ରେମରେ...

ଡିଲ କରୁଛି । ଗତକାଲି ଧରାପଡ଼ିଥିବା ପ୍ରେମୀ ଯୁଗଳଙ୍କ ଠାରୁ ଜବତ ୪କୋଟି ମାରିଜୁଆନା ପାଇଁ ମଧ୍ୟ ଦୁବାଇରୁ ଡିଲ ହୋଇଥିଲା । ଏଜେଣ୍ଟ ମାନଙ୍କୁ କାମ ପୂର୍ବରୁ ୬୦ ଲକ୍ଷ ଅଗ୍ରିମ ଆକାରରେ ଦିଆଯାଇଥାଏ । ଭୁବନେଶ୍ୱରରେ ପହଞ୍ଚିବା ପରେ ଦିଆଯାଇଥିବା ଫୋନ୍ ନମ୍ବରରେ କଲ୍ କଲେ ଏଠାରେ ଥିବା ଏଜେଣ୍ଟ ବିମାନବନ୍ଦରରୁ ବ୍ୟାଗ୍ ନେଇଥାନ୍ତି । ଫ୍ଲାଇଟ ଟିକେଟ ସହିତ ହୋଟେଲ ରହଣି ବି ଏଜେଣ୍ଟଙ୍କୁ ମାଗଣାରେ ଯୋଗାଇ ଦିଆଯାଏ ବୋଲି କଷ୍ଟମ ବିଭାଗର ଜଣେ ଅଧିକାରୀ କହିଛନ୍ତି ।

ଯେଉଁମାନେ ଧରାପଡୁଛନ୍ତି ସେମାନେ ଏହି ରାକେଟ ସମ୍ପର୍କରେ କିଛିବି ଜାଣିନଥାନ୍ତି । ସେମାନେ କେବଳ ବିମାନରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଚାଲାଣି କରିଥାନ୍ତି । କଷ୍ଟମ ବିଭାଗ ଧରି ପଚରାଉଚରା କଲେ ସେମାନେ କିଛି ପାଟି ଖୋଲନ୍ତି ନାହିଁ । ତେବେ ଗତକାଲି ଭୁବନେଶ୍ୱର ବିମାନବନ୍ଦରରେ ମାରିଜୁଆନା ଜବତ ପରେ ହୋଇଛି ବଡ ଖୁଲାସା । ତାକୁ ନେଇ ଏସଟିଏଫ ଆରମ୍ଭ କରିଛି ଜୋରଦାର ତନାଘନା । ଚାଲାଣ କରୁଥିବା ଯୁବତୀ ଆରତୀ ଶର୍ମା ଓ ତାଙ୍କ ପୁରୁଷ ବନ୍ଧୁ କରନଙ୍କୁ ରିମାଣ୍ଡରେ ଆଣିବ କଷ୍ଟମ ଓ ଏସ୍‌ଟିଏଫ । ବ୍ୟାଙ୍କକରୁ ଭୁବନେଶ୍ୱର ଆସିବା ପରେ ଏହାକୁ ବସରେ ବୋଙ୍ଗାଲୁରୁକୁ ନେବାକୁ ଯୋଜନା ହୋଇଥିଲା । ସେମାନଙ୍କ ପାଖରୁ ମିଳିଥିବା ତଥ୍ୟ ଅନୁଯାୟୀ ପଞ୍ଜାବର ଜଣେ ଦଲାଲ ସାଇମନ୍ ପିଟର ଥାଇଲାଣ୍ଡରେ ବସି ଭାରତକୁ ମାଲ୍ ପଠାଉଛି । କେବଳ ଓଡ଼ିଶା ନୁହେଁ ହାଇଦ୍ରାବାଦ, କଲିକତା, ଦିଲ୍ଲୀ, ବିହାର, ୟୁପିକୁ ମଧ୍ୟ ସେ ଚାଲାଣ କରେ । ଯେଉଁ ରାଜ୍ୟର ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥା ଢିଲା ଥାଏ ଉକ୍ତ ରାଜ୍ୟର ବିମାନ ବନ୍ଦର ଦେଇ ଚାଲାଣ କରିବା ପାଇଁ ନକ୍ସା ପ୍ରସ୍ତୁତ କରେ । ସେଠାରେ ପହଞ୍ଚିବା ପରେ କାର ବା ବସ ଯୋଗେ ଅନ୍ୟ ରାଜ୍ୟକୁ ଚାଲାଣ କରେ । ତେଣୁ ଏହି ରାକେଟ୍ ପଛରେ ବିଭିନ୍ନ ରାଜ୍ୟରେ ଏକାଧିକ ଏଜେଣ୍ଟ କାମ କରୁଥିବା କଷ୍ଟମ ବିଭାଗ ଜାଣିବାକୁ ପାଇଛି । ତେଣୁ ମାଷ୍ଟରମାଇଣ୍ଡକୁ ଧରିବାକୁ କଷ୍ଟମ ବିଭାଗ ଯୋଜନା ପ୍ରସ୍ତୁତ କରୁଛି । ଦେଶ ବାହାରେ ରହୁଥିବାରୁ ଇଣ୍ଟରପୋଲର ସହାୟତା ନେବ ବୋଲି ଜଣାପଡ଼ିଛି ।

ସୂଚନାଯୋଗ୍ୟ ଯେ ଗତ ୬ମାସରେ ୮୦କୋଟିର ମାରିଜୁଆନା ଜବତ ହେଲାଣି । ଗତ ଜାନୁୟାରୀ ୬ରେ ୯କୋଟି ମାରିଜୁଆନା ଜବତ ହୋଇଥିବା ବେଳେ ୨ଜଣ ବ୍ୟବସାୟୀ ଧରାପଡ଼ିଥିଲେ । ସେହିପରି ଗତଲାଇ ୨୯ରେ ୩୦ କୋଟି ମାରିଜୁଆନା ଧରାପଡ଼ଇଥିବା ବେଳେ ୨ଜଣ ବ୍ୟବସାୟୀ ଧରାପଡ଼ି ଗିରଫ ହୋଇଥିଲେ । ଅଗଷ୍ଟ ୨ରେ ୧୦କୋଟିର ଜବତ ସହ ଜଣେ ଏଜେଣ୍ଟ ଗିରଫ ହୋଇଥିଲା ।

ଏହି ମାରିଜୁଆନା ଥାଇଲାଣ୍ଡ, ମାଲେସିଆ ଆଦି ଦେଶରେ ଚାଷ କରାଯାଏ । ଓଡ଼ିଶା ଗଞ୍ଜେଇ ସିଧା ଜଟ ପରି ହୋଇଥିବା ବେଳେ ମାରିଜୁଆନା ଗୋଲୋଇ ଆକାରର ହୋଇଥାଏ । ଓଡ଼ିଶା ଗଞ୍ଜେଇ ତୁଳନାରେ ମାରିଜୁଆନାର ସ୍ୱାଦ ଭଲ ରହିବା ସହ ନିଶା ଅଧିକ ହେଉଥିବାରୁ ଏହାର ଚାହିଦା ଅଧିକ ରହିଛି । ବିଶେଷ କରି ଅନେକ ଇଂଜିନିୟରି, ଆଇଟି ଛାତ୍ର ଏବଂ ବଡ଼ ବଡ଼ କ୍ଲବ୍‌କୁ ଏହି ମାରିଜୁଆନା ଚାଲାଣ କରାଯାଉଥିବା କଷ୍ଟମ ବିଭାଗ ଅଧିକାରୀ କହିଛନ୍ତି ।

### ଖେଳୁଖେଳୁ ଚାଲିଗଲା...

ନେବାକୁ ପଡ଼ିଥିଲା । ଚିକିତ୍ସା ପାଇଁ ନେବାରେ ବିଳମ୍ବ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଥିଲା । ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ୍ ପକ୍ଷରୁ ୧୦ ହଜାର ଓ ପୌର ପରିଷଦ ପକ୍ଷରୁ ୧୦ ହଜାର ଟଙ୍କା ତତ୍କାଳ ସହାୟତା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

SOCIETY FOR ENVIRONMENTAL DEVELOPMENT AND VOLUNTARY ACTION (SEVA)

Ph : 9437827981, 9438296254

APPOINTMENT

DISTRICT DISABILITY REHABILITATION CENTRE (DDRC) NAYAGARH

Applications are invited from the interested Professional/Personals for engagement at District Disability Rehabilitation Centre (DDRC), Nayagarh on contractual basis for the post of (1) Clinical Psycholgist/Rehabilitation Psychologist (2)Prosthetist/Orthotist Technician (3)Audiologist & Sr. Speech Therapist (4)Hearing Assistance/ Jr. Seech Therapist (5)Mobility Instructor (6)Multi-Purpose Rehabilitation Worker (7)Accountant cum Clerk cum storekeeper (8)Vocational Counsellor cum Computer Assistant(9)Early Intervention Therapist( 10)Caregiver. The details eligibility criteria qualification, Terms and Conditions etc. are available in the website : www.sevaorga.org. The complete application in the prescribed format should be reached to the Nodal Officer, District Disability Rehabilitation Centre (DDRC), Nayagarh , C/O-SEVA, At-Seva Complex, Old Town, Near New Bus Stand, Po/Dist-Nayagarh, Pin752070, Odisha by Regd. Post/Speed in Email. Sevaorga@gmail.com on or before 08.09.2025. Shortlisted candidates will be called for Interview.Application received thereafter shall not be entertained.

Nodal Officer, DDRC, Nayagarh

# ବିଜେପି ବିରୋଧରେ ବିଜେଡି ପୁଲିସର ଦ୍ୱାରସ୍ଥ

**● ତାତିଲେ ବିଜେଡି ନେତା ଓ କର୍ମୀ**
**● ବୌଦ୍ଧ ଆଦର୍ଶ ଥାନାରେ ବିଜେପି ବିରୋଧରେ ଫେରାଦ**

ବୌଦ୍ଧ, ୨୪।୮ (ସମିସ)



ପୁଲିସ ଶାସକ ଦଳର ହାତବାରିସି ସାଜିଛି। କ୍ଷମତାରେ ଥିବା ବିଜେପି ପାଇଁ କାମ କରୁଛି। ବିଜେପି କର୍ମୀଙ୍କ ପ୍ରତି ବୌଦ୍ଧ ପୁଲିସ ଅହେତୁକ ଅନୁକମ୍ପା ଦେଖାଉଛି। ବୌଦ୍ଧର ବରିଷ୍ଠ ବିଜେଡି ନେତା ଅବକାଶ ସାହୁ ପୁଲିସ ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ, ଗଲା ମେ ମାସ ୩ ତାରିଖରେ ପୁରୁଣାକଟକ ଏନଏସି କ୍ରିୟାନୁଷ୍ଠାନ କମିଟି ସ୍ଥାନୀୟ ବିଧାୟକ ଏବଂ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲା। ପୂର୍ବ ସରକାରଙ୍କ ଘୋଷଣା ମୁତାବିକ ପୁରୁଣାକଟକକୁ ଏନଏସି ଘୋଷଣା କରିବାକୁ ଦାବି କରି ଏହି କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହା ପଛରେ କୌଣସି ବ୍ୟକ୍ତିଗତ ଆଶା, ଆକାଙ୍କ୍ଷା ନ ଥିଲା। କେବଳ ସାମୂହିକ ସାର୍ଥ ଜଡିତ ଥିଲା। ବିଜେପି ନେତାଙ୍କ ଦେହରେ କିନ୍ତୁ ଏହା ଯାଇ ନ ଥିଲା। ସେମାନେ ଲୋକଙ୍କ ସ୍ୱରକୁ ଚାପି ଦେବାକୁ ମେଳି ବାନ୍ଧିଥିଲେ। ହତାଶ କରିବାକୁ ଯାଇ ବିଜେଡି ନେତା ଅବକାଶ ସାହୁ, ରବିଚନ୍ଦ୍ର ପ୍ରଧାନ, ଗରୁଡ଼ ପ୍ରଧାନ, ପ୍ରତିଭା ସାହୁ, ସ୍ଥାନୀୟ ସରପଞ୍ଚ ଅଶୋକ ସେଠି, ଦିଲୀପ ସାହୁ ପ୍ରମୁଖ ୧୦ଜଣ ବିଜେଡି ନେତାଙ୍କ ନାଁରେ ବିଜେପି ପକ୍ଷରୁ ମଣ୍ଡଳ ସଭାପତି ବିନୋଦ ପ୍ରଧାନ ପୁରୁଣାକଟକ ଥାନାରେ ଏତଲା ଦେଇଥିଲେ। ପୁଲିସ ଅବଶ୍ୟ ପରେ ସମସ୍ତଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିଲା। ତେବେ ଏହା ବେଆଇନ ଓ ଅଗଣତାନ୍ତ୍ରିକ। ଗଣତନ୍ତ୍ରରେ ପ୍ରତିବାଦର ଅଧିକାର ସମସ୍ତଙ୍କର ଅଛି ବୋଲି ବିଜେଡି କହିଛି। ବିଜେପିର ଏଭଳି ଗୁଣ୍ଡାରାଜ ବିରୋଧରେ ବିଜେଡି ନେତା ଓ କର୍ମୀ ବୌଦ୍ଧ ଆଦର୍ଶ ଥାନାରେ ଏବେ ଫେରାଦ ହୋଇଛନ୍ତି। ବିଜେଡି ସରସରା ପଞ୍ଚାୟତ ସଭାପତି ଅସିତ ପ୍ରଧାନ ବିଜେପିର ୧୦ଜଣଙ୍କ ନାମରେ ଏକ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ କିନ୍ତୁ ପୁଲିସ ଚୁପ୍ ବସିଛି। ବିଜେଡି ନେତା ଅବକାଶ ସାହୁ, ଗରୁଡ଼ ପ୍ରଧାନ, ବାସୁଦେବ ଦେହୁରୀ, ମକରଧ୍ୱଜ ମେହେର, କାର୍ତ୍ତିକ ବେହେରା, ତେଜକୁମାର ଜଗଦଲା ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।

## ଓଏସ୍ଏପି ଯବାନଙ୍କ ମୃତ୍ୟୁ

**● ନୂଆଁଖାଇ ପାଇଁ ଘରକୁ ଆସିଥିଲେ**



ବେଲପଡ଼ା, ୨୪।୮ (ସମିସ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ନୂଆଁଖାଇ ପାଇଁ ଘରକୁ ଆସିଥିବା ଜଣେ ଓଏସ୍ଏପି ଯବାନଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବେଲପଡ଼ା ଥାନା ମୁଣ୍ଡାଗାଁର କୁଳମଣୀ ଭୋଇ। ସେ ଛିଡ଼ା ହୋଇଥିବା ବେଳେ ଅଚାନକ ତଳେ ପଡ଼ିଯିବାରୁ ମୃତ୍ୟୁ ଘଟିଥିବା ପରିବାର ଲୋକ କହିଛନ୍ତି। ପୂର୍ବରୁ ସେ ଯକ୍ଷ୍ମାରୋଗରେ ଆକ୍ରାନ୍ତ ଥିବା ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି। ଏନେଇ ଏକ ମାମଲା କରି ଘଟଣାର ତଦନ୍ତ ଆରମ୍ଭ କରାଯାଇଥିବା ବେଲପଡ଼ା ଥାନା ଅଧିକାରୀ ସୂଚନା ଦେଇଛନ୍ତି। କୁଳମଣୀ କୋରାପୁଟ ତୃତୀୟ ବାଟାଲିୟନରେ ଓଡ଼ିଶା ସ୍ପେଶାଲ୍ ଆର୍ମ ପୁଲିସ ଯବାନ ଭାବରେ କାମ କରୁଥିଲେ। ୨୦୦୭ରୁ ସେ ଚାକିରି କରୁଥିବା ବେଳେ କିଛି ଦିନ ତଳେ ନୂଆଁଖାଇ ପାଇଁ ଘରକୁ ଆସିଥିଲେ।

## କଣ୍ଟାବାଞ୍ଜି କୋର୍ଟରେ ପ୍ରଶିକ୍ଷଣ ଶିବିର

କଣ୍ଟାବାଞ୍ଜି, ୨୪।୮ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି କୋର୍ଟ ପରିସରରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ରବିବାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରରେ ତାଲୁକ ଆଇନ ସେବା କମିଟି ନୂତନ ଭାବେ ସଦସ୍ୟ ହୋଇଥିବା ପାରା ଲିଗାଲ ସଦସ୍ୟଙ୍କୁ କଣ୍ଟାବାଞ୍ଜି ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ରାକେଶ କୁମାର ନାୟାର ପ୍ରଶିକ୍ଷଣ ଦେଇଥିଲେ। ତାଲୁକ ଆଇନ ସେବା କମିଟି କାର୍ଯ୍ୟ କ'ଣ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। କଣ୍ଟାବାଞ୍ଜି ଅଞ୍ଚଳ ଏକ ଦାଦନ ପ୍ରବଣ ଅଞ୍ଚଳ। ଏହି ଅଞ୍ଚଳର ଶ୍ରମିକମାନେ ରାଜ୍ୟ ବାହାରକୁ ଯିବାବେଳେ ଶ୍ରମ ବିଭାଗରେ ବିନା ପଞ୍ଜୀକରଣରେ ଯାଉଛନ୍ତି। ତେଣୁ ଶ୍ରମିକମାନେ କେମିତି ଶ୍ରମ ବିଭାଗ ଦ୍ୱାରା ପଞ୍ଜିକୃତ ହୋଇ ବାହାର ରାଜ୍ୟକୁ ଯିବେ ସେ ନେଇ ଆଲୋଚନା ହୋଇଥିଲା। ଏହା ଦ୍ୱାରା ସେମାନେ ସମସ୍ତ ପ୍ରକାର ଆଇନ ଅନୁଯାୟୀ ସୁବିଧାସୁଯୋଗ ପାଇପାରିବେ। ସେ ନେଇ ଶ୍ରମିକଙ୍କୁ ସଚେତନତା କରିବାକୁ କମିଟି ପକ୍ଷରୁ ସଦସ୍ୟଙ୍କୁ କୁହା ଯାଇଥିଲା। ସେହିପରି ଭାରତର ସମ୍ବିଧାନର ବିଭିନ୍ନ ଆଇନ ଉପରେ ଆଲୋଚନା କରି ନୂତନ ତାଲୁକ ଆଇନ ସେବା କମିଟି ସଦସ୍ୟଙ୍କୁ ସଚେତନ କରି ପ୍ରଶିକ୍ଷଣ ଦିଆଇଥିଲା। ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ଓକିଲ ସଂଘର ସଭାପତି ପ୍ରଫୁଲ୍ଲ ନାଏକ ମଞ୍ଚାସୀନ ଥିଲେ। କଣ୍ଟାବାଞ୍ଜି ତାଲୁକ ଆଇନ ସେବା କମିଟି ସଦସ୍ୟ ଅବଦୁଲ ଗଫାର ପର୍ମା, ରୋହନ ମହତ, ଗୋବିନ୍ଦ ତାଣ୍ଡି, ଉତ୍ତମ ପ୍ରକାଶ ଦାସ, ବିକାଶ ଶର୍ମା, ମୌଇନୁଦ୍ଦିନ ମନହିରା, ବୁଧିସାଗର ବେହେରା, ମୋହନ ସୁନା, ଜମ୍ମୁ ଛୁରା, ଅପରାଜିତା ଛୁରା, ରୀନା ପୁଟେଲ, ଶୁଭଶ୍ରୀ ପାଢ଼ୀ, ଟିଙ୍କୁ ବଛା, ହେମନ୍ତ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।



## ମନମୁଣ୍ଡାରେ କୁଣ୍ଢିକାଞ୍ଚି ଖେଳ ଓ ଲଙ୍କାପୁଡ଼ି ଉତ୍ସବ

ମନମୁଣ୍ଡା, ୨୪।୮ (ସମିସ): ମନମୁଣ୍ଡାରେ କୁଣ୍ଢିକାଞ୍ଚି ଖେଳ ସହ ଲଙ୍କାପୁଡ଼ି ଉତ୍ସବ ପାଳିତ ହୋଇଯାଇଛି। ସପ୍ତପୁରୀ ଅମାବାସ୍ୟା ତଥା ପୁରା ଉଆଁସ ପାଳିତ ହୋଇଛି। ପୂର୍ବାହ୍ନରେ ଛୋଟ ଛୋଟ ଛୁଆମାନେ କାଠ ନିର୍ମିତ ଘୋଡ଼ାହାତୀ, ହନୁମାନ ଇତ୍ୟାଦି ମୂର୍ତ୍ତିକୁ ଚକ ଲଗାଇ ଏକ ଛୋଟ ରଥ ଭଳି ସଜାଇ ରାସ୍ତାରେ ଟାଣିଥିଲେ। ମଧ୍ୟାହ୍ନ ଭୋଜନ ପରେ ସେହି ଛୋଟ ଛୋଟ ଛୁଆମାନେ ବିଶେଷ ଭାବରେ କୁନି କୁନି ଝିଅମାନେ କୁଣ୍ଢିକାଞ୍ଚି ଖେଳିଥିଲେ। ମନମୁଣ୍ଡାର ମା ଦୁର୍ଗା ଦେବୀ ମନ୍ଦିର, ଭୁଲିଆ ପଡ଼ା, ଖଦାଳ ପଡ଼ା, ସୁବର୍ଣ୍ଣପାଲି, ଦେଉଳି, ବାସୁଦେବପାଲିର ବିଭିନ୍ନ ଜାଗାରେ ଏହି ଉତ୍ସବ ପାଳନ କରାଯାଇଛି। ଛୁଆମାନେ ବାଉଁଶ ନିର୍ମିତ ଚାଙ୍ଗୁଡ଼ି, ଭୁଗା, ଟୁପା ଇତ୍ୟାଦିରେ ଗୁଡ ଓ ଚିନିରେ ପାଗ କରାଯାଇଥିବା ଲିଆ, ମୁଢ଼ି ଲଡୁ, ହୁରୁମ, ବିଭିନ୍ନ ଜାତିର ଚଣା ଇତ୍ୟାଦି ଧରି ଉତ୍ସବ ମଣ୍ଡପକୁ ଆସିଥିଲେ। ଛୁଆଁମାନେ ନିଜେ ନିଜେ ମାହାପୁରୁ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ମାଟି ନିର୍ମିତ ଚୁଲି ଏବଂ ମାଟି ନିର୍ମିତ ପାତ୍ରରେ ଉକ୍ତ ସାମଗ୍ରୀକୁ ରନ୍ଧାବଢ଼ା କରି ପରସ୍ପର ମଧ୍ୟରେ ପରସା ପରସି (ଆଦାନ ପ୍ରଦାନ) କରିଥିଲେ। ଏହି ସମୟରେ ଛୁଆମାନଙ୍କ ଭାବାବେଗ ଦେଖିବାକୁ ବଡ ବଡ ଲୋକମାନେ ଉପସ୍ଥିତ ରହି ଛୋଟ ସମୟର ଦିନକୁ ମନେ ପକାଇ ମଜା ନେଇଥିଲେ। ସେହିପରି ସନ୍ଧ୍ୟା ସମୟରେ ଛୁଆମାନେ ମାଟି ନିର୍ମିତ ବିଭିନ୍ନ ପ୍ରଜାତିର ହନୁମାନକୁ ମାଟି ଚକ ରଥରେ ଫୁଲମାଳ ଦେଇ ସଜାଇ ଲାଙ୍ଗୁଡରେ କନା ବାନ୍ଧିବା ପୂର୍ବକ କିରୋସିନି ଢାଳି ଅଗ୍ନି ସଂଯୋଗ କରି ରାସ୍ତାରେ ଟାଣିଥିଲେ। ଅଭିଭାବକମାନେ କିରୋସିନି ଧରି ଯାଇଥିଲେ। ମଝିରେ ମଝିରେ କିରୋସିନି ଢାଳି ଉତ୍ସାହିତ କରୁଥିବା ଦେଖିବାକୁ ମିଳିଥିଲା। ଟାଣିବା ସମୟରେ ଛୁଆମାନେ ଜୟ ବୀର ହନୁମାନ କି, ରାମ ଲକ୍ଷ୍ମଣ ଜାନକୀ, ବୀର ବଜରଙ୍ଗ ବାଲି କି ଜୟ ଇତ୍ୟାଦି ନାରା ଦେଇଥିଲେ।



## ନଦୀରେ ଭାସି ଯାଉଥିବା ଯୁବକ ଉଦ୍ଧାର

ବୀରମହାରାଜପୁର, ୨୪।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକ ସନକିରସିରା ଗ୍ରାମର ୬ ଜଣ ଯୁବକ ସୁରୁବାଲି ଯୋରରେ ଭାସି ଯାଉଥିବାବେଳେ ବର୍ତ୍ତି ଯାଇଛନ୍ତି। ସେମାନେ ସମସ୍ତେ ଗାଧୋଇବାକୁ ଯାଇଥିଲେ। ହଠାତ୍ ବନ୍ୟାପାଣି ମାଡି ଆସିବାରୁ ଭାସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୫ଜଣ ପହରି ପହଁରି କୂଳକୁ ଆସିଥିଲେ। ତେବେ ଏମାନଙ୍କ ସହ ଥିବା ଆଦର୍ଶ ପଧାନ ନାମକ ଜଣେ ଯୁବକ ପହଁରି ନ ପାରି ପାଣିରେ ଭାସି ଯାଇଥିଲେ। ଯୋର ରେ ଥିବା ଏକ ଜାମୁଗଛରେ ସେ ଓହଳି ରହି ଡାକ ଛାଡ଼ିଥିଲେ। ଖବର ପାଇ ସୁବଳୟା ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ।



## କନ୍ଦବାହାଲରେ ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି

କଣ୍ଟାବାଞ୍ଜି, ୨୪।୮ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଧାମନଡଙ୍ଗା ପଞ୍ଚାୟତ କନ୍ଦବାହାଲରେ ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ସେପ୍ଟେମ୍ବର ୭ ତାରିଖ କନ୍ଦବାହାଲ ଆଜାଦ୍ କ୍ଲବ୍ ପକ୍ଷରୁ ନୂଆଁଖାଇ ଭେଟଘାଟ ଗାଁ ଖେଳ ପଡ଼ିଆରେ ଆୟୋଜିତ ହେବ ବୋଲି ନିଷ୍ପତ୍ତି ହୋଇଚି। ଏହି ବୈଠକରେ ସଭାପତି ଚମ୍ପେଶ୍ୱର ବାଗ, ସମ୍ପାଦକ ରଞ୍ଜିତ ଦଣ୍ଡସେନା, ଉପ ସଭାପତି ମଣ୍ଟୁ ମାହାନନ୍ଦ, କୋଷାଧ୍ୟକ୍ଷ ରାଜେଶ ଦଣ୍ଡସେନା, ସହ ସମ୍ପାଦକ ଲକ୍ଷେଶ୍ୱର ସୁନାମୀ, ସହ କୋଷାଧ୍ୟକ୍ଷ ବାସୁଦେବ ପନିକା, ଉପଦେଷ୍ଟା ରାଷ୍ଟ୍ରପତି ଯାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏନିମିଆମୁକ୍ତ ଅଭିଯାନ ପାଇଁ ତାଲିମ

ବୌଦ୍ଧ, ୨୪।୮ (ସମିସ): ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ବୌଦ୍ଧ ବ୍ଲକ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଏନିମିୟାମୁକ୍ତ ଅଭିଯାନ (ଅକ୍ଲାନ) ତାଲିମ ଶିବିର ଆୟୋଜିତ ହୋଇଯାଇଛି। ଡାକ୍ତର ରମାକାନ୍ତ ନନ୍ଦ, ସୁପରଭାଇଜର ପ୍ରଶାନ୍ତ ପାଣିଗ୍ରାହୀ ଓ ବାଉଁଶୁଣୀ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡାକ୍ତର ଆନ୍ତର୍ଯ୍ୟାମୀ ବେହେରା ଯୋଗ ଦେଇ ରକ୍ତହୀନତା କ'ଣ ଓ କାହିଁକି ହୋଇଥାଏ ଏବଂ ଏହାର ନିରାକରଣ ପାଇଁ କ'ଣ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ କହିଥିଲେ।

## ଜହ୍ନାପଙ୍କ ଅଞ୍ଚଳରେ ପୂରା ଉଆଁସ ପାଳିତ

ବୌଦ୍ଧ, ୨୪।୮ (ସମିସ): ବୌଦ୍ଧ ବ୍ଲକ ଜହ୍ନାପଙ୍କ, ବଢ଼ିଗାଁରେ ପାରମ୍ପରିକ ଶିଶୁ ପର୍ବ ପୁରା ଉଆଁସ ପାଳିତ ହୋଇଛି। ବିଭିନ୍ନ ଦେବାଦେବୀ ପୀଠରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଗାଆଁ ଗାଆଁରେ ବାଳକ ବାଳିକାମାନେ ପୁରା ଉଆଁସ ପାଳନ କରିଛନ୍ତି। ଗ୍ରାମର ବାଳକମାନେ ମାଟି ଓ କାଠରେ ତିଆରି ଚକ ଲଗା ହାତୀ, ଘୋଡା, ହନୁମାନ ଓ ଷଣ୍ଢକୁ ଦଉଡ଼ିରେ ଟାଣି ଟାଣି ଏକାଠି ଖେଳିଥିଲେ। ବାଳିକାମାନେ ବାଉଁଶରେ ନିର୍ମିତ ଡାଲା ଓ କୁଲା ସହ ପୋଡା ମାଟି ନିର୍ମିତ କାଞ୍ଚି ଓ କୁଣ୍ଡୀରେ ଲିଆ ଉଖୁଡ଼ା ଓ ସାତ ପ୍ରକାର ଭଜା ଚଣା ଧରି ଗାଁ ମୁଣ୍ଡ ବରଗଛ, ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଖେଳୁଥିବା ଦେଖିବାକୁ ମିଳିଥିଲା। ବ୍ଲକର ଜହ୍ନାପଙ୍କ, ବଢ଼ିଗାଁ, ନାରାୟଣ ନଗର, ଚନ୍ଦ୍ରପୁର, ଜଗତି, ଖୁଣ୍ଟବନ୍ଧ, ତେଲିବନ୍ଧ, କମିରା, ଗମ୍ଭାରୀପଦର ଓ ବଘିଆପଡ଼ା ସମେତ ବିଭିନ୍ନ ଗ୍ରାମରେ ପୁରା ଉଆଁସ ପର୍ବ ପାଳିତ ହୋଇଛି। ବଢ଼ିଗାଁରେ ମୁନା ପଣ୍ଡା ପୂଜା କାର୍ଯ୍ୟ କରିଥିବା ବେଳେ ବିଷ୍ଣୁ ବିଶି ସହଯୋଗ କରିଥିଲେ।

# ବଙ୍ଗୋମୁଣ୍ଡା ଏନ୍ଏସି ନ ହେଲେ ଆନ୍ଦୋଳନ ଚେତାବନୀ



କଣ୍ଟାବାଞ୍ଜି, ୨୪।୮ (ସମିସ): ଦାବି ପରେ ଦାବି ହେଉଛି; ହେଲେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ବଙ୍ଗୋମୁଣ୍ଡା ପଞ୍ଚାୟତକୁ ଏନଏସି ମାନ୍ୟତା ମିଳିପାରୁ ନାହିଁ। ବଙ୍ଗୋମୁଣ୍ଡା ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ମାନ୍ୟତା ଦେବାପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଛି। ଏବେ ବିଜେପି ସରକାର ଉପରେ ଆଶା ରଖିଛନ୍ତି ସ୍ଥାନୀୟ ବାସିନ୍ଦା। ବର୍ତ୍ତମାନ ନୂତନ ଭାବେ ରାଜ୍ୟ ସରକାର ଘୋଷିତ ୧୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରେ ବଙ୍ଗୋମୁଣ୍ଡା ସ୍ଥାନ ପାଇଲା ନାହିଁ। ଏହା ବଙ୍ଗୋମୁଣ୍ଡା ଓ ଗୋହିରାପଦର ଗ୍ରାମ ସମେତ ସମଗ୍ର ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ କରିଛି। ବଙ୍ଗୋମୁଣ୍ଡା ପଞ୍ଚାୟତର ଜନସଂଖ୍ୟା ୧୨ ହଜାରରୁ ଅଧିକ; ଯାହା ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇଁ ମାନଦଣ୍ଡ ପୂରଣ କରୁଛି। ଐତିହାସିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ବଙ୍ଗୋମୁଣ୍ଡା ଗଡ଼ଜାତ ସମୟର ଏକ ପ୍ରମୁଖ ଜମିଦାରୀ ଥିଲା। ସେହି ସମୟରୁ ବଙ୍ଗୋମୁଣ୍ଡା ଏକ ବ୍ୟବସାୟିକ ପେଣ୍ଠସ୍ଥଳ ରହି ଆସିଛି। ସେ ସମୟରେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିଜୟନଗରମ (ବସ୍ତର ଅଞ୍ଚଳ), ଜୟପୁର, କଳାହାଣ୍ଡି ଆଦି ଇଷ୍ଟେଟ ସହ ସିଧା ସଳଖ ବ୍ୟବସାୟିକ ସମ୍ପର୍କ ରଖିଥିବା ଜଣାପଡ଼ିଛି। ବଙ୍ଗୋମୁଣ୍ଡା ଗ୍ରାମରେ ଗଡ଼ଜାତ ଶାସନ ସମୟରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଏବଂ ଗୋଟିଏ ଭର୍ଣ୍ଣାକୁଲାର ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଏହି ସହରରେ ନାରୀ ଶିକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇ ୧୯୦୮ ମସିହାରେ ବାଳିକା ବିଦ୍ୟାଳୟ ସ୍ଥାପିତରୁ ଜଣାପଡେ। ଭୌଗୋଳିକ ଦୃଷ୍ଟିକୋଣରୁ ବଙ୍ଗୋମୁଣ୍ଡା ଏପରି ଏକ କେନ୍ଦ୍ରସ୍ଥଳ ଯାହା ମଧ୍ୟଭାରତ ଏବଂ ଦକ୍ଷିଣ ଭାରତକୁ ପଶ୍ଚିମାଞ୍ଚଳ ସହ ସଂଯୋଗ କରିଥାଏ। ବର୍ତ୍ତମାନ ମଧ୍ୟ ବଙ୍ଗୋମୁଣ୍ଡା ଏପରି କେନ୍ଦ୍ରସ୍ଥଳ ଯାହା ପଶ୍ଚିମାଞ୍ଚଳର କଳାହାଣ୍ଡି, ନୂଆପଡ଼ା ଏବଂ ବଲାଙ୍ଗୀର ଜିଲ୍ଲାକୁ ଗମନାଗମନରେ ସଂଯୋଗ କରିଥାଏ। ବଲାଙ୍ଗୀର ଜିଲ୍ଲାର ତିନୋଟି ବ୍ଲକ ସମେତ ସୀମାନ୍ତ କଳାହାଣ୍ଡି ଓ ନୂଆପଡ଼ ଜିଲ୍ଲାର ଅନେକ ଅଞ୍ଚଳର ଜନସାଧାରଣ ଆବଶ୍ୟକତା ପୂରଣ ପାଇଁ ବଙ୍ଗୋମୁଣ୍ଡା ସହର ଉପରେ ନିର୍ଭର କରିଥାନ୍ତି। ବର୍ତ୍ତମାନ ବଙ୍ଗୋମୁଣ୍ଡା ଦେଇ ଜାତୀୟ ରାଜପଥ ନଂ ୫୯ ଏବଂ ରାଜ୍ୟ ରାଜପଥ ନଂ ୪୨ ସିଧାସଳଖ ସଂଯୋଗ କରୁଥିବାରୁ ଜନସାଧାରଣଙ୍କ ନିର୍ଭରତା ବଢ଼ିବା ସହ ଗମନାଗମନ ସରଳ ହୋଇପାରିଛି। ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ମଧ୍ୟ ବଙ୍ଗୋମୁଣ୍ଡା ସହର ବେଶ ପ୍ରଗତୀ କରିଛି। ୯ଟି ଅଙ୍ଗନବାଡ଼ି କେନ୍ଦ୍ର, ଗୋଟିଏ ବାଳିକା ବିଦ୍ୟାଳୟ ସହ ୬ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ୩ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ବାଳକ ଓ ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ଯୁକ୍ତ ଦୁଇରୁ ସ୍ନାତକ ପର୍ଯ୍ୟନ୍ତ କଳା, ବାଣିଜ୍ୟ ଓ ବିଜ୍ଞାନ ପାଠ୍ୟକ୍ରମ ଥିବା ମହାବିଦ୍ୟାଳୟ ରହିଛି। ଗୋଟିଏ ମହିଳା ମହାବିଦ୍ୟାଳୟ ମଧ୍ୟ ରହିଛି। ୪ଟି ଘରୋଇ ବିଦ୍ୟାଳୟ ରହିଛି। ଆଖପାଖ ଅଞ୍ଚଳର ଲୋକେ ଶିକ୍ଷା ସୁବିଧା ପାଇଁ ବଙ୍ଗୋମୁଣ୍ଡା ଉପରେ ନିର୍ଭର କରିଥାନ୍ତି। ସମସ୍ତ ସୁବିଧା କାରଣରୁ ଅନ୍ୟ ଅଞ୍ଚଳରୁ ଲୋକ ଆସି ବଙ୍ଗୋମୁଣ୍ଡାରେ ସ୍ଥାୟୀ ଭାବରେ ବସବାସ କରୁଛନ୍ତି। ଏହାଫଳରେ ଏହାସହ ଏକ କ୍ରମବର୍ଦ୍ଧିଷ୍ଣୁ ସହର ଭାବେ ପରିଣତ ହେଉଛି। କଣ୍ଟାବାଞ୍ଜି ରେଳଷ୍ଟେସନ ଏବଂ ଟିଟିଲାଗଡ଼ ରେଳ ଜଙ୍କସନ ଅନତି ଦୂରରେ ଥିବାରୁ ବଙ୍ଗୋମୁଣ୍ଡାକୁ ଲୋକେ ସ୍ଥାୟୀ ବସତି ଭାବେ ରହିବାକୁ ପ୍ରାଥମିକତା ଦେଇଥାନ୍ତି। ବଙ୍ଗୋମୁଣ୍ଡା ଏକ ପୁରୁଣା ପଞ୍ଚାୟତ ସମିତି ମୁଖ୍ୟାଳୟ। ଏହାସହ ତହସିଲ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ରହିଛି। ବଙ୍ଗୋମୁଣ୍ଡା ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ସାଂସଦ, ବିଧାୟକଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଦାବିପତ୍ର ଦେବାସହ ବଙ୍ଗୋମୁଣ୍ଡା ବନ୍ଦ ପାଳନ ଓ ଆମରଣ ଅନଶନ ମଧ୍ୟ ହୋଇଛି। ବଙ୍ଗୋମୁଣ୍ଡାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ମାନ୍ୟତ ନ ମିଳିଲେ ବିରାଟ ଜନ ଆନ୍ଦୋଳନ ହେବ ବୋଲି ବିକାଶ ଜୈନ, ବିନୋଦ ମେହେର, ନରସିଂହ ଥନାପତି, କେଶବ ନାରାୟଣ ଜୈନ, ଅଜିତ ଯୋଶୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ପାଟଣାଗଡ଼ ଅଞ୍ଚଳରେ ଲଗାମଛଡ଼ା ମିଠା ଫ୍ୟାକ୍ଟ୍ରି

**● ନିମ୍ନମାନର ମିଠା ତିଆରି ସହ ନାବାଳକ ଶ୍ରମିକ ନିୟୋଜିତ କରାଯାଉଥିବା ଅଭିଯୋଗ**

ପାଟଣାଗଡ଼, ୨୪।୮ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଅଞ୍ଚଳରେ ଛତୁ ଫୁଟିଲା ପରି ମିଠା ଫ୍ୟାକ୍ଟ୍ରି ଗଢି ଉଠିଛି। ସହର ତଥା ପାଖ ଗ୍ରାମ ଗୁଡିକରେ ଏହି ଫ୍ୟାକ୍ଟ୍ରି ଗୁଡିକ ଚାଲୁଛି। ଏହି ଫ୍ୟାକ୍ଟ୍ରି ଗୁଡିକରେ ନିମ୍ନମାନର ମିଠା ତିଆରି କରାଯାଉଥିବା ସହ ଏକ ନିର୍ଦ୍ଦିଷ୍ଟ ଫ୍ୟାକ୍ଟ୍ରିରେ ନାବାଳକ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିବା ଅଭିଯୋଗ ହେଉଛି। ଏକ ମିଠା ଫ୍ୟାକ୍ଟ୍ରି ଖୋଲିବା ପାଇଁ ଖାଦ୍ୟ ନିରୀକ୍ଷଣ ବିଭାଗର ନିୟମ ମୁତାବକ ଅନୁପାଳନ କରିବା କଥା। ଏଥିସହ ଖାଦ୍ୟ ନିରୀକ୍ଷଣ ବିଭାଗ ପକ୍ଷରୁ ଫ୍ୟାକ୍ଟ୍ରିରେ ତିଆରି କରାଯାଉଥିବା ଖାଦ୍ୟର ମାନ ନିୟମିତ ଯାଞ୍ଚ କରାଯିବା କଥା; କିନ୍ତୁ ଏ କ୍ଷେତ୍ରରେ ତାହା କରାଯାଉ ନ ଥିବା ଅଭିଯୋଗ ଉଠିଛି। ଫ୍ୟାକ୍ଟ୍ରି ଗୁଡିକରେ ଦୈନିକ ତଥା ପ୍ରତି ମାସ କେତେ ପରିମାଣର ମିଠା ତିଆରି କରାଯାଇଛି, କେତେ ବିକ୍ରି କରାଯାଉଛି ଏସବୁର ଯାଞ୍ଚ ହେବା କଥା। ଏଥିସହ ଗ୍ରାହକଙ୍କୁ ମିଠା କ୍ରୟର ବିଲ୍ ମଧ୍ୟ ଦିଆଯାଉନାହିଁ। ଏସବୁର ଅନୁପାଳନ ପାଇଁ ଖାଦ୍ୟ ନିରୀକ୍ଷଣ ବିଭାଗ ପକ୍ଷରୁ କାହିଁକି ନିୟମିତ ଯାଞ୍ଚ କରାଯାଉନାହିଁ ବିଭାଗର କାର୍ଯ୍ୟକଳାପ ପ୍ରତି ସନ୍ଦେହ ପ୍ରକାଶ ପାଇଛି। ଏହି ଫ୍ୟାକ୍ଟ୍ରିଗୁଡିକରେ ଉପଯୁକ୍ତ ମାନର ମିଠା ତିଆରି କରାଯାଉନାହିଁ। ମିଠା ତିଆରି ପାଇଁ ବ୍ୟବହୃତ ସାମଗ୍ରୀରେ ଅପମିଶ୍ରଣ କରାଯାଇ ଲୋକଙ୍କୁ କମ୍ ମୂଲ୍ୟରେ ବିକ୍ରି କରାଯାଉଛି। ଖାଦ୍ୟର ମାନ ନିୟମିତ ଯାଞ୍ଚ ହେଉ ନ ଥିବାରୁ ଫ୍ୟାକ୍ଟ୍ରିଗୁଡିକର ଅପମିଶ୍ରଣ ମିଠା ଖାଇ ଲୋକଙ୍କ ସ୍ୱାସ୍ଥ୍ୟ ହାନି ହେବାର ଆଶଙ୍କା ରହିଛି। ତେବେ ଏହି ଫ୍ୟାକ୍ଟ୍ରିଗୁଡ଼ିକରେ ତିଆରି ମିଠା ସୁସଜ୍ଜିତ ମିନି ପିକଅପ ଗୁଡିକରେ ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ଦୋକାନକୁ ସପ୍ଲାଏ କରାଯାଉଛି। ତେବେ ଏହି ଅପମିଶ୍ରିତ ମିଠା ଖାଇ ଜିଲ୍ଲା ତଥା ଜିଲ୍ଲା ବାହାରର ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଥିବା ଆଶଙ୍କା ପ୍ରକାଶ ପାଇଛି। ଏହି ଖାଦ୍ୟ ଯୋଗୁଁ ଯଦି କୌଣସି ଅଘଟଣ ଘଟେ ତେବେ କିଏ ଦାୟୀ ରହିବ ବୋଲି ଅଭିଯୋଗ ଉଠିଛି। ଆହୁରି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉଠିଛି ଯେ ସହରରେ ଥିବା ଏକ ମିଠା ଫ୍ୟାକ୍ଟ୍ରିରେ ନାବାଳକ ଶ୍ରମିକ ନିୟୋଜିତ କରାଯାଇଛି। କମ୍ ଦରମା ଦେଇ ବେଆଇନ ଭାବେ ଉକ୍ତ ନାବାଳକ ଶ୍ରମିକଙ୍କୁ କାମ କରାଉଥିବା ଅଭିଯୋଗ ଉଠିଛି। ଏଥିସହ ଫ୍ୟାକ୍ଟ୍ରିଗୁଡିକ ଦୁର୍ଗନ୍ଧରେ ଫାଟି ପଡୁଛି। ଏତେ କଦର୍ଯ୍ୟ ପରିବେଶରେ କିଭଳି ଏହି ଫ୍ୟାକ୍ଟ୍ରିଗୁଡିକରେ ମିଠା ତିଆରି ହେଉଛି ଏହାର ମଧ୍ୟ ଯାଞ୍ଚର ଆବଶ୍ୟକତା ରହିଛି ବୋଲି ଅଭିଯୋଗ ଉଠିଛି। ଏହି ଫ୍ୟାକ୍ଟ୍ରିଗୁଡିକ ଗତ ପାଞ୍ଚ ବର୍ଷରୁ ଅଧିକ ସମୟରୁ ଚାଲୁଥିଲେ ହେଁ କାହିଁକି ଖାଦ୍ୟ ନିରୀକ୍ଷଣ ବିଭାଗ କୌଣସି ପଦକ୍ଷେପ ନ ନେଇ ଚୁପ ରହିଛି ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି।

## ବର୍ଷା ବନ୍ଦ ପରେ ଜମିଲା ଲଙ୍କାପୋଡ଼ି

ସୋନପୁର, ୨୪।୮ (ସମିସ): ସୋନପୁରରେ ଲଗାଣ ବର୍ଷା ଯୋଗୁଁ ମାଟିର ସ୍ୱତନ୍ତ୍ର ପର୍ବ ଲଙ୍କାପୋଡି କିଛି ମାତ୍ରାରେ ବାଧାପ୍ରାପ୍ତ ହୋଇଛି; ହେଲେ ବନ୍ଦ ହୋଇ ଯାଇନି। ସପ୍ତପୁରୀ ଅମାବାସ୍ୟା ଅବସରରେ ହନୁମାନ ଲାଞ୍ଜରେ ନିଆଁ ଲାଗାଇ ପଡ଼ା ପଡ଼ା, ଗଳି ଗଳିରେ ଛୁଆମାନେ ଟାଣିଛନ୍ତି। ବର୍ଷା ଟିକିଏ କମିଯିବାରୁ ମାଟି ହନୁମାନ ଧରି ଘରୁ ପଦାକୁ ବାହାରି ପଡ଼ିଥିଲେ। ସାରା ସହରରେ ଛୋଟ ଛୁଆମାନେ ହନୁମାନ ଟାଣିଛନ୍ତି।

**ସିନାପାଲିରେ ଜିଲ୍ଲାସ୍ତରୀୟ ବନ୍ଧୁମିଳନ ଓ କବିତା ଆସର**

# ସାହିତ୍ୟିକମାନେ ସମାଜକୁ ଦିଗଦର୍ଶନ ଦିଅନ୍ତୁ



ସିନାପାଲି, ୨୪।୮ (ସମିସ)

ଯୁଗେଯୁଗେ ସାହିତ୍ୟ ସମାଜ ପରିବର୍ତ୍ତନର ସୂତ୍ରଧର। ବର୍ତ୍ତମାନର ସାହିତ୍ୟିକଗଣ ସମାଜକୁ ସମୁଚିତ ଦିଗଦର୍ଶନ ଦିଅନ୍ତୁ। ଏଥିପାଇଁ ସାହିତ୍ୟସାଧକମାନେ ନିଜ ଉଚ୍ଚାରଣ ଓ ଆଚରଣରେ ସମାନତା ରଖିବା ଆବଶ୍ୟକ। ନୂଆପଡ଼ା ଜିଲ୍ଲା ସାହିତ୍ୟଝରର ତରଫରୁ ସାରସ୍ୱତ ମାଟି ସିନାପାଲିରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବନ୍ଧୁ ମିଳନ ଓ କବିତା ଆସରରେ ଏହି ମତ ପ୍ରକାଶ ପାଇଛି। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାବେଶରେ ମୁଖ୍ୟ ଅତିଥି ଭାବେ ଦୈନିକ ଅପରାହ୍ଣର ସମ୍ପାଦକ ବଂଶୀଧର ଜେନା ଓ ସମ୍ମାନିତ ଅତିଥି ଭାବେ ଶ୍ରୀଲିପ୍ସା ପ୍ରିଣ୍ଟ ମିଡ଼ିଆର ପରିଚାଳନା ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦାସ, ସ୍ତମ୍ଭକାର ରବୀନ୍ଦ୍ରନାଥ ଯୋଷୀ, କଳାହାଣ୍ଡି ଜିଲ୍ଲା ସଂଯୋଜକ ଭାଗୀରଥୀ ସାଗର, ଏସଏସକେପି ନିର୍ଦ୍ଦେଶକ ତ୍ରିନାଥ ମେହେର, ସାମ୍ବାଦିକ ସଂଘ ସଭାପତି ଅଜିତ ଯୋଷୀ, ଶିକ୍ଷାବିତ ଲଳିତ ସୁନାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ନୂଆପଡ଼ା ଜିଲ୍ଲା ସଂଯୋଜକ ବୈଷ୍ଣବ ମେହେର ଅଧ୍ୟକ୍ଷତା କରିଥିଲେ। ବଂଶୀଧର ଜଗତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନିକୁଞ୍ଜ ବିହାରୀ ସା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଖଗେଶ୍ୱର ବାଗ, ଚିନ୍ତାମଣି ସାହୁ, କୃଷ୍ଣଚନ୍ଦ୍ର ନାଏକ, ଖଗେଶ୍ୱର ବାଗ, ଗୌତମ ମେହେର, ଧ୍ରୁବଚରଣ ପଧାନ, ଭଗବାନ ସିଂହ ମାଝୀ, ଅନିଷା ପଣ୍ଡା, ଭଗତରାମ ଶବର, ପରେଶନାଥ ପାଣିଗ୍ରାହୀ, ସଂଯୁକ୍ତା ପଣ୍ଡା, ବୈଷ୍ଣବ ମେହେର, ଶାଶ୍ୱତୀ ହୋତା, ବିଜୟ ଯୋଷୀ, ଲଇଖନ ମାଝୀ, ମୁରଲୀଧର ସା, ଡ. ଭାରତୀ ହୋତା, ମୋନାଲିସା ପଣ୍ଡା, ନରହରି ନାଗ, ରେଶ୍ମା ମେହେର, ନିରଞ୍ଜନ ସାହାଣୀ, ବିନିଷା ମେହେର, କୁଶଧ୍ୱଜ ପାଲ, ଭାରତୀ ମାଝୀ, ଶିବ ପ୍ରସାଦ ମେହେର, ସତ୍ୟବ୍ରତ ଗହିର, ଇତିଶ୍ରୀ ମେହେର, ବେଣୁଧର ମେହେର, ଜିତେନ୍ଦ୍ରନାଥ ଗହିର, ଭୀଷ୍ମରାଜ ମେହେର, ରଶ୍ମିରଞ୍ଜନ ସା, ଦିସମ୍ବର ମେହେର, ହରେକୃଷ୍ଣ ମେହେର, ପିତାମ୍ବର ମାଝୀ, ଚୂଡ଼ାମଣି ମେହେର, ନୀଳାଚଳ ମେହେର, ଭ୍ରମର ବାଗ, ସରସ୍ୱତୀ ମେହେର, ପ୍ରଦ୍ୟୁମ୍ନ ସିଂହ ଚିନ୍ଦା, ପ୍ରେମାନନ୍ଦ ମେହେର, ଲୋଚନ ମେହେର, ସୁଶାନ୍ତ ବାଘ, ଧବଳେଶ୍ୱର ମେହେର, ଦୁର୍ଜନ ସା, ନିକୁଞ୍ଜ ବିହାରୀ ସା ପ୍ରମୁଖ କବିତା ପାଠ କରିଥିଲେ। ନନ୍ଦକୁମାର ପାତ୍ର, ଭରତ ଚନ୍ଦ୍ର ବାଗ, ବାମଦେବ ଦାଶ, କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଲୋଚନ ମେହେର ସଂଯୋଜନା କରିଥିବାବେଳେ ସାନୁର୍ଯ୍ୟ ମେହେର ଧନ୍ୟବାଦ ଦେଇଥିଲେ।

# ଗଞ୍ଜେଇ ମାମଲାରେ ଗିରଫ ହୋଇ ଜେଲରେ ପେକ୍ସ ସମ୍ପାଦକ

ଶଗଡା/ମନମୁଣ୍ଡା,୨୪।୮ (ସମିସ):

ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ୬ ଜଣ ପେକ୍ସ ସମ୍ପାଦକ ଧାନ ପାଞ୍ଜିକରଣ ସମୟରେ ବିଦେଶ ବୁଲିବାକୁ ଯାଇଥିବା ସାମାଜିକ ଗଣମାଧ୍ୟମରେ ଖବର ଭାଇରଲ ହେବା ପରେ ବିଭାଗୀୟ ଅଧିକାରୀ ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଖବର ମନରୁ ଯାଇ ନଥିବାବେଳେ ବୌଦ୍ଧ ଜିଲ୍ଲା ଶଗଡ଼ା ସେବା ସମବାୟ ସମିତି (ପେକ୍ସ) ସମ୍ପାଦକ ସତ୍ୟନାରାୟଣ ପଣ୍ଡା ଗଞ୍ଜେଇ ମାମଲାରେ ଛତିଶଗଡ଼ ରାଜ୍ୟରେ ଗିରଫ ହୋଇ ଜେଲ ଯାଇଥିବା ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି। ଅନ୍ୟପଟରେ ଦୁଇମାସରୁ ଉର୍ଦ୍ଧ୍ୱ ହେବ ସମ୍ପାଦକ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟିରେ ରହିଥିବାରୁ ସାର ନ ପାଇ ଶଗଡା ସେବା ସମବାୟ ସମିତି ଅଞ୍ଚଳର ଚାଷୀ ହନ୍ତସନ୍ତ ହେଉଥିବା ନଜରକୁ ଆସୁଛି।

ସୂଚନାନୁଯାୟୀ, ପ୍ରାୟ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ଶଗଡ଼ା ପେକ୍ସର ସମ୍ପାଦକ ସତ୍ୟନାରାୟଣ ପଣ୍ଡା କାର୍ଯ୍ୟାଳୟରେ ଅନୁପସ୍ଥିତ ରହି ଆସିଛନ୍ତି। ଜୁନ୍ ୧୭ ତାରିଖରେ ଶଗଡାରୁ ସୋନପୁର ଯାଉଥିବା ବେଳେ ସଡକ ଦୁର୍ଘଟଣାରେ ତାଙ୍କ ମୁଣ୍ଡ ଓ ବାମ ଗୋଡ଼ରେ ଗଭୀର ଆଘାତ ଲାଗି ଥିବାରୁ ୧୫ ଦିନ ଛୁଟି ପାଇଁ ନିବେଦନ କରିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। କିନ୍ତୁ ଏନେଇ ତାଙ୍କ ଅଫିସର କର୍ମଚାରୀଙ୍କୁ ପଚାରିବାରେ କାରଣ କେହି ଜାଣି ନ ଥିବା ପ୍ରକାଶ କରିଥିଲେ। ଏପରିକି ସମ୍ପାଦକ






ପଣ୍ଡାଙ୍କ ଅଜ୍ଞାତବାସର ଖବର ଚାଷୀ ଓ ସାଧାରଣ ଜନତାଙ୍କୁ ମଧ୍ୟ ଜଣା ନ ଥିଲା। ସେ ଦୁର୍ଘଟଣାରେ ପଡ଼ି

- ସାର ନ ପାଇ ଚାଷୀ ହନ୍ତସନ୍ତ
- ଦୁଇମାସ ତଳେ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଛୁଟିରେ ଥିଲେ

କୌଣସି ଡାକ୍ତରଖାନା ରେ ଭର୍ତ୍ତି ହୋଇଥିବା ଆଲୋଚନା ହେଉଥିଲା। କିନ୍ତୁ ତାଙ୍କ ପରିବାର ବର୍ଗ ସମସ୍ତେ ଘରେ ଉପସ୍ଥିତ ଥିବାରୁ ସେନେଇ ସନ୍ଦେହ ଘନୀଭୂତ ହୋଇଥିଲା। ବର୍ତ୍ତମାନ ଚାଷୀ ପଞ୍ଜିକରଣ ସମୟରେ ସମ୍ପାଦକଙ୍କ ଅନୁପସ୍ଥିତି ଯୋଗୁଁ ପେକ୍ସରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଚାଷୀମାନେ ବହୁତ ଅସୁବିଧାର ସମ୍ମୁଖିନ ହେଉଥିବା ଜାଣିବାକୁ ମିଳିଛି। ବିଶେଷ କରି ଚାଷୀ ସାର ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ଚାଷୀମାନେ ସାର ପାଇଁ ଦୀର୍ଘ ଦିନରୁ ପେକ୍ସରେ ଟଙ୍କା ଜମା ଦେଇଥିଲେ। ସମବାୟ ସମିତିରେ ସାର ଗଚ୍ଛିତ ରହିଥିଲେ ସୁଦ୍ଧା ସମ୍ପାଦକଙ୍କ ଅନୁପସ୍ଥିତି ଯୋଗୁଁ ଚାଷୀ ତାହା ପାଇପାରୁ ନଥିବା ଜାଣିବାକୁ ମିଳିଛି। ଉକ୍ତ ସାର ସରକାରୀ ମୂଲ୍ୟ ବସ୍ତା ପ୍ରତି ୨୬୭ ଟଙ୍କା ରହିଥିବାବେଳେ କେତେକ ଚାଷୀ ଅନ୍ୟ ଉପାୟ ନ ପାଇ ବସ୍ତା ପ୍ରତି ପ୍ରାୟ ୭୦୦ ଟଙ୍କା ଦେଇ ବାହାରୁ କ୍ରୟ କରି ଜମିରେ ସିଞ୍ଚନ କରିଥିବା ଜାଣିବାକୁ ମିଳିଛି। ଗରିବ ଚାଷୀ ଅର୍ଥାଭାବରୁ ମୁଣ୍ଡରେ ହାତ ଦେଇ ବସି ରହିଛନ୍ତି। ସାର ଅଭାବରୁ କିଛି ସ୍ଥାନରେ ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜାଣିବାକୁ ମିଳିଛି। ସମ୍ପାଦକ ଙ୍କ ଅନୁପସ୍ଥିତି ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏନେଇ ହାତ ବାନ୍ଧି ବସି ରହିବାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟରେ ସମ୍ପାଦକ ପଣ୍ଡା ଓ ଆଉ ଜଣେ ଗଞ୍ଜେଇ ନେଇ ରାଜ୍ୟ ବାହାରକୁ ଯାଇଥିବାବେଳେ ଜବଲପୁର ପୁଲିସ ହାବୁଡରେ ପଡ଼ି ଗିରଫ ହେବା ସହ କୋର୍ଟ ଚାଲାଣ ହୋଇଥିବା ଏବଂ ସୁବାଷଚନ୍ଦ୍ର ବୋଷ ସେଣ୍ଟ୍ରାଲ ଜେଲ ହାଜତକୁ ଯାଇଥିବା ସେଠିକାର ଏସ୍‌ପି ଏକ ଗଣମାଧ୍ୟମରେ ସୂଚନା ଦେଇଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଏନେଇ ଉକ୍ତ ଏସ୍‌ସିଏସ୍‌ର ସହ ସମ୍ପାଦକ ଗଜିନ୍ଦ୍ର ମାଝିଙ୍କୁ ପଚାରିବାରେ, ସେ ଉତ୍ତର ନ ଦେଇ ବାହାନା ଦେଖାଇ କଥାକୁ ଟାଳି ଫୋନ କାଟି ଦେଇଥିଲେ। ଏନେଇ ବୌଦ୍ଧ ସହକାରୀ ନିବନ୍ଧକ ସେବା ସମବାୟ ସମୂହ ଫକିର ମୋହନ ବାଗଙ୍କୁ ପଚାରିବାରେ ସମ୍ପାଦକ ସ୍ୱାସ୍ଥ୍ୟ ଜନିତ କାରଣରୁ ଛୁଟି ନେଇଥିବା କହିଥିଲେ। ତାହା ମିଥ୍ୟା ବୋଲି ଜାଣିବାକୁ ପାଇବା ପରେ ଏସ୍‌ସିଏସ୍‌ର ସଭାପତିଙ୍କୁ ସେନେଇ ୩ ଟି ଚିଠି ଦେଇଥିବା ସେ କହିଛନ୍ତି। ସମ୍ପାଦକ ପଣ୍ଡା ଜବଲପୁରରେ ଗଞ୍ଜେଇ ମାମଲାରେ ଗିରଫ ହୋଇଥିବାର ଭାଇରଲ ଖବର ସେ ରବିବାର ଦେଖିଥିବା କହିବା ସହ ଏହାର ତଦନ୍ତ ଚଳାଇଥିବା କହିଛନ୍ତି। ଖବର ସତ୍ୟ ଥିଲେ ସମ୍ପାଦକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଶୋଚନୀୟ ଘାଟକଇଁନ୍ତରା ପୋଲ ରାସ୍ତା



ତରଭା,୨୪।୮ (ସମିସ): ୫୭ ନମ୍ବର ଜାତୀୟ ରାଜପଥ ବଲାଙ୍ଗୀରରୁ ୨୪ କିମି ଦୂର ଘାଟକଇଁନ୍ତରା ପୋଲ ନିକଟରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାରେ ବଡ଼ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇ ଗମନାଗମନରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଦୀର୍ଘ ବର୍ଷ ଧରି ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବେଳେ ମରାମତି ପାଇଁ ବିଭିନ୍ନ ସମୟରେ ଦାବି ହେଉଥିଲେ ହେଁ ଏନଏଚ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହୋଇଛି। ରାସ୍ତାର ଅବସ୍ଥା ଯୋଗୁଁ ଗମନାଗମନ ସମୟରେ ଲୋକେ ହଇରାଣ ହେଉଛନ୍ତି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାଦେଇ ପ୍ରତିଦିନ ନେତା, ମନ୍ତ୍ରୀ ,ଯନ୍ତ୍ରୀ ଯିବା ଆସିବା କରୁଥିଲେ ହେଁ କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ଟୋଲ ଅସୁଲ କରୁଛ, ହେଲେ ରାସ୍ତାର ଅବସ୍ଥା କାହିଁକି ଏଭଳି କରିଛ ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ।

# ପହଣ୍ତି ବିଦ୍ୟାଳୟ ସମ୍ମୁଖରେ ଆଣ୍ଠୁଏ କାଦୁଅ



ଡୁଙ୍ଗୁରିପାଲି,୨୪।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ପହଣ୍ତି ବିଦ୍ୟାଳୟର ସମ୍ମୁଖରେ ଯାଇଥିବା ମୁଖ୍ୟ ରାସ୍ତାରେ ଖାଲ ନାଳ ସହ ଆଣ୍ଠୁଏ ପାଣି ଓ କାଦୁଅରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଯାହାଫଳରେ ବିଦ୍ୟାଳୟକୁ ଯାତାୟାତ କରିବାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ହିନସ୍ଥା ହେଉଛନ୍ତି। କିଛି ପିଲା ଖାଲରେ ପଡି ପାଠ ନପଢି ଘରକୁ ଫେରିଯାଉଥିବା ଦେଖିବାକୁ ମିଳିଛି। ବର୍ଷା ହେଲେ ପାଣି ଜମା ହୋଇ ପିଲାମାନେ ପଡ଼ି ଆହତ ହେବା ଏଠାରେ ନିତିଦିନିଆ ଘଟଣା ହୋଇଛି। ଦୂଷିତ ପାଣିରେ ପ୍ରତିଦିନ ଯିବା ଆସିବା ଯୋଗୁଁ ସ୍ୱାସ୍ଥ୍ୟ ଜଟିଳତା ସହ ସଂକ୍ରାମକ ରୋଗ ବଢ଼ିବାର ଯଥେଷ୍ଟ ଆଶଙ୍କା ସୃଷ୍ଟି କରୁଛି। ପ୍ରଶାସନଙ୍କୁ ବାରମ୍ବାର ଅବଗତ କରାଇଲେ ମଧ୍ୟ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉ ନଥିବା ଗ୍ରାମବାସୀ ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଶୀଘ୍ର ପାଣି ନିଷ୍କାଷଣ ବ୍ୟବସ୍ଥା କରି ରାସ୍ତାକୁ ଉଚ୍ଚ କରିବା ସହ ମରାମତି କାର୍ଯ୍ୟ କରି ସ୍ଥାୟୀ ସମାଧାନ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଜନ ସାଧାରଣ ଦାବି କରିଛନ୍ତି।

# ଯାନବାହନ ପାଇଁ ବିପଦ ସୃଷ୍ଟି କରୁଛି ହମ୍ପ୍ସ



ତରଭା,୨୪।୮ (ସମିସ): ଦୁର୍ଘଟଣାରୁ ରକ୍ଷା ପାଇଁ ରାସ୍ତା ଉପରେ ହମ୍ପସମାନ ତିଆରି କରାଯାଉଛି। ହେଲେ ଏଥିପାଇଁ ଥିବା ଗାଇଡ୍‌ଲାଇନକୁ ଅନୁସରଣ କରାଯାଉ ନଥିବାରୁ ଉକ୍ତ ହମ୍ପସଗୁଡିକ ଏବେ ଯାତାୟାତ କରୁଥିବା ଯାନବାହାନ ପାଇଁ ବିପଦ ସୃଷ୍ଟି କରୁଛି। ରାସ୍ତାରେ ହମ୍ପସ ନିର୍ମାଣ ପୂର୍ବରୁ ସ୍ଥାନୀୟ ଜିଲ୍ଲାପାଳଙ୍କ ଠାରୁ ଅନୁମତି ଆଣିବା ଜରୁରୀ ଥିଲେ ହେଁ ଅନେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ସ୍ଥାନୀୟ ବାସିନ୍ଦା ନିଜ ଇଚ୍ଛାରେ ରାସ୍ତା ଉପରେ ବଡ଼ ବଡ଼ ହମ୍ପସ ତିଆରି କରିଦେଉଛନ୍ତି। ଫଳରେ ଗମନାଗମନ ସମୟରେ ଖୁବ୍ ଅସୁବିଧା ହେଉଛି। ହମ୍ପ୍ସ ନିର୍ମାଣ କିଭଳି ହେବାକଥା ତାହା ଗାଇଡ଼ ଲାଇନରେ ସ୍ପଷ୍ଟ ହୋଇଥିଲେ ହେଁ ହମ୍ପ୍ସ ନାମରେ କଂକ୍ରିଟର ହିଡ ନିର୍ମାଣ କରି ଦିଆଯାଉଥିବା ସ୍ଥାନୀୟବାସୀନ୍ଦା ଅଭିଯୋଗ କରିଛନ୍ତି। ତରଭା ଥାନା ଅନ୍ତର୍ଗତ ଖାରିରୁ ନାଇକେନ ପାଲି ପର୍ଯ୍ୟନ୍ତ ଯାଇଥିବା ପିଡବ୍ଲ୍ୟୁଡି ରାସ୍ତାର ଖାରି ଓ ବଲାଡି ଗ୍ରାମରେ ଏଭଳି ହମ୍ପସ ଦେଖିବାକୁ ମିଳିଛି। ଖାରି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ତିନୋଟି ଏଭଳି ହମ୍ପସ ରହିଛି। ଏହା ବ୍ୟତିତ ବଲାଡି ହନୁମାନ ମନ୍ଦିର ସମ୍ମୁଖରେ ଥିବା ଦୁଇଟି ହମ୍ପସ ନିର୍ମାଣ ହୋଇଛି। ବାଇକ ହେଉ କି ଚାରି ଚକିଆ ଯାନ ଏହି ହମ୍ପସକୁ ପାର ହେବାବେଳେ ବିପଦର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ବାଇକ ଆରୋହୀଙ୍କ ପାଇଁ ଏହି ହମ୍ପସ ଗୁଡିକ ମୃତ୍ୟୁଯନ୍ତା ହୋଇଛି। ଏନେଇ ବିଭାଗୀୟ ଏସି ବିଜନ କୁମାର ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଲୋକେ ମନଇଚ୍ଛା ହମ୍ପସ ନିର୍ମାଣ କରିଦେଉଥିବା କଥାକୁ ସ୍ୱୀକାର କରିବା ସହ ଖାରି ଓ ବଲାଡିରେ ଥିବା ହମ୍ପସର ପ୍ରତିକାର କରାଯିବ ବୋଲି କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ଶଗଡା,୨୪।୮ (ସମିସ) : ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ୫୭ ନମ୍ବର ଜାତୀୟ ରାଜପଥର ଦହ୍ୟା ନିକଟରେ ରବିବାର ଏକ ବାଇକ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ସୂଚନା ଖୁଣ୍ଟକୁ ଧକ୍କା ଦେଇଥିଲା। ବାଇକରେ ବସିଥିବା ଦୁଇ ଜଣ ରାସ୍ତା କଡରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୋନପୁର ଡାକ୍ତରଖାନାକୁ ପଠାଇଥିଲେ। ଗୁରୁତର ଆହତ ଦୁଇ ଜଣ ପଲସାଗୋରା ଅଞ୍ଚଳର ବୋଲି ଜଣାପଡିଛି।

## ଦେଶୀ ମଦ ଜବତ

ଶଗଡା,୨୪।୮ (ସମିସ): ଘଣ୍ଟାପଡ଼ା ଥାନା ଉଡେର ଗ୍ରାମ ରାସ୍ତା କଡରୁ ବେଆଇନ ଭାବେ ବିକ୍ରି ହେଉଥିବା ଦେଶୀ ମଦକୁ ଘଣ୍ଟପଡା ପୁଲିସ ଜବତ କରିଛି। ଉଡେର ରାସ୍ତା କଡରେ ଦେଶୀ ମଦ ବିକ୍ରି ହେଉଥିବା ନେଇ ଖବର ପାଇ ଏକ ଟିମ ଚଢ଼ଉ କରି ଜୈନିକ ବ୍ୟକ୍ତି ନିକଟରୁ ୪୬ ଗୋଟି ଦେଶୀ ମଦ ପାଉଚ ଜବତ କରିଥିଲେ। ଘଣ୍ଟାପଡା ଥାନାରେ ଏନେଇ ଏକ ମାମଲା(୧୨୩/୨୫) ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ତୁଳସୀପୁର ଶିବ ମନ୍ଦିରରୁ ଚୋରି

ବୌଦ୍ଧ,୨୪।୮ (ସମିସ): ବୌଦ୍ଧ ବ୍ଲକ୍ ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ଶିବ ମନ୍ଦିରର ତାଲା ଭାଙ୍ଗି ଚୋରି ହୋଇଥିବା ରବିବାର ଜହ୍ନାପଙ୍କ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଫାଣ୍ଡି ପୁଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ଫେରିଛି। ମିଳିଥିବା ସୂଚନାନୁଯାୟୀ, ଶନିବାର ବିଳମ୍ବିତ ରାତିରେ ବୌଦ୍ଧ ଥାନା ତୁଳସୀପୁର ଗ୍ରାମର ଶିବ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଏକ ମାଇକ୍ ସେଟ୍ ଓ ଦାନ ବାକ୍ସ ଚୋରୀ କରି ନେଇଛନ୍ତି। ସକାଳୁ ଏନେଇ ଜଣାପଡିବା ପରେ ସ୍ଥାନୀୟ ଲୋକେ ଜହ୍ନାପଙ୍କ ଫାଣ୍ଡି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଡମ୍ବୁରୁଗଡ ଜଙ୍ଗଲରେ ୮ ଟିକିଆ ହାତୀ ପଲ

ବୌଦ୍ଧ,୨୪।୮ (ସମିସ): ରବିବାର ସନ୍ଧ୍ୟା ୫ଟା ସମୟରେ ବୌଦ୍ଧ ରେଞ୍ଜ ବହିରା ସେକସନ ଅନ୍ତର୍ଗତ ଡମ୍ବୁରୁଗଡ ଜଙ୍ଗଲରେ ଆସି ରହିଥିବା ୮ ଟିକିଆ ହାତୀ ପଲକୁ ଘୌଡାଇବା ପାଇଁ ବନ ବିଭାଗ ଉଦ୍ୟମ ଆରମ୍ଭ କରିଛି। ମିଳିଥିବା ସୂଚନାନୁଯାୟୀ, ଉକ୍ତ ହାତୀପଲ ଆଠ ମଲ୍ଲିକ ବନାଞ୍ଚଳ ଅଞ୍ଚଳରୁ ଆସି ମହାନଦୀ ପାର ହୋଇ ଆଜି ସକାଳେ ଡମ୍ବୁରୁଗଡ ବିଟକୁ ଚାଲି ଆସିଥିଲେ। ବନ ବିଭାଗ ଜାଣିବା ପରେ ଭାରପ୍ରାପ୍ତ ସଦର ରେଞ୍ଜ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକ ଅର୍ଚ୍ଚନା ଗମାଙ୍ଗୋ, ବନ ପାଳ ପ୍ରସନ୍ନ କୁମାର ପ୍ରଧାନ, ବହିରା ସେକ୍ସନ ବନପାଳ ଅନୁପମା ପାଣିଗ୍ରାହୀ, ବନରକ୍ଷୀ ପ୍ରଦୀପ କୁମାର ସାହୁ ଓ ସ୍କ୍ୱାର୍ଡ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ହାତୀମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଆଜି ସନ୍ଧ୍ୟାରେ ହାତୀ ପଲକୁ ଘଉଡାଇବାକୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ହାତୀ ପଲ ଡମ୍ବୁରୁ ଗଡ ନିକଟରେ ଥିବା ପାର୍କ ପାଖରେ ରହିଥିବା ଦେଖିବାକୁ ମିଳିଛି। ଉକ୍ତ ହାତୀ ପଲ ଗତ ମାସରେ ମହାନଦୀ ପାର ହୋଇ ବୌଦ୍ଧ ସହର ମର୍ଜାକୁଦ ଅଞ୍ଚଳକୁ ଚାଲି ଆସିଥିଲେ ଓ ବନ ବିଭାଗ ଆଠମଲ୍ଲିକ ଅଞ୍ଚଳକୁ ଘଉଡାଇ ଦେଇଥିଲା।



# ସଭାପତି ଚୟନ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ



ବିନିକା,୨୪।୮ (ସମିସ): ବିନିକା ସ୍ଥିତ ଚନ୍ଦ୍ରମା ସଭା ଗୃହରେ ରବିବାର କଂଗ୍ରେସ ତରଫରୁ ସଭାପତି ଚୟନ ପ୍ରକ୍ରିୟା ନେଇ ଏକ କର୍ମୀ ସମ୍ମିଳନୀ ଯୁବନେତା ପ୍ରଦୀପ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା ସୁବର୍ଣ୍ଣପୁର ଜିଲ୍ଲା ପ୍ରଭାରୀ ଦିଲ୍ଲୀପ ଦୁରିଆ ଯୋଗଦେଇ କଂଗ୍ରେସ ସଂଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ବିନିକା ବ୍ଲକ ଓ ନଗର ପକ୍ଷରୁ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ତୃଣମୂଳସ୍ତରରେ କଂଗ୍ରେସ ଦଳକୁ ମଜବୁତ କରିବା ସାଙ୍ଗକୁ ଅଧିକରୁ ଅଧିକ ଲୋକଙ୍କୁ କିପରି ଦଳରେ ସାମିଲ କରାଯିବ ଏବଂ ଆଗାମୀ ନିର୍ବାଚନମାନଙ୍କରେ କଂଗ୍ରେସ ଦଳ ଯେପରି ସଫଳତା ହାସଲ କରିବ ସେନେଇ କର୍ମୀମାନେ କ÷ହିଥିଲେ। ଉପସ୍ଥିତ କର୍ମୀଙ୍କ ପ୍ରସ୍ତାବ ଅନୁଯାୟୀ ବ୍ଲକ ସଭାପତି ଚୟନ ନିମନ୍ତେ ସାଧାରଣ ବର୍ଗରୁ ନରେନ୍ଦ୍ର ପଣ୍ଡା, ଅନୁସୂଚିତ ବର୍ଗରୁ ରବୀନ୍ଦ୍ର ଭଇନା, ଅନୁସୂଚିତ ଜନଜାତି ବର୍ଗରୁ କୁଶ ଭୋଇ, ପଛୁଆ ବର୍ଗରୁ ହରିହର ଛନ୍ଦ, ମହିଳା ବର୍ଗରୁ ବିନ୍ଦୁନେତ୍ରି ବାଗ ଏବଂ ନଗର ପାଇଁ ସାଧାରଣ ବର୍ଗରୁ ସୁଧାଂଶୁ ପଣ୍ଡା, ଅଜିତ ଦାଶ, ପଛୁଆ ବର୍ଗରୁ ଉମାକାନ୍ତ ଦୀପ, ଅନୁସୂଚିତ ଜାତି ବର୍ଗରୁ ଗୋବିନ୍ଦା ଝାଙ୍କର, ରାଘବ ଗୁରୁ, ଅନୁସୂଚିତ ଜନଜାତି ବର୍ଗରୁ ଅନିଲ ନାଏକ, ମହିଳା ବର୍ଗରୁ ନିକିତା କର ଆଦିଙ୍କ ନାମ ଚୂଡାନ୍ତ କରାଯାଇ ପିସିସି ତରଫରୁ ଯୋଗଦେଇଥିବା ଶ୍ରୀ ଦୁରିଆଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ତାଲିକା ମଧ୍ୟରୁ କଂଗ୍ରେସ ହାଇକମାଣ୍ଡ ଚୟନ କରି ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରିବେ ବୋଲି ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ପଣ୍ଡା ସୂଚନା ଦେଇଥିଲେ।

# ସର୍ବଶ୍ରୀର 'ଝୁଆର ନୂଆଁଖେଇ' କାର୍ଯ୍ୟକ୍ରମ

ଭବାନୀପାଟଣା,୨୪।୮ (ସମିସ): ଆଖିକୁ ସାକ୍ଷୀ, ହୃଦୟକୁ ସମ୍ବେଦନଶୀଳ ଓ କଳ୍ପନାକୁ ନିବେଦକ ରୂପ ଦେଇ ସାରସ୍ୱତ ସାଧକ ସୃଷ୍ଟି କରନ୍ତି ସାମ୍ୟକ୍ଷେତ୍ର ବୋଲି ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୨୩ସଂଖ୍ୟା ସାରସ୍ୱତ ପର୍ବ 'ଝୁଆର ନୂଆଁଖେଇ' ପାଳନ ଅବସରରେ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ପୌରୋହିତ୍ୟ କରିଥିବାବେଳେ ସାରସ୍ୱତ ସାଧକ ଡ. ନିହାରେନ୍ଦ୍ର ପଣ୍ଡା ଅତିଥି ବକ୍ତା ଭାବେ ମଞ୍ଚାସୀନ ଥିଲେ। ସର୍ବଶ୍ରୀ କଳ୍ପନା ରଥ, ସୁଦେଷ୍ଣା ପଣ୍ଡା, ଆନନ୍ଦିନୀ ପାତ୍ର, ସାଗର ବୈଠାରୁ, ଅନୀତା ମୁଣ୍ଡ, ସଞ୍ଜୀବ କୁମାର ପଣ୍ଡା, ଦୀପ୍ତି ମୁଣ୍ଡ, କିଶୋର ମହାନନ୍ଦ, କାଜଲ ମହାରଣା, ଧର୍ମେନ୍ଦ୍ର ମୁଣ୍ଡ, ପ୍ରତାପ ପଣ୍ଡା, ଆଶୁଧନ ପୁରୋହିତ, ରଚିତା ମେହେର, ବିନା ମୁଣ୍ଡ, କୁମୁଦିନୀ ଘି, ଅନୀଲ ବିଶି ପ୍ରମୁଖ କବିତାବୃତ୍ତି ଓ ଗପପାଠ କରିଥିଲେ। ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ଆସର ପରିଚାଳନା ଓ ସଂଯୋଜନା କରିଥିଲେ।




# ପ୍ରଜାପିତା ବ୍ରହ୍ମା କୁମାରୀ କେନ୍ଦ୍ରରେ ରକ୍ତଦାନ ଶିବିର

ବୌଦ୍ଧ,୨୪।୮ (ସମିସ): ବୌଦ୍ଧ ପ୍ରଜାପିତା ବ୍ରହ୍ମା କୁମାରୀ କେନ୍ଦ୍ରରେ ଆନ୍ତର୍ଜାତୀୟ ଭ୍ରାତୃତ୍ୱ ଦିବସ ତଥା ରାଜଜୋଗୀନି ଦାଦି ପ୍ରକାଶ ମଣିଙ୍କ ୧୮ ତମ ପୁଣ୍ୟ ତିଥିରେ ଏକ ମେଗା ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ସମାଜସେବୀ ଇଂ ସଞ୍ଜୟ କୁମାର ପଣ୍ଡା, ମଙ୍ଗୁତୁରାମ ଅଗ୍ରୱାଲ, ଦେବାଶିଷ ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କେନ୍ଦ୍ର ସଞ୍ଚାଳିକା ମାମିନା ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରୋଜ ଭାଇ ସଂଯୋଜନା କରିଥିଲେ। ବୌଦ୍ଧ ଜିଲ୍ଲା ରକ୍ତ ଭଣ୍ଡାର ଡାକ୍ତର ଓ ଟେକ୍ନିସିଆନ୍‌ମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।



# ଅଭିଯୋଗ ପରେ ବି ସୁଧୁରିଲାନି ସ୍ଥାୟୀ ପ୍ରାଣୀ ନିରୀକ୍ଷକ ସମସ୍ୟା

# ୭ ମାସ ହେଲା ଖୋଲୁନି ପ୍ରାଣୀ ସହାୟକ କେନ୍ଦ୍ର

ବୌଦ୍ଧ,୨୪।୮ (ସମିସ):

ଗୃହ ପାଳିତ ପ୍ରାଣୀମାନଙ୍କ ଚିକିତ୍ସା ସୁବିଧା ପାଇଁ ୧୯୭୦ ମସିହାରେ ଜହ୍ନାପଙ୍କ ନିକଟ ନାରାୟଣନଗର ପ୍ରାଣୀ ସହାୟକ କେନ୍ଦ୍ର ସ୍ଥାପନ କରାଯାଇଥିଲା। ୨୦୨୨ ମସିହା ଜୁନ୍ ପର୍ଯ୍ୟନ୍ତ ସବୁ ଠିକ ଠାକ ଚାଲିଥିଲା। ପ୍ରାଣୀ ନିରୀକ୍ଷକ ସୂର୍ଯ୍ୟକାନ୍ତ ମେହେରଙ୍କ ବଦଳି ପରେ ଏହା ପ୍ରାୟ ବନ୍ଦ ରହୁଛି। ରାଜ୍ୟ ସରକାର ଗୋପାଳନ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଗୋ ସମ୍ପଦ ବୃଦ୍ଧି ପାଇଁ ମାଗଣା ଔଷଧ, ଗୋ ଖାଦ୍ୟ, ଗୁହାଳ ଆଦି ଯୋଗାଇ ଦେଉଛନ୍ତି। ହେଲେ ଆବଶ୍ୟକ ଚିକିତ୍ସା ପାଇଁ ପ୍ରାଣୀ ନିରୀକ୍ଷକ ନିଯୁକ୍ତି ଦେଉନଥିବାରୁ ଗୋପାଳକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଜହ୍ନାପଙ୍କରେ ଥିବା ନାରାୟଣ ନଗର ପ୍ରାଣୀ ସହାୟକ କେନ୍ଦ୍ରରେ। ସୂଚନାଯୋଗ୍ୟ, ଏହି ପ୍ରାଣୀ ସହାୟକ କେନ୍ଦ୍ରରେ ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ, ପଦ୍ମନପୁର, ମୁଣ୍ଡାପଡା, ତେଲିବନ୍ଧ ଆଦି ପଞ୍ଚାୟତର ଗୋପାଳକମାନେ ନିର୍ଭର କରନ୍ତି। ଗତ ଜାନୁଆରୀ ମାସରୁ ଏଠାରେ ପ୍ରାଣୀ ନିରୀକ୍ଷକ ନଥିବାରୁ ମୁଣ୍ଡାପଡା ଦାୟିତ୍ୱରେ ଥିବା ପ୍ରାଣୀ ନିରୀକ୍ଷକଙ୍କୁ ଏହି କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ହେଲେ ମୁଣ୍ଡାପଡା ପଞ୍ଚାୟତର ପରିସର ବିସ୍ତିର୍ଣ୍ଣ ହୋଇଥିବାରୁ ସେ ଜହ୍ନାପଙ୍କ କେନ୍ଦ୍ରକୁ ସମୟ ଦେଇ ପାରୁନଥିବାରୁ ବିଭିନ୍ନ ସମୟରେ ଗୋପାଳକମାନେ ଗାଇ, ବଳଦ,



ବାଛୁରୀ, ମେଣ୍ଢା ଓ ଛେଳି ଆଣି ଅପେକ୍ଷା କରି ଶେଷରେ ଘରକୁ ଯାଇ ଘରୋଇ ଚିକିତ୍ସା କରି ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି ଜହ୍ନାପଙ୍କ, ବାଘପାଲି, ଚନ୍ଦ୍ରପୁର, ଜଗତି, ଗୁଡିଆଲି, କୁମୁର ସିଙ୍ଗା, କୁସୁମଝୁଲି, ପଦ୍ମନପୁର, ବୁଢ଼ୀପଦର, ପୋଡ଼ବଳସ ଆଦି ଗ୍ରାମର ଗୋପାଳମାନେ ଗତ ଜୁଲାଇ ୭ ତାରିଖରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ତତ୍କାଳ ଏହାର ସମାଧାନ କରିବାକୁ ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରାମରାଓ ପାଲୋ ତୁରନ୍ତ ଏହାର ସମାଧାନ କରାଯିବ ବୋଲି କହିଥିଲେ। ତେବେ ତୁରନ୍ତ ଏହାର ସମାଧାନ ନହେଲେ ପ୍ରାଣୀ ପାଳକମାନେ ପ୍ରାଣୀ ସହାୟକ କେନ୍ଦ୍ରରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

# ପ୍ରଧାନ ଶିକ୍ଷକ କୁଶ ନନ୍ଦଙ୍କ ପରଲୋକ



ଡୁଙ୍ଗୁରିପାଲି,୨୪।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ୍ ମାଝିମୁଣ୍ଡା ଗ୍ରାମର ଶିକ୍ଷକ କୁଶ ନନ୍ଦ (୫୭)ଙ୍କ ପରଲୋକ ହୋଇଯାଇଛି। ସର୍ଗୁଲ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ସେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ମୃତ୍ୟୁ ସମୟରେ ତାଙ୍କର ସ୍ତ୍ରୀ ସତ୍ୟବତୀ ନନ୍ଦ, ଝିଅ ପ୍ରତିଭା ନନ୍ଦ ଓ ଭବାନୀ ନନ୍ଦ, ପୁଅ ଖୁଶିରାମ ନନ୍ଦ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ତାଙ୍କ ପୁଅ ଖୁଶିରାମ ନନ୍ଦ ମୁଖାଗ୍ନି ଦେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ବହୁଜନ ସମାଜ ପାର୍ଟିର ସଭାପତି ଧୀମାନ ସରୋଜ କୁମାର ତାଣ୍ଡି ଓ ବ୍ଲକ୍ ପ୍ରଭାରୀ ରାଜକିଶୋର ତାଣ୍ଡି (ରାଜୁ) ଡୁଙ୍ଗୁରିପାଲି ବ୍ଲକ୍ ଲକ୍ଷେ ଘର ଗଣ୍ଡା ସମାଜର କାର୍ଯ୍ୟକାରୀ ସଭାପତି ଧୀମାନ କୃଷ୍ଣଚନ୍ଦ୍ର ବାଗ, ଡୁଙ୍ଗୁରିପାଲି ବ୍ଲକ୍‌ର ବହୁଜନ ସମାଜ ପାର୍ଟିର କୋଡିନେଟର, ଭାଗ୍ୟ କୁମ୍ଭାର ଶୋକ ସନ୍ତପ୍ତ ପରିବା ଭେଟି ସମବେଦନା ଜଣାଇଛନ୍ତି।

# ବୌଦ୍ଧ ଥାନ ପକ୍ଷରୁ ସାଇକଲ ଶୋଭାଯାତ୍ରା

ବୌଦ୍ଧ,୨୪।୮ (ସମିସ): ରବିବାର ସକାଳ ୭ଟା ୩୦ ମିନିଟରେ ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ବୌଦ୍ଧ ସହରରେ ଏକ ସଚେତନତା ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପୁଲିସ ଅଧିକାରୀ ଲରେନ୍ ରାଉତରାୟ ଓ ଆଇଆଇସି ରଂଜିତ ମୁନୀଙ୍କ ନେତୃତ୍ୱରେ ବୌଦ୍ଧ ଥାନାରେ କାର୍ଯ୍ୟରତ ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ବୌଦ୍ଧ ଥାନାରୁ ବାହାରି ସାଇକେଲ ଚାଳନା କରି ସହର ପରିକ୍ରମା କରିଥିଲେ। ନିଜ ସ୍ୱାସ୍ଥ୍ୟକୁ ଫିଟ ରଖିବା ପାଇଁ ସାଇକେଲ ଚାଳନା ପାଇଁ ଜନସାଧାରଣଙ୍କୁ ବାର୍ତ୍ତା ପ୍ରଦାନ କରାଯାଇଥିବା ଆଇଆଇସି ଶ୍ରୀ ମୁନି ସୂଚନା ଦେଇଛନ୍ତି।







ଉତ୍ତର ଓଡ଼ିଶାରେ ବର୍ଷା ବିପ୍ଳବ: କୂଳ ଲଙ୍ଘିଲା ସୁବର୍ଣ୍ଣରେଖା-ବୁଢ଼ାବଳଙ୍ଗ-ବୈତରଣୀ

# ସୁବର୍ଣ୍ଣରେଖାରେ ଷଷ୍ଠ ବନ୍ୟା

## ଉତ୍ତର ବାଲେଶ୍ୱରର ୮୦ ଗାଁରେ ପଶିଲା ପାଣି

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୨୪।୮(ସମିସ): ଚଳିତବର୍ଷ ସୁବର୍ଣ୍ଣରେଖାରେ ଷଷ୍ଠଥର ବନ୍ୟା ଆସିଛି। ଆଜି ସଂଧ୍ୟା ସୁଦ୍ଧା ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକର ପ୍ରାୟ ୮୦ରୁ ଅଧିକ ଗାଁରେ ବନ୍ୟା ପାଣି ପ୍ରବେଶ କରି ସାରିଥିବା ବେଳେ ଧୀରେଧୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ଅପରପକ୍ଷେ, ଏହି ବନ୍ୟା ଯୋଗୁଁ ହେକ୍ଟର ହେକ୍ଟର୍ ଜମିରେ ହୋଇଥିବା ଧାନ ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ଉପରମୁଣ୍ଡରେ ଲଗାଣ ବର୍ଷା ସାଙ୍ଗକୁ ଝାଡ଼ଖଣ୍ଡ ଗାଲୁଡ଼ିହି ଜଳଭଣ୍ଡାର ଗତକାଲିଠାରୁ ୧୩ଟି ଗେଟ୍ ଖୋଲା ରଖିଛି। ଏଥିଯୋଗୁଁ ଘଣ୍ଟାକୁ ୫୧୬୯.୦୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବାରୁ ସୁବର୍ଣ୍ଣରେଖା କୂଳ ଲଙ୍ଘିବାରେ ଲାଗିଛି। ରାଜଘାଟଠାରେ ଆଜି ଏହା ବିପଦ ସଂକେତ (୧୦.୩୬ ମିଟର) ଉପରେ ପ୍ରବାହିତ ହେଉଛି। ମିଳିଥିବା ସୂଚନାନୁଯାୟୀ, ସଂଧ୍ୟା ପ୍ରାୟ ୭ଟା ସୁଦ୍ଧା ଜଳସ୍ତର ୧୧.୨୦ ମିଟର ଉପରେ ପ୍ରବାହିତ ହେଉଛି। ଫଳରେ ଉତ୍ତରବାଲେଶ୍ୱରର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ବ୍ଲକର ୮୦ରୁ ଅଧିକ ଗ୍ରାମ ସହ ବସ୍ତା ବ୍ଲକର କେତେକ ଗ୍ରାମରେ ବନ୍ୟା ପାଣି ପ୍ରବେଶ କରିଛି।

ଆଜି ଅପରାହ୍ଣ ସୁଦ୍ଧା ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ରସଲପୁର, ବିଷ୍ଣୁପୁର, ବାଲିଆପାଳ ପଞ୍ଚାୟତର କୁଦମାନସିଂ, ଜାମକୁଣ୍ଡା ପଞ୍ଚାୟତର ନଖପାଳ, କୁହ୍ଲାଚଡ, ତାଳପଦା, ପାଳଜାମକୁଣ୍ଡା, ମଧୁପୁରା ପଞ୍ଚାୟତର ଚଡ଼ବସ୍ତି, କାଳରୁହି, ପଞ୍ଚୁରୁଖୀ, ମଧୁପୁରା, ଚୌଧୁରୀକୁଦ, ନିଖିରା ପଞ୍ଚାୟତର ପାଳବେଗୁନିଆ, କୁମ୍ଭାରୀ ପଞ୍ଚାୟତର ଗୁଆପଡା ଇତ୍ୟାଦି ଗାଁରେ ବନ୍ୟାଜଳ ପ୍ରବେଶ କରିଥିଲା ବେଳେ ଜଳେଶ୍ୱର ବ୍ଲକ୍‌ର ରାୟ ରାମଚନ୍ଦ୍ରପୁର, ପଶ୍ଚିମବାର୍ଡ, ଝାଡ଼ପିପଳ, ପାଇକସିଦା, ଗଡ଼ସାହି ବାଲିଆପାଳ, ତୋଟାପଡ଼ା ଇତ୍ୟାଦି ଗାଁରେ ବନ୍ୟାଜଳ ପ୍ରବେଶ କରିଛି।

ଭୋଗରାଇ ବ୍ଲକ୍‌ର ଆରୁହାବୃତି-୧ ପଞ୍ଚାୟତର ମନୁନଗର, ନଥିପୁର, ଆରୁହାବୃତ୍ତି, ବାରବାଟିଆ, ହରିଣକୁଲି, ଖରିଦପିପଳ ପଞ୍ଚାୟତର ଆରୁହାବୃତ୍ତି-୨, ଖରିଦପିପଳ, ଦହମୁଣ୍ଡା, ନାଚିନ୍ଦା ପଞ୍ଚାୟତର ମହମ୍ମଦପୁର, ଜଳଧା, ବାଗ, ଖରିଦଚକ, ରଘୁଚକ, ନିଶ୍ଚିନ୍ତଡିହା, ନାଚିନ୍ଦା, ଡେଉଁର, କୁସୁଡ଼ା ପଞ୍ଚାୟତର ଗୁଜଡିହା, କୁସୁଡ଼ା, ଚକ ଗୁଜଡିହା, ଗବଗାଁ ପଞ୍ଚାୟତର ଚିରକୁଲା, ଗବଗାଁ, କୃଷ୍ଣପୁର, ଦୋବାଡ଼ିଆ, କୁମ୍ଭୀରଗଡ଼ି ପଞ୍ଚାୟତର ବାଉଁସଖଣା, କୁହ୍ଲା, ଅଡ଼ଙ୍ଗପନ୍ତେଇ, କୁମ୍ଭୀରଗଡ଼ି, ଜୟରାମପୁର ପଞ୍ଚାୟତର ଖଡ଼ିକାବାଡ଼ି, ଠାକୁର ଭଉଁରୀ, କାଠକଟା, ନାନକାର ଇତ୍ୟାଦି ଗାଁ ସହ ପୁଟିଣା, ଦାରୁହା, କଟୁଆଡ଼ି,କୁଳିଦା, ମହାଗବ ଇତ୍ୟାଦି ପଞ୍ଚାୟତର ବହୁ ଗାଁ ଏବେ ଜଳବନ୍ଦୀ ହୋଇଛି। ଆସନ୍ତା କାଲି ଆହୁରି ଅନେକ ଗାଁ ଜଳମଗ୍ନ ହେବ ବୋଲି ଆଶଙ୍କା କରାଯାଉଛି।

ଏହାକୁ ମିଶାଇ ଗତ ଜୁଲାଇରୁ ଏଯାବତ୍ ୬ଥର ବନ୍ୟା ଆସିବା ଫଳରେ ଏହି ସବୁ ଅଞ୍ଚଳର ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ବଢ଼ିଯାଇଛି। ପୂର୍ବ ବନ୍ୟାରେ ଜମିରେ ଧାନ ତଳି ପଚି ନଷ୍ଟ ହୋଇଥିବା ବେଳେ ଚାଷୀମାନେ ଅନ୍ୟ ସ୍ଥାନରୁ ବଳକା ଧାନ ତଳି କିଣି ଆଣି ନିଜ ଜମିରେ ଧାନ ରୋଇଥିବା ବେଳେ ପୁଣି ଏହି ବନ୍ୟା ଚାଷୀକୁଳଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି।

ଅନ୍ୟପକ୍ଷରେ ବନ୍ୟା ମୁକାବିଲା ପାଇଁ ପ୍ରଶାସନ ତତ୍ପର ହୋଇଛି। ସୁବର୍ଣ୍ଣରେଖାର ଉଭୟ ପାର୍ଶ୍ୱରେ ଥିବା ଦୁର୍ବଳ ନଦୀବନ୍ଧରେ ବାଲିବସ୍ତା ପକାଇ ଜଗିବାକୁ ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଲିକ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମଥ କୁମାର ଦେ, ଡାକ୍ତରସିଂ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଳ ସହ ସେଚ କର୍ମଚାରୀ ନଦୀ ବନ୍ଧରେ ୨୪ଘଣ୍ଟିଆ ପହରା ଦେଉଥିବାର ସୂଚନା ମିଳିଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଭିସି ମାଧ୍ୟମରେ ତହସିଲଦାର, ବିଡିଓ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଜରୁରୀ ସମୀକ୍ଷା ବୈଠକ କରିଛନ୍ତି। ବର୍ତ୍ତମାନ ୨୨ଟି ଏସଆରସି ବୋଟ ନିୟୋଜିତ ହୋଇଥିବା ବେଳେ ଦୁଇଟି ଓଡ୍ରାଫ ଦଳ ମଧ୍ୟ ନିୟୋଜିତ ହୋଇଛନ୍ତି। ଏଥିସହ ଜିଲ୍ଲା ପ୍ରଶାସନ ବନ୍ୟା ମୁକାବିଲା ନିମନ୍ତେ ସଜାଗ ରହିବା ସହ ଉଦ୍ଧାର ପାଇଁ ଦେଶୀ ଡଙ୍ଗା, ଏନଡିଆରଏଫ ଓ ଅଗ୍ନିଶମ ବିଭାଗକୁ ନିୟୋଜିତ କରାଯାଇଛି।

### ଫୁଲୁଛି ବୁଢ଼ାବଳଙ୍ଗ

ବାଲେଶ୍ୱର, ୨୪।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାରେ ପ୍ରବାହିତ ଅନ୍ୟତମ ନଦୀ ବୁଢ଼ାବଳଙ୍ଗର ଜଳସ୍ତର କ୍ରମଶଃ ବୃଦ୍ଧି ପାଉଛି। ଉପରମୁଣ୍ଡରୁ ଆଜି ରାତି ସୁଦ୍ଧା ପାଣି ବଢ଼ିଲେ ନଦୀରେ ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସ୍ଥିତି ହେଲେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଖାପାଖି ୧୦ହଜାର ଲୋକେ ପ୍ରଭାବିତ ହେବାର ଆଶଙ୍କା ମଧ୍ୟ ରହିଛି। ଗତ ଶନିବାର ଜିଲ୍ଲାରେ ୨୮.୫୮ ପ୍ରତିଶତ ହାରରେ ମୋଟ ୩୩୯ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ରବିବାର ୧୪.୧୭ ପ୍ରତିଶତ ହାରରେ ମୋଟ ୧୭୦ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ବୁଢ଼ାବଳଙ୍ଗ ନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଉଥିବା ବେଳେ ରାତିରେ ବର୍ଷା ହେଲେ ଅଧିକ ଜଳସ୍ତର ବୃଦ୍ଧି ହେବାର ସମ୍ଭାବନା ରହିଛି। ସଦର ବିଡିଓ ଉତ୍ତମ ଜେନା କହିଛନ୍ତି ଯେ ବୁଢ଼ାବଳଙ୍ଗର ଜଳସ୍ତର ବୃଦ୍ଧି ପାଉଥିଲେ ହେଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା କମ୍ ରହିଛି। ବନ୍ୟା ହେଲେ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି। ଆବଶ୍ୟକସ୍ଥଳେ ଲୋକମାନଙ୍କୁ ସ୍ଥାନାନ୍ତର ମଧ୍ୟ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଶୁଖିଲା ଖାଦ୍ୟ ସାଙ୍ଗକୁ ବାତ୍ୟା ଆଶ୍ରୟସ୍ଥଳ ସହ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ବୋଟ୍‌ଠାରୁ ଆରମ୍ଭ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

# ଅବିଶ୍ରାନ୍ତ ବର୍ଷା; କେନ୍ଦୁଝରରେ ସ୍ଥିତି ବେହାଲ

## ମାଟିରେ ମିଶିଲା ୧୬ ଘର



ତୁରୁମୁଙ୍ଗା, ୨୪।୮(ସମିସ): ଲଗାଣ ବର୍ଷା ଯୋଗୁଁ କେନ୍ଦୁଝରରେ ସ୍ଥିତି ବେହାଲ ହୋଇପଡ଼ିଛି। ଶନିବାର ରାତିସାରା ବର୍ଷା ଯୋଗୁଁ ପାଟଣା ବ୍ଲକ ଅଞ୍ଚଳର ଦେଇ ବୋହି ଯାଇଥିବା ନଦୀନାଳର ଜଳସ୍ରୋତ ବୃଦ୍ଧି ପାଇବାରେ ଲାଗିଛି। ରବିବାର ସକାଳୁ ଚିନାମାଳିପଶି ପଞ୍ଚାୟତ ନୂଆପଡ଼ା ସୀତାନାଳର ରାସ୍ତା ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ଯୋଗୁଁ ଉକ୍ତ ରାସ୍ତାରେ ଗାଡି ମୋଟର ଚଳାଚଳରେ ବ୍ୟାହତ ସୃଷ୍ଟି ହେବା ସହ ଢେଙ୍କିକୋଟରୁ ଭୀମକୁଣ୍ଡ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ସାହାରପଡା ବ୍ଲକ କୁମୁଳାବାହାଳିର ତେଲ ନଦୀ ପୋଲ ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇଯାଇଛି।

ଅନ୍ୟପଟେ, ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳରେ ୧୬ଟି ଘର ଭାଙ୍ଗିଥିବା ଜଣାପଡ଼ିଛି। ଟାଙ୍ଗରପଡା ଆରଆଇ ସର୍କଲର ଗାଳଫୁଲା ଗ୍ରାମର ରତ୍ନାମଣି ନାଏକ, କୀର୍ତ୍ତନ ନାଏକ ଏବଂ ଯାତ୍ରୀ ନାଏକଙ୍କ ଘର ଭାଙ୍ଗିବା ସହ ତୁରୁମୁଙ୍ଗା ଆରଆଇ ସର୍କଲ ବୁଢ଼ୀକାପୁଡି ଗ୍ରାମର ଯମୁନା ନାଏକ, ନୀଳମଣି ମହାନ୍ତଙ୍କ ଘର ଭାଙ୍ଗିଛି। ଡୁମୁରିଆ ଆରଆଇ ସର୍କଲର ଚିନାମାଳିପଶି ଗ୍ରାମର ସୀତା ନାଏକ, ନୂଆପଡା ଗ୍ରାମର ସହଦେବ ଟୁଡୁ, ମଥୁରା ମାଝୀ, କେକେୟୀ ନାଏକଙ୍କ ଘର ଭାଙ୍ଗିବା ସହ ବଡ଼ପାଟଣା ପଞ୍ଚାୟତ ସ୍ୱାମନାଏକ ସାହିର ଶ୍ରୀକାନ୍ତ ନାଏକଙ୍କ ରୋଷେଇ ଘର ସଂପୂର୍ଣ୍ଣ ଭାଙ୍ଗିଯାଇଛି। ସୁଶୀଲ ନାଏକଙ୍କ ଘର କାନ୍ଥ ଭାଙ୍ଗି ଯାଇଥିବା ବେଳେ ରାହାସନାଏକଙ୍କ ଗୁହାଳଘରକାନ୍ଥ ଭାଙ୍ଗିଯାଇଛି। ସେହିପରି ସାହାରପଡା ବ୍ଲକ ତେଣ୍ଡରା ଆରଆଇ ସର୍କଲରେ ୫ଟି ଘର ଭାଙ୍ଗିଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବୈତରଣୀରେ ଆସିପାରେ ବଡ଼ ବନ୍ୟା

ଆନନ୍ଦପୁର, ୨୪।୮(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇ ଚଳିତ ବର୍ଷ ତୃତୀୟଥର ପାଇଁ ବନ୍ୟା ସୃଷ୍ଟି କରିଛି। ରବିବାର ରାତି ୮ଟା ସୁଦ୍ଧା ବିପଦସଂକେତ ଅତିକ୍ରମ କରି ୩୮.୭୬୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ନଦୀକୂଳ ଗ୍ରାମବାସୀଙ୍କ ପ୍ରତି ବିପଦ ଥିବାରୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ବନ୍ୟାଞ୍ଚଳ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କୁ ମୁତୟନ କରିଛନ୍ତି। ହେଲେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଥିବା ବୋଟ ଅଚଳ ହୋଇପଡ଼ିଛି।



ବ୍ୟରେଜର ୮ଟି ଗେଟ୍ ଖୋଲାଯିବା ପରେ ବୈତରଣୀ ନଦୀରେ ଜଳପତନ ବୃଦ୍ଧି ପାଇଛି। ୪ ଦିନ ମଧ୍ୟରେ ଆନନ୍ଦପୁର ଚମ୍ପୁଆ ସ୍ୱାମପାଟଣା ରେମାଳ ଠାକୁରମୁଣ୍ଡାରେ ଲଗାଣ ବର୍ଷା ହୋଇଥିବା ରେକର୍ଡ ହୋଇଛି। ଆନନ୍ଦପୁରଠାରେ ବୈତରଣୀ ନଦୀର ବିପଦସଂକେତ ୩୭.୩୬୦ ମିଲିମିଟର ଥିବା ବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ତଳିଆ ଅଞ୍ଚଳର ଲେକଙ୍କୁ ସତର୍କ କରାଯାଇଥିବା ପ୍ରଶାସନ ତରଫରୁ ସୂଚନା ମିଳିଛି। ଆଗକୁ ବର୍ଷା ଜାରି ରହିଲେ ବୈତରଣୀରେ ବଡ଼ଧରଣର ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।

## ପୂର୍ବ ଶତ୍ରୁତା ନା ଡାହାଣୀ ସନ୍ଦେହ

# ଘରେ ପଶି ମହିଳାଙ୍କ ଗଣ୍ଡି-ମୁଣ୍ଡ ଅଲଗା କରିଦେଲା

ରାଇରଙ୍ଗପୁର/ବହଳଦା,୨୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ତିରିଂ ଥାନା ଅଧୀନ ଦେଓଗାଁରେ ଶନିବାର ରାତିରେ ଜଣେ ମହିଳାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତ ମହିଳା ହେଲେ, ଗାଁର ମୋଠାଇ ଗୋଇପାଇଙ୍କ ସ୍ତ୍ରୀ ସୁହାଗି ଗୋଇପାଇ (୩୫)। କେହି ଦୁର୍ବୃତ୍ତ କୌଣସି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଇଛି। ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଯେନା, ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ତିରିଂ ଥାନାଧିକାରୀ ପ୍ରଶାନ୍ତ ଜେନା ପ୍ରମୁଖ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୁଲିସ୍ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ପୂର୍ବ ଶତ୍ରୁତା କିମ୍ବା ଡାହାଣୀ ସନ୍ଦେହରେ ସୁହାଗିଙ୍କୁ କେହି ହତ୍ୟା କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅପରପକ୍ଷେ,ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

ସୂଚନାନୁସାରେ, ଶନିବାର ଅପରାହ୍ଣରେ ମୋଠାଇ ଗାଁ ପାଖ ପଡ଼ିଆରେ ଚାଲିଥିବା ଫୁଟବଲ୍ ମ୍ୟାଚ୍ ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୮ଟା ବେଳକୁ ସେ ଘରକୁ ଫେରି ଦେଖିବା ବେଳକୁ ଚୁଲି ପାଖରେ ସୁହାଗିଙ୍କ ରକ୍ତ ଜୁଡୁବୁଡୁ ଶବ ପଡ଼ିଛି ଏବଂ ମୁଣ୍ଡରୁ ପୂରା ଗଣ୍ଡି ଅଲଗା ହୋଇଯାଇଛି। ସୁହାଗି ରୋଷେଇ କରୁଥିବା ବେଳେ କେହି ଦୁର୍ବୃତ୍ତ ପଛରୁ ତାଙ୍କୁ ଏପରି ବୀଭତ୍ସ ହତ୍ୟା କରିଥାଇପାରେ ବୋଲି କୁହାଯାଉଛି।

## ଜୀବନ ହାରିଲେ ବିଫଳ ପ୍ରେମିକ

ରାଜନଗର, ୨୪।୮(ସମିସ): ପ୍ରେମରେ ବିଫଳ ହେବାରୁ ଜୀବନ ହାରିଲେ ଯୁବକ। ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଗତରାତିରେ ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ରଗଡ଼ାପାଟିଆ ଗ୍ରାମର ବିନୟ ବେହେରାଙ୍କ ପୁତ୍ର ରାଜକିଶୋର (୨୨)। ଘର ଭିତରେ ଏକ ରଶି ଲଗାଇ ସେ ଆତ୍ମହତ୍ୟା କରିଛନ୍ତି। ଆଜି ସକାଳୁ ପରିବାରଲୋକେ ତାଙ୍କ ଝୁଲନ୍ତା ଶବ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ରାଜକିଶୋର +୩ ବାଣିଜ୍ୟରେ ପାଠପଢ଼ା ଶେଷ କରିବା ପରେ ଭୁବନେଶ୍ୱରରେ ବ୍ୟାଙ୍କିଙ୍ଗ କୋଚିଂ ନେଉଥିଲେ। ସେ ବୁଧବାର ଦିନ ଘରକୁ ଆସିଥିଲେ। ଗତରାତିରେ ପ୍ରେମିକାଙ୍କ ସହ କଥା ହେବା ପରେ ଆତ୍ମହତ୍ୟା କରିଥିବା କୁହାଯାଉଛି।

## ଓୟୁଏଟିର ୬୪ ତମ ପ୍ରତିଷ୍ଠା ଦିବସ

# ବାରିପଦା, ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ




■ ଭୁବନେଶ୍ୱର, ୨୪।୮ (ସମିସ): ଚିପିଲିମାରେ ହେବ ଓୟୁଏଟିର ଦ୍ୱିତୀୟ କ୍ୟାମ୍ପସ। ସେହିପରି ବାରିପଦା ଓ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଏବଂ ସୋନପୁରରେ ସ୍ଥାପନ ହେବ ମତ୍ସ୍ୟ ମହାବିଦ୍ୟାଳୟ। ସରକାର ଏଥିପାଇଁ ଯୋଜନା କରିଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ପଶ୍ଚିମ ଓଡ଼ିଶାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଦୀର୍ଘଦିନ ହେଲା ଦାବି ଚାଲିଥିବାବେଳେ ଓୟୁଏଟିର ପ୍ରତିଷ୍ଠା ଦିବସ ଉତ୍ସବରେ ଯୋଗ ଦେଇ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହି ଘୋଷଣା କରିଛନ୍ତି।

ଓୟୁଏଟିର ୬୪ତମ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି ଯେ, କୃଷି ଆମ ଦୈନନ୍ଦିନ ଜୀବନର ଏକ ଅଂଶ। ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଜୀବିକା ନିର୍ବାହରେ ସହାୟକ ହେଉଛି। ଏହା ଗ୍ରାମୀଣ ଭାରତର ମେରୁଦଣ୍ଡ ମଧ୍ୟ। ଏଣୁ ଉତ୍ତମ ବୈଷୟିକ ଜ୍ଞାନ ସହିତ କୁଶଳୀ ମାନବ ସମ୍ବଳ ସୃଷ୍ଟି କରିବା, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ କରିବା ଏବଂ ଖାଦ୍ୟ ଉତ୍ପାଦନରେ ଭାରତକୁ ଆତ୍ମନିର୍ଭର କରିବା ଭଳି ବହୁମୁଖୀ ଦାୟିତ୍ୱ କୃଷି ବିଶ୍ୱବିଦ୍ୟାଳୟର ରହିଛି। ଏହାସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଛନ୍ତି।

### ଚିପିଲିମାରେ ହେବ ଓୟୁଏଟି ଦ୍ୱିତୀୟ କ୍ୟାମ୍ପସ

### ସୋନପୁରରେ ହେବ ମତ୍ସ୍ୟ ମହାବିଦ୍ୟାଳୟ

ଏହି ଅବସରରେ ଅତିଥିରୂପେ ଯୋଗ ଦେଇ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ମାଣ୍ଡିଆ ଓ ଆମ୍ବ ରପ୍ତାନି କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିବା ଏବଂ ଏହି ଧାରାକୁ ଆଗେଇ ନେବାକୁ ସେ ଆହ୍ୱାନ ଦେଇଛନ୍ତି।

କୃଷି ବିଶ୍ୱବିଦ୍ୟାଳୟ, କୃଷି ମହାବିଦ୍ୟାଳୟ ଓ ମତ୍ସ୍ୟ ମହାବିଦ୍ୟାଳୟ ସ୍ଥାପନ ରାଜ୍ୟର ବିକାଶ ଧାରାକୁ ତ୍ୱରାନ୍ୱିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ବିଧାୟକ ବାବୁ ସିଂ ପ୍ରମୁଖ ରାଜ୍ୟର କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଓୟୁଏଟି ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶାବ୍ୟକ୍ତ କରିଛନ୍ତି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବାର୍ଷିକ ବିବରଣୀ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଓୟୁଏଟିର ୧୧ଜଣ ଶିକ୍ଷକ, ବୈଜ୍ଞାନିକ, ଛାତ୍ରଛାତ୍ରୀ, କର୍ମଚାରୀ ଓ ୩୩ ଜଣ ଅଗ୍ରଣୀ କୃଷକଙ୍କୁ ପୁରସ୍କୃତ କରାଯାଇଛି। ଓୟୁଏଟି କାମ୍ପସରେ ୱାଇଫାଇ ସେବା ଆରମ୍ଭ କରିବା ସହ ୭ଟି ପୁସ୍ତକ ଉନ୍ମୋଚିତ ହୋଇଛି। ଶିକ୍ଷା ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ ପ୍ରତିଭା ଦୋରା ଧନ୍ୟବାଦ ଦେଇଛନ୍ତି।

# ମାସେ ହେଲା ସାର ନ ପାଇ ଚାଷୀ ହନ୍ତସନ୍ତ

## ରାଜ୍ୟରେ ସାର ଅଭାବକୁ ସ୍ୱୀକାର କଲେ କୃଷି ମନ୍ତ୍ରୀ

ଭୁବନେଶ୍ୱର, ୨୪।୮(ସମିସ): ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ୍ ରହିଛି। ପୂର୍ବରୁ ରବି ଚାଷ ବେଳର ୪ ଲକ୍ଷ ମେଟ୍ରିକ୍ ଟନ୍ ସାର ବଳକା ରହିଛି। ଆହୁରି ୮ ଲକ୍ଷ ସାର କେନ୍ଦ୍ରରୁ ଅଣାଯାଉଛି। ତେଣୁ ଚାଷୀମାନେ ସାର ପାଇବାରେ କୌଣସି ସମସ୍ୟା ଭୋଗିବେନି। ଖରିଫ୍ ଚାଷ ଆରମ୍ଭରୁ ରାଜ୍ୟ ସରକାର ତଥା କୃଷି ବିଭାଗ ଚାଷୀମାନଙ୍କୁ ଏଭଳି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ସାରର ଆବଶ୍ୟକତା ପଡ଼ିବାବେଳକୁ ସ୍ଥିତି ସଂପୂର୍ଣ୍ଣ ବଦଳିଗଲା। ବିଶେଷକରି ଚାଷୀମାନେ ରୁଆ ବେଉଷଣ ସାରି ୟୁରିଆ ସାର ପାଇଁ ସମବାୟ ଆଗରେ ଦିନ ଦିନ ଧରି ଅପେକ୍ଷା କଲେ ବି ସାର ମିଳିଲାନି। ଯେଉଁମାନଙ୍କ ପାଖରେ ଟଙ୍କା ଥିଲା, ସେମାନେ ୨୩୩ଟଙ୍କ କ୍ୱିଣ୍ଟାଲ୍ ଦରରେ ସରକାରୀ ଭାବେ ମିଳୁଥିବା ୟୁରିଆ ସାରକୁ ଖୋଲାବଜାରରୁ ୭ଶହ ଟଙ୍କା ଦେଇ କିଣିଲେ। ମାତ୍ର ଏହି ତିରୋଟାଭାବକୁ ଆଜି କୃଷି ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ୱୀକାର କରିଛନ୍ତି।

ସାର ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଚାଇନାରୁ ୟୁରିଆ ଆସିବେ ସମସ୍ୟା ଥିଲା; ଏବେ ସ୍ଥିତିରେ ସୁଧାର ଆସିଲାଣି। ଆମେ କେନ୍ଦ୍ର



ସରକାରଙ୍କ ସହ କଥା ହେଉଛୁ। ସମସ୍ୟା ସମାଧାନ ଦିଗରେ କାମ କରୁଛୁ। ଖୁବଶୀଘ୍ର ସାର ଅଭାବ ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଶ୍ରୀ ସିଂହଦେଓ ଆହୁରି କହିଛନ୍ତି, ସାର ବିହୀନ ଚାଷ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସାର ଦେଇ ଚାଷ କଲେ, ଉତ୍ପାଦିତ ଦ୍ରବ୍ୟକୁ ବାହାରକୁ ରପ୍ତାନୀ କରାଯାଇପାରିବନି। ପ୍ରାକୃତିକ ଉପାୟରେ ଅର୍ଥାତ୍ ଅର୍ଗାନିକ୍ ଚାଷ କଲେ, ବାହାରକୁ ରପ୍ତାନୀ ହେବ। ଏହାଦ୍ୱାରା ଚାଷୀମାନଙ୍କୁ ତାଙ୍କ ଦ୍ରବ୍ୟର ଉଚିତ ମୂଲ୍ୟ ମିଳିବ ଓ କୃଷି ଅର୍ଥନୀତି ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଥିବାରୁ ଫସଲ ସଅଳ ହୋଇଛି। ତେଣୁ ଜୁଲାଇ ତୃତୀୟ ସପ୍ତାହ ବେଳକୁ ସାରର ଆବଶ୍ୟକତା ବଢ଼ିଯାଇଛି। ମାସେ ଭିତରେ କ୍ଷେତରେ ସାର ପକାଇବା ପାଇଁ ଚାଷୀ ଯୋଜନା କରୁଛି। ଏହି ସମୟ ଭିତରେ ସାର ନ ପକାଇଲେ, ଆଗାମୀ ଦିନରେ ଛୋଟ ଧାନ ପିଲ ମାରିବ ଓ ବଡ଼ ଧାନ ଗଣ୍ଠି ଧରିବ। ପରେ ପକାଇବାରେ କୌଣସି କାମରେ ଆସିବ ନାହିଁ। ଏବେ ସରକାରୀ ଭାବେ ଯେତିକି ସାର ବିକ୍ରି ହେଉଛି, ତା' ସମୁଦ୍ରକୁ ଶଙ୍ଖେ ଭଳି। ବଡ଼ ଚାଷୀ ସେମାନେ ବାହାର ଦୋକାନରୁ ସାର କିଣିବାକୁ ସକ୍ଷମ ହେଉଛନ୍ତି। ହେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସାର କିଣାରୁ ବଞ୍ଚିତ ହେଉଛନ୍ତି। ଗୋଟିଏପଟେ ସରକାର ଧାନର ଏମ୍‌ଏସପି ବୃଦ୍ଧି କରି ଅଧିକ ଚାଷ କରିବାକୁ ପ୍ରୋତ୍ସାହନ ଦେଉଥିବା କଥା କହୁଛନ୍ତି। ମାତ୍ର ପଞ୍ଜିକରଣଠାରୁ ଆରମ୍ଭ କରି ସାର ବଣ୍ଟନ ଓ ଧାନ ବିକ୍ରି ନାନା ସମସ୍ୟାକୁ ସଂପୂର୍ଣ୍ଣ ଅଣଦେଖା କରାଯାଉଛି। ତୁରନ୍ତ ଏହାର ସମାଧାନ କରିବାକୁ ଚାଷୀ ମହଲରୁ ଦାବି ହେଉଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୬୭- ପ୍ରସିଦ୍ଧ ଭୌତିକ ବିଜ୍ଞାନୀ ମାଇକେଲ୍ ଫାରାଡେଙ୍କ ଦେହାନ୍ତ।
- ୧୯୫୭- ଭାରତୀୟ ପୋଲୋ ଟିମ୍ ବିଶ୍ୱକପ୍ ଜିତିଲା।
- ୧୯୮୦- ଜିମ୍ବାୱେ ଜାତିସଂଘରେ ସାମିଲ ହେଲା।
- ୨୦୦୩- ମୁମ୍ବାଇରେ ହୋଇଥିବା ଏକ କାର୍ ବିସ୍ଫୋରଣରେ ୫୨ ଜଣ ମୃତ ଓ ୩୦୦ ଆହତ।


## ଆଜି ଆସିଥିଲେ

# ଛନ୍ଦକବି ରାଧାମୋହନ ଗଡ଼ନାୟକ



ରାଧାମୋହନ ଗଡ଼ନାୟକ ଜଣେ ସଫଳ ଓ ପ୍ରତିଭାଶାଳୀ ଓଡ଼ିଆ କବି ଥିଲେ। ସବୁଜ ଗୋଷ୍ଠୀର ସାହିତ୍ୟ ସାଧନା କାଳରେ ଏକକ କବି ଭାବରେ ସେ ପରିଚିତ ଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନପ୍ରାପ୍ତ ଏହି କବିଙ୍କ କବିତାରେ ଥିଲା ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି। ଛନ୍ଦର ଲାଳିତ୍ୟ, କବିତାର ଗାମ୍ଭୀର୍ଯ୍ୟ, ଭାଷା ଚାତୁରୀ, ବିଷୟ ଚୟନରେ ସେ ଥିଲେ ଅନନ୍ୟ। ରାଧାମୋହନ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ନୂତନତା ଆଣିଥିଲେ। ପୁରାଣ ପୃଷ୍ଠାରୁ, ଇତିହାସ ପୃଷ୍ଠାରୁ, କାହାଣୀରୁ, କିମ୍ବଦନ୍ତୀରୁ ବିଭିନ୍ନ ଚରିତ୍ରଙ୍କୁ ନେଇ ସେ କବିତା ରଚନା କରିଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରେ ଓଡ଼ିଆ ସାହିତ୍ୟରେ ସେ ହେଉଛନ୍ତି ଅନ୍ୟତମ ସଫଳ ଗାଥା କବି। ୧୯୧୧ ମସିହା ଆଜିର ଦିନରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର କଲଣ୍ଡାପାଳ ଗାଁରେ ରାଧାମୋହନ ଜନ୍ମ ହୋଇଥିଲେ। ଗଡ଼ସନ୍ତରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ମାତ୍ର ଆଠବର୍ଷ ବୟସରେ ସେ ପ୍ରଥମ କବିତା 'ତାରା' ରଚନା କରିଥିଲେ। ଏହାପରେ ସେ କଟକସ୍ଥିତ ଖ୍ରୀଷ୍ଟ କଲେଜରେ ପାଠ ପଢ଼ିଲେ। ସେଠାରେ ସେ 'କାବ୍ୟନାୟିକା' ରଚନା କରି ଖୁବ୍ ପ୍ରଶଂସିତ ହୋଇଥିଲେ। ୧୯୨୭-୧୯୨୮ ମସିହାରେ ଦେଶସେବକ ତଥା ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ମିଶ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଜାତି ଓ ଦେଶପ୍ରେମମୂଳକ କବିତାବଳୀ ରଚନା କରିଥିଲେ। ଉତ୍କଳ ସାହିତ୍ୟ ସମ୍ମିଳନୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ଅନେକ ଅନୁଷ୍ଠାନର ସେ ସଭାପତି ଓ ଉପସଭାପତି ଭାବରେ ଦାୟିତ୍ୱ ତୁଲାଇଲେ। । 'କାବ୍ୟ ନାୟିକା', 'ଉତ୍କଳିକା', 'କୈଶୋରିକା', 'ଶାମୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ', 'ସୂର୍ଯ୍ୟ ଓ ଅନ୍ଧକାର' ଓ 'ଦୀପଶିଖା' ଆଦି ତାଙ୍କର ଅନବଦ୍ୟ କୃତି। 'ସୂର୍ଯ୍ୟ ଓ ଅନ୍ଧକାର' ପୁସ୍ତକ ପାଇଁ ୧୯୭୫ରେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଙ୍କୁ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା। ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପାଇବାରେ ସେ ପ୍ରଥମ ସାହିତ୍ୟିକ। ୨୦୦୦ ମସିହା ଫେବ୍ରୁଆରୀ ୨୧ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

# ସାରସ୍ୱତ ସାଧକ ରତ୍ନାକର ଚଇନି



ଓଡ଼ିଆ ସାହିତ୍ୟ ଜଗତରେ ଏକ ପରିଚିତ ନାଁ ଡ. ରତ୍ନାକର ଚଇନି। ଜଣେ ନାଟ୍ୟକାର, ଗାଳ୍ପିକ, ଔପନ୍ୟାସିକ ଓ ସମାଲୋଚକ ଭାବେ ସେ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଜୀବନକାଳରେ ସେ ଶତାଧିକ ପୁସ୍ତକ ଲେଖିଥିଲେ। ୧୯୪୫ ମସିହା ଆଜିର ଦିନରେ କଟକ ଜିଲ୍ଲା ସାଲେପୁର ନିକଟ ଅରେଇ ଗ୍ରାମରେ ରତ୍ନାକର ଜନ୍ମଗ୍ରହଣ କରିଥିଲେ। ନେମାଳ ହାଇସ୍କୁଲ୍‌ରୁ ଦଶମ ଶ୍ରେଣୀ ପାସ୍ କରିବା ପରେ ସେ ଖ୍ରୀଷ୍ଟ କଲେଜରୁ ସ୍ନାତକ କରିଥିଲେ। ପରେ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ୍‌ଏ ପାସ୍ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରିଥିଲେ। ୧୯୭୯ ମସିହାରେ ଅଧ୍ୟାପନା ଜୀବନ ଆରମ୍ଭ କରି ସେ ରାଜେନ୍ଦ୍ର କଲେଜ, ଢେଙ୍କାନାଳ କଲେଜ, ଖଲ୍ଲିକୋଟ କଲେଜ, ରେଭେନ୍ସା କଲେଜ, ବିଜେବି କଲେଜରେ କାର୍ଯ୍ୟ କରିବା ପରେ ଶୈଳବାଳା ମହାବିଦ୍ୟାଳୟରୁ ଓଡ଼ିଆ ବିଭାଗର ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସେ ସମ୍ପାଦକ ଓ ସଭାପତି ଥିଲେ। ଜାତୀୟସ୍ତରରେ ପ୍ରତିଷ୍ଠିତ 'ସଂସ୍କାର ଭାରତୀ' ସଂଗଠନର ସେ ରାଜ୍ୟ ସଭାପତି ରହି ଓଡ଼ିଶାର କଳା ସଂସ୍କୃତି ବିକାଶ ଦିଗରେ ଅନେକ କାର୍ଯ୍ୟ କରିଥିଲେ। ଜଣେ ସଫଳ ନାଟ୍ୟକାର ଭାବେ ସେ ଓଡ଼ିଶାର ନାଟ୍ୟପ୍ରେମୀଙ୍କ ନିକଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ରଚିତ ନାଟକ ଓ ଉପନ୍ୟାସ ମଧ୍ୟରେ 'ଅଥଚ ଚାଣକ୍ୟ', 'ଅସ୍ତରାଗର ଚନ୍ଦ୍ର', 'ରାଜହଂସ', 'ମଞ୍ଚ ନାୟିକା', 'ଅପେଦବତା', 'ପୁନଶ୍ଚ ପୃଥିବୀ', 'କଳଙ୍କିତ ସୂର୍ଯ୍ୟ', 'ମୁଖା', 'ସୁନା କଳସ', 'ଶେଷ ଅଶ୍ରୁ', ' 'ଅବ୍ୟକ୍ତ ଗୋଧୂଳି', 'ଲୁହ ଲହରୀ, ଏବଂ 'ଫୁଲ ଫଗୁଣ' ଇତ୍ୟାଦି ପାଠକ ମହଲରେ ଆଦୃତି ପାଇଥିଲା। 'ଅଥଚ ଚାଣକ୍ୟ' ନାଟକରେ ସେ ଓଡ଼ିଆ ଆଧୁନିକ ନାଟ୍ୟ ଜଗତରେ ଏକ ନୂତନ ଧାରା ପ୍ରଚଳନ କରିଥିଲେ ବୋଲି କୁହାଯାଏ। ଏହି ନାଟକ ବହୁଜାଗାରେ ମଞ୍ଚସ୍ଥ ହୋଇଛି। ୧୯୭୭ ମସିହାରେ 'କଳଙ୍କିତ ସୂର୍ଯ୍ୟ' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ସଂକଳନ 'ମୁଠାଏ ଶୂନ୍ୟତା', 'କହ ଲଳିତା', 'ନିଷିଦ୍ଧ ଶୃଙ୍ଗାର' ଆଦି ବେଶ୍ ଜନାଦୃତ ହୋଇଥିଲା। ତାଙ୍କ ଦ୍ୱାରା ରଚିତ କାହାଣୀ 'ଶୂନ୍ୟସ୍ୱରୂପ' ଚଳଚ୍ଚିତ୍ର ଭାବେ ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶନାରେ ୧୯୯୭ରେ ମୁକ୍ତିଲାଭ କରିଥିଲା। ଏହା ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ରୂପେ ଜାତୀୟସ୍ତରରେ ପୁରସ୍କୃତ ହେବା ସହ ରତ୍ନାକର ଶ୍ରେଷ୍ଠ ସଂଳାପ ଲେଖକ ରୂପେ ପୁରସ୍କୃତ ହୋଇଥିଲେ। ସାହିତ୍ୟ ସର୍ଜନା ପାଇଁ ରାଜ୍ୟ ତଥା ଜାତୀୟ ସ୍ତରରେ ରତ୍ନାକର ବହୁ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ଏହି ମହାନ୍ ସାରସ୍ୱତ ସାଧକଙ୍କର ୨୦୨୦ ମସିହା ଅପ୍ରେଲ ୧୮ ତାରିଖରେ ପରଲୋକ ଘଟିଥିଲା ।

# ନଭେମ୍ବରରୁ ସୁଟିଂ ଆରମ୍ଭ କରିବେ ଦୀପିକା



ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଦୀପିକା ପାଦୁ୍ୟକୋନ୍ ଜଣାଯାନ୍ତି। ଦୀପିକା ତାଙ୍କର ଷ୍ଟାଇଲିସ୍ ଲୁକ୍ ଓ ଦମ୍‌ଦାର ଅଭିନୟ ପାଇଁ ବେଶ୍ ପରିଚିତ। ଇତିମଧ୍ୟରେ ଦୀପିକା ତାଙ୍କର ଆଗାମୀ ଫିଲ୍ମକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଫିଲ୍ମର ଟାଇଟଲ୍ ରହିଛି ' AA22xA6 '। ଏଥିରେ ସେ ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ ବିପକ୍ଷରେ ନଜର ଆସିବେ। ଏହାକୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଫିଲ୍ମର ଆକ୍ସନ୍ ସିନ୍‌ଗୁଡ଼ିକ ଉନ୍ନତମାନରେ ଡିଜାଇନ୍ କରିବା ପାଇଁ ପ୍ରଯୋଜକ ଅନ୍ତରାଷ୍ଟ୍ରୀୟ କ୍ରୁକୁ ସାମିଲ କରିଛନ୍ତି। କେବଳ ଆକ୍ସନ୍ ସିନ୍ ପାଇଁ ନୁହେଁ ଏଥିରେ ବହୁ ଆଗଧାଡ଼ିର କଳାକାରମାନେ କାମ କରୁଥିବାରୁ ଫିଲ୍ମର ବଜେଟ୍ ବଢ଼ି ଯାଇଥିବା କୁହାଯାଉଛି। ଏଥିରେ ଅଲ୍ଲୁ ଓ ଦୀପିକାଙ୍କ ସହ ମୃଣାଳ ଠାକୁର, ଜାହ୍ନବୀ କପୁର, ରଶ୍ମିକା ମନ୍ଦାନା ପ୍ରମୁଖ ନଜର ଆସିବେ। ଇତିମଧ୍ୟରେ ଅଲ୍ଲୁ ସୁଟିଂ ଆରମ୍ଭ କରି ଦେଇଛନ୍ତି। ନଭେମ୍ବରରୁ ଦୀପିକା ଫିଲ୍ମର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ସେ ପାଖାପାଖି ୧୦୦ ଦିନ ଧରି ଏହାର ସୁଟିଂ କରିବେ। ଦୀପିକାଙ୍କ ପାଇଁ ଯୋଦ୍ଧାର ଏକ ଖାସ୍ ଲୁକ୍ ଓ ହତିଆର ପ୍ରସ୍ତୁତ କରାଯାଇଛି। ଅଲ୍ଲୁ ଏଥିରେ ଏକାଧିକ ଭୂମିକାରେ ନଜର ଆସିବେ। ' AA22xA6 'ର ସୁଟିଂ ୨୦୨୬ ସେପ୍ଟେମ୍ବର ଯାଏଁ ଚାଲିବ। ୨୦୨୭ ଆରମ୍ଭରେ ଏହା ରିଲିଜ୍ ହୋଇପାରେ।

# ଅଗ୍ରପୂଜ୍ୟ ଶ୍ରୀଗଣେଶ



ଗୋଟିଏ ଦିନ ଛାଡ଼ି ମହା ଆଡମ୍ବରରେ ଚାରିଆଡ଼େ ପାଳନ ହେବ ଗଣେଶ ଚତୁର୍ଥୀ। ପ୍ରତ୍ୟେକ ଶୁଭକାର୍ଯ୍ୟରେ ଗଣେଶଙ୍କ ପୂଜା ପ୍ରଥମେ କରାଯାଏ। ତେଣୁ ତାଙ୍କୁ ଅଗ୍ରପୂଜ୍ୟ ବୋଲି କୁହାଯାଏ। ତେବେ ତାଙ୍କର ଏହି ପ୍ରଥମ ପୂଜା ପାଇବାକୁ ନେଇ ଏକ ସୁନ୍ଦର କାହାଣୀ ଅଛି।

ବାଲ୍ୟକାଳରେ ଥରେ ଶ୍ରୀଗଣେଶ ଓ ଶ୍ରୀକାର୍ତ୍ତିକଙ୍କ ମଧ୍ୟରେ ବୁଦ୍ଧିମାନ କିଏ, ତାହାକୁ ନେଇ ଝଗଡ଼ା ଲାଗିଲା। ସେଇଠୁ ଏହି ପ୍ରଶ୍ନକୁ ନେଇ ଦୁହେଁ ମହାଦେବଙ୍କ ପାଖରେ ପହଞ୍ଚିଲେ। ଶିବ ଦୁହିଁଙ୍କୁ କହିଲେ, 'ଯିଏ ସର୍ବପ୍ରଥମେ ବ୍ରହ୍ମାଣ୍ଡକୁ ପରିକ୍ରମା କରି ତାଙ୍କ ପାଖରେ ଆସି ପହଞ୍ଚିବ, ସିଏ ଜିତିବ।' ଏହାପରେ କାର୍ତ୍ତିକ ନିଜ ବାହନ ମୟୂର ଉପରେ ବିରାଜମାନ କରି ବିଶ୍ୱ ଭ୍ରମଣ କରିବାକୁ ବାହାରିଲେ। ମାତ୍ର ଗଣେଶ ନିଜ ପିତା ଓ ମାତାଙ୍କ ଚାରିପାର୍ଶ୍ୱକୁ ପରିକ୍ରମା କରି ତାଙ୍କ ସାମ୍ନାରେ ଛିଡ଼ା ହେଲେ। ଏହାସହ ସେ କହିଲେ, ତାଙ୍କ ପାଇଁ ତାଙ୍କ ପିତା ଓ ମାତା ହେଉଛନ୍ତି ସର୍ବସ୍ୱ। ଦୁହିଁଙ୍କ ପରିକ୍ରମା କରି ସେ ବ୍ରହ୍ମାଣ୍ଡ ପରିକ୍ରମା ପୂର୍ଣ୍ଣ କରିଛନ୍ତି ବୋଲି କହିଲେ।

ଏକଥା ଶୁଣି ଶିବ ତାଙ୍କୁ କହିଲେ, 'ତୁମେ ବହୁତ ବୁଦ୍ଧିମାନ।' ଏହାସହ ତାଙ୍କୁ ଆର୍ଶିବାଦ ଦେଲେ, 'ପ୍ରତ୍ୟେକ ଶୁଭକାର୍ଯ୍ୟରେ ସର୍ବପ୍ରଥମେ ଗଣେଶଙ୍କର ପୂଜା ହେବ।' ସେଥିପାଇଁ ଶ୍ରୀଗଣେଶଙ୍କୁ ପ୍ରଥମ ପୂଜନୀୟ ବା ଅଗ୍ରପୂଜ୍ୟ ବୋଲି କୁହାଯାଏ।

## ସ୍ୱସ୍ତି

# ପବିତ୍ର ରାଧାଷ୍ଟମୀ



ଶ୍ରୀକୃଷ୍ଣ ବିନା ରାଧା ଅଧା। ରାଧା ବିନା ଶ୍ରୀକୃଷ୍ଣ ଅଧା। ଯେତେବେଳେ ବି ଶ୍ରୀକୃଷ୍ଣଙ୍କ ନାମ ଆସେ ଶ୍ରୀରାଧାରାଣୀଙ୍କ ନାଁ ଆପେ ଆସିଥାଏ। ତେଣୁ ହିନ୍ଦୁଧର୍ମରେ 'ଜନ୍ମାଷ୍ଟମୀ' ଭଳି 'ରାଧାଷ୍ଟମୀ'ର ଖୁବ୍ ମହତ୍ତ୍ୱ ଅଛି। ଜନ୍ମାଷ୍ଟମୀର ୧୫ ଦିନ ପରେ ରାଧାଷ୍ଟମୀ ଉତ୍ସବ ପାଳନ କରାଯାଏ। ଭାଦ୍ରବ ଶୁକ୍ଳ ଅଷ୍ଟମୀରେ ଏହି ବ୍ରତ ପାଳନ କରାଯାଏ। ଚଳିତ ବର୍ଷ ଅଗଷ୍ଟ ୩୧ ତାରିଖରେ ପାଳନ ହେବ ପବିତ୍ର ରାଧାଷ୍ଟମୀ।

ଏହିଦିନ ଶ୍ରୀରାଧାଙ୍କ ଜନ୍ମ। ଶ୍ରୀକୃଷ୍ଣ ମଧ୍ୟରାତ୍ରିରେ ଜନ୍ମ ଗ୍ରହଣ କରିଥିବା ବେଳେ ଶ୍ରୀରାଧା ମଧ୍ୟାହ୍ନରେ ଜନ୍ମଗ୍ରହଣ କରିଥିଲେ। ବୈଷ୍ଣବମାନେ ଶ୍ରରାଧାଙ୍କର ଜନ୍ମତିଥିକୁ 'ରାଧାଷ୍ଟମୀ' ଭାବେ ପାଳନ କରନ୍ତି। ବୈଷ୍ଣବମାନଙ୍କ ମତରେ କୃଷ୍ଣଭକ୍ତି ଓ ପ୍ରାପ୍ତିର ମାଧ୍ୟମ। ରାଧାଷ୍ଟମୀ ଦିନ ରାଧାରାଣୀଙ୍କ ପୂଜାର୍ଚ୍ଚନା ନୀତିନିୟମ ସହ କରାଯାଏ। ରାଧାଷ୍ଟମୀ ବ୍ରତ କଲେ ସମସ୍ତ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ଅଛି। ରାଧାଷ୍ଟମୀରେ ରାଧାଙ୍କର ଜନ୍ମ ବୃତ୍ତାନ୍ତ ବ୍ୟତୀତ ଏକ ବ୍ରତ କଥା ପାଠ ହୁଏ। ତେବେ ଶ୍ରୀରାଧାଙ୍କୁ ଦେବୀ ଲକ୍ଷ୍ମୀଙ୍କ ଅବତାର ଭାବେ ଗ୍ରହଣ କରାଯାଏ। ଏହି ଦିନ ଶ୍ରୀରାଧାଙ୍କ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହେଉଥିବା ବିଶ୍ୱାସ ଅଛି। ପୁଣି ଶ୍ରୀକୃଷ୍ଣଙ୍କ କୃପା ପ୍ରାପ୍ତି ପାଇଁ ଦେବୀ ରାଧାଙ୍କ ନାମ ଜପ କରିବା ଉଚିତ।

# ରୁଦ୍ରାକ୍ଷର ମହତ୍ତ୍ୱ



ଭଗବାନ ଶିବଙ୍କ ଅଶ୍ରୁରୁ ରୁଦ୍ରାକ୍ଷ ଉତ୍ପନ୍ନ ହୋଇଥିବା ମାନ୍ୟତା ଅଛି। ଏହାକୁ ଭଗବାନ ଶିବଙ୍କ ଆଶୀର୍ବାଦ ବୋଲି ବିବେଚନା କରାଯାଏ। ରୁଦ୍ରାକ୍ଷ ମଣିଷ ଜୀବନରେ ସକାରାତ୍ମକ ଚିନ୍ତାଧାରାକୁ ବୃଦ୍ଧି କରେ। ଏହା ଅବସାଦ ଓ ଚିନ୍ତାକୁ ଦୂର କରିଥାଏ। ନକାରାତ୍ମକ ଶକ୍ତିକୁ ଦୂର କରୁଥିବା ରୁଦ୍ରାକ୍ଷ ହେଉଛି ଅତ୍ୟନ୍ତ ଶକ୍ତିଶାଳୀ। ଅନେକ ଜଣ ରୁଦ୍ରାକ୍ଷର ଚମତ୍କାରୀ ଔଷଧୀୟ ଗୁଣ ଯୋଗୁଁ ଏହାକୁ ପ୍ରାକୃତିକ ଔଷଧ ମନେ କରନ୍ତି। ଏହା ରକ୍ତଚାପ, ମାନସିକ ଶାନ୍ତି, ଇମ୍ୟୁନ ସିଷ୍ଟମ ପାଇଁ ଲାଭକାରୀ। ମନ୍ତ୍ର ଜପରେ ମଧ୍ୟ ରୁଦ୍ରାକ୍ଷର ପ୍ରୟୋଗ ହୁଏ। ୧୦୮ ମାଳା ରୁଦ୍ରାକ୍ଷକୁ ଜପ କରିବା ଦ୍ୱାରା ମନ ଏବଂ ଆତ୍ମାକୁ ଶାନ୍ତି ମିଳିଥାଏ। ରୁଦ୍ରାକ୍ଷ ମନ୍ତ୍ର ମନ ଓ ଶରୀରରେ ଶକ୍ତି ବୃଦ୍ଧି କରେ। ରୁଦ୍ରାକ୍ଷ ଅନେକ କିସମର ହୋଇଥାଏ। ଗୋଟିଏ ମୁଖୀଠାରୁ ଆରମ୍ଭ କରି ଏଗାରମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷ ରହିଛି। ସାଧାରଣରେ ପଞ୍ଚମୁଖୀ ରୁଦ୍ରାକ୍ଷ ସବୁଠୁ ଅଧିକ ପିନ୍ଧାଯାଏ। ସେହିପରି ଜ୍ୟୋତିଷ ଶାସ୍ତ୍ରରେ ରୁଦ୍ରାକ୍ଷର ବିଶେଷ ମହତ୍ତ୍ୱ ରହିଛି। ଏହାର ଉପଯୋଗ ଗ୍ରହ ଦୋଷର ପ୍ରଭାବକୁ କମ୍ କରିବା ପାଇଁ କରାଯାଏ। ରାହୁ, କେତୁ ଏବଂ ଶନି ଦୋଷର ପ୍ରଭାବ ଏହା ମାଧ୍ୟମରେ କମ୍ କରାଯାଇପାରିବ।

# ଘରେ ମହୁମାଛି ବସା ଶୁଭ ନା ଅଶୁଭ



ଶାସ୍ତ୍ରରେ ମହୁମାଛିକୁ ଲକ୍ଷ୍ମୀଙ୍କ ଦୂତ ବୋଲି ବୋଲି କୁହାଯାଇଛି। ଯେଉଁଠି ମହୁମାଛି ବସା କରେ, ସେଠାରେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। ହେଲେ ଏହି ବସାର ସ୍ଥାନ ଓ ଏହାର ସ୍ଥିତି ଠିକ୍ ନ ଥିଲେ, ଏହାର ବିପରୀତ ପ୍ରଭାବ ପଡ଼ିପାରେ। ଘର ଭିତରେ ମହୁମାଛି ବସା କରିବା ଶୁଭ କି ଅଶୁଭ, ସେ ସମ୍ପର୍କରେ ଜାଣିବା।

- ଘର ଭିତରେ ମହୁମାଛି ବସା କରିବା ନକାରାତ୍ମକ ବୋଲି ବିଚାର କରାଯାଏ। ମହୁମାଛି ବସା ଘରର ରୁମ୍, ବଗିଚା କିମ୍ବା ଛାତରେ ହୋଇଥଲେ ଅଶୁଭ। ଏହା ଘରର ଶାନ୍ତି ଭଙ୍ଗ କରିଥାଏ। ପରିବାରରେ ବିବାଦ ବଢ଼େ। ଧୀରେ ଧୀରେ ଆର୍ଥିକ ସ୍ଥିତି ଦୁର୍ବଳ ହୁଏ। ତେଣୁ ଘର ଭିତରେ ମହୁମାଛି ବସାକୁ ଭାଙ୍ଗିଦେବା ଉଚିତ।
- ମହୁମାଛି ବସା ଘରର ମୁଖ୍ୟଦ୍ୱାରରେ ହେବା ଶୁଭ। ବ୍ୟବସାୟ ଏବଂ ଚାକିରିରେ ଉନ୍ନତି ଆସେ। ହେଲେ କବାଟ ମଝାମଝିରେ ମହୁମାଛି ବସା କରିବା ଭଲ ନୁହେଁ।
- ଘରର ଉତ୍ତର ଦିଗରେ ମହୁମାଛି ବସା ବାନ୍ଧିବା ଶୁଭଫଳ ପ୍ରଦାନ କରେ। ପରିବାରରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।
- ଦକ୍ଷିଣ ଦିଗରେ ମହୁମାଛି ବସା କରିବା ନକାରାତ୍ମକ ଫଳ ପ୍ରଦାନ କରେ। ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖା ଦିଏ।
- ସେହିପରି ଘରର ପୂର୍ବ ଦିଗରେ ମହୁମାଛି ବସା କରିବା ଶୁଭ।
- ପଶ୍ଚିମ ଦିଗରେ ମହୁମାଛି ବସା କଲେ ମିଶ୍ରିତ ଫଳ ମିଳେ। ବେଳେ ବେଳେ ଏହା ଧନଲାଭର ସଙ୍କେତ ଦିଏ।



# କ୍ରୀଡ଼ା





# ପୂଜାରା ଯୁଗର ଅବସାନ

ରାଜକୋଟ, ୨୪।୮ (ଏଜେନ୍ସି)

ଭାରତୀୟ ଟେଷ୍ଟ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ଚେତେଶ୍ୱର ପୂଜାରା ସମସ୍ତ ପ୍ରକାର ଫର୍ମାଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ଜାତୀୟ ଚୟନକର୍ତ୍ତାଙ୍କ ଦ୍ୱାରା ଦୀର୍ଘ ୨ ବର୍ଷ ହେବ ବାରମ୍ବାର ଅଣଦେଖାର ଶିକାର ହେବା ପରେ ୩୭ ବର୍ଷୀୟ ଏହି ଷ୍ଟାଇଲିସ ରାଜକୋଟ୍ ବ୍ୟାଟର୍ ଶେଷରେ ଅଲ୍‌ବିଦା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ଆବେଗପୂର୍ଣ୍ଣ ଅବସର ବାର୍ତ୍ତା ପୋଷ୍ଟ କରି ପୂଜାରା ତାଙ୍କ ଅବସର ସୂଚନା ପ୍ରଶଂସକଙ୍କୁ ଜଣାଇଛନ୍ତି। ଫଳରେ ଭାରତୀୟ କ୍ରିକେଟ୍‌ରେ ଏକ ଯୁଗର ଅବସାନ ଘଟିଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ରାହୁଲ ଦ୍ରାବିଡଙ୍କ ଅବସର ପରେ ଭାରତୀୟ ଟେଷ୍ଟ ଦଳର ଗୁରୁତ୍ୱପୂର୍ଣ୍ଣ ନଂ-୩ ସ୍ଥାନକୁ ନେଇ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ତାହାକୁ ପୂଜାରା ହିଁ ପୂରଣ କରିଥିଲେ। ଯେଉଁଥି ପାଇଁ ଦ୍ରାବିଡ୍‌ଙ୍କ ପରେ ପୂଜାରାଙ୍କୁ ଭାରତୀୟ ଦଳର 'ଦି ୱାଲ୍-୨' ଆଖ୍ୟା ମିଳିଥିଲା।

ଦୁଇ ବର୍ଷ ତଳେ ଜୁନ ୨୦୨୩ରେ ପୂଜାରା ତାଙ୍କର ଶେଷ ଟେଷ୍ଟ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଏହା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଫାଇନାଲ ମ୍ୟାଚ୍ ଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚର ଉଭୟ ପାଳିରେ ପୂଜାରା ଯଥାକ୍ରମେ ୧୪ ଓ ୨୭ ରନ କରି ନିରାଶ କରିଥିଲେ। ଏହାପରେ ବିସିସିଆଇ ଯୁବ ଖେଳାଳିଙ୍କ ଉପରେ ଅଧିକ ଫୋକସ୍ କରିବାରୁ ପୂଜାରାଙ୍କ ପରି ଟେଷ୍ଟ ସ୍ପେଶାଲିଷ୍ଟ ଜାତୀୟ ଚୟନକର୍ତ୍ତାଙ୍କ ଦ୍ୱାରା ଅଣଦେଖା ହୋଇଥିଲେ। ଏହି ସମୟରେ ମଧ୍ୟରେ ପୂଜାରା ଜାତୀୟ ଦଳକୁ ଫେରିବା ଲାଗି ଘରୋଇ ଓ କାଉଣ୍ଟି କ୍ରିକେଟ୍ ଖେଳି ନିଜକୁ ଫିଟ୍ ରଖୁଥିଲେ। କିନ୍ତୁ ରେଡ୍ ବଲ୍ କ୍ରିକେଟ୍‌ରେ ଜାତୀୟ ଦଳକୁ ଆଉ ଫେରିପାରି ନ ଥିଲେ। ଗତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ସମୟରେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଚର୍ଚ୍ଚା ହୋଇଥିଲା। କିନ୍ତୁ ଏହା ଚର୍ଚ୍ଚାରେ ହିଁ ସୀମିତ ରହିଗଲା। ସେହିଭଳି ତାଙ୍କ ସମସାମୟିକ ରବିଚନ୍ଦ୍ରନ ଅଶ୍ୱିନ, ରୋହିତ୍ ଶର୍ମା ଓ ବିରାଟ କୋହଲି ମଧ୍ୟ ନିକଟ ଅତୀତରେ ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିସାରିଥିଲେ। ଜାତୀୟ ଦଳକୁ ଫେରିବାର ରାସ୍ତା ବନ୍ଦ ହୋଇଯାଇଥିବା ହୃଦୟଙ୍ଗମ କରି ଶେଷରେ ପୂଜାରା କ୍ରିକେଟକୁ ବାଏ ବାଏ କରିବାକୁ ବାଧ ହୋଇଥିଲେ।

ସଂଯୋଗବଶତଃ ପୂଜାରା ତାଙ୍କର ପଦାର୍ପଣ ଓ ବିଦାୟୀ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ହିଁ ଖେଳିଥିଲେ। ୨୦୧୦ରେ ବେଙ୍ଗାଲୁରୁରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଖେଳି ପୂଜାରା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ଏହି ଯାତ୍ରାରେ ସେ ୧୦୩ ଟେଷ୍ଟ ମ୍ୟାଚ ଖେଳ ୪୩ରୁ ଊର୍ଦ୍ଧ୍ୱ ହାରରେ ୭,୧୯୫ ରନ ସଂଗ୍ରହ କରିଥିଲେ। ତାଙ୍କ ନାମରେ ଟେଷ୍ଟରେ ୧୯ ଶତକ ଓ ୩୫ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ସେ ଅପରାଜିତ ୨୦୬ ରନ କରିଥିଲେ। ଯାହା ତାଙ୍କ ଟେଷ୍ଟ କ୍ୟାରିୟରର ଶ୍ରେଷ୍ଠ ପାଳି ଥିଲା। ସେହିଭଳି ୨୦୧୭ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ୫୨୫ ବଲ୍‌ରୁ ୨୦୨ ରନର ଧୈର୍ଯ୍ୟପୂର୍ଣ୍ଣ ଦ୍ୱିଶତକୀୟ ପାଳି ଖେଳିଥିଲେ। ଏହାର ଦୁଇ ବର୍ଷ ପରେ ସିଡନୀରେ ପୁଣିଥରେ କଙ୍ଗାରୁ ଦଳ ବିପକ୍ଷରେ ୧୯୩ ରନର ମାରାଥନ ବ୍ୟାଟିଂ କରିଥିଲେ। ଏହି ପାଳିରେ ସେ ଦୀର୍ଘ ୯ ଘଣ୍ଟା କ୍ରିଜରେ ରହି ଧୈର୍ଯ୍ୟର ପରିଚୟ ଦେଇଥିଲେ। ଜଣେ ଟେଷ୍ଟ ସ୍ପେଶାଲିଷ୍ଟ ହୋଇଥିବାରୁ ତାଙ୍କୁ ଧଳା ବଲ୍ କ୍ରିକେଟ୍‌ରେ ବେଶି ସୁଯୋଗ ମିଳି ନ ଥିଲା। ସେ ଭାରତ ପାଇଁ ମାତ୍ର ୫ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ଘରୋଇ କ୍ରିକେଟ୍‌ରେ ସୌରାଷ୍ଟ୍ର ପାଇଁ ପ୍ରତିନିଧିତ୍ୱ କରୁଥିବା ପୂଜାରା ପ୍ରଥମ ଶ୍ରେଣୀରେ ୨୭୮ ଓ ଲିଷ୍ଟ-ଏ'ରେ ୧୩୦ ମ୍ୟାଚ୍ ଖେଳିଛନ୍ତି।

> ଭାରତୀୟ ଜର୍ସି ପିନ୍ଧିବା, ଜାତୀୟ ସଙ୍ଗୀତ ଗାନ କରିବା ଏବଂ ପଡ଼ିଆକୁ ପାଦ ଦେବା ସମୟରେ ମୋର ସର୍ବଶ୍ରେଷ୍ଠ ଦେବାକୁ ଚେଷ୍ଟା କରିବା, ଏଗୁଡ଼ିକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ। କିନ୍ତୁ ଯେଉଁଭଳି କୁହାଯାଏ ପ୍ରତ୍ୟେକ ଭଲ ଜିନିଷର ଦିନେ ଅନ୍ତ ଘଟିଥାଏ। ମୁଁ ସମସ୍ତ ପ୍ରକାର କ୍ରିକେଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ରାଜକୋଟର ଏକ ଛୋଟ ସହରରୁ ଜଣେ ଛୋଟ ପିଲା ଭାବେ ପିତାମାତାଙ୍କ ସହ ମୁଁ ଦିନେ ତାରକା ହେବାକୁ ଲକ୍ଷ୍ୟ ରଖିଥିଲି ଏବଂ ଭାରତୀୟ ଦଳର ଅଂଶହେବାକୁ ସ୍ୱପ୍ନ ଦେଖିଥିଲି। ସେତେବେଳେ ମୁଁ କଳ୍ପନା କରି ନ ଥିଲି ଏହି ଖେଳ ମୋତେ ଏତେ କିଛି ଦେବ। ଅମୂଲ୍ୟ ସୁଯୋଗ, ପ୍ରେମ, ସର୍ବୋପରି ମୋ ରାଜ୍ୟ ଓ ଏହି ମହାନ ରାଷ୍ଟ୍ରରୁ ପ୍ରତିନିଧିତ୍ୱ କରିବାର ସୁଯୋଗ।






### ସଂକ୍ଷେପରେ କ୍ୟାରିୟର

| ଫର୍ମାଟ୍ | ମ୍ୟାଚ୍ | ରନ | ଆଭରେଜ | ଶ୍ରେଷ୍ଠ | ୫୦/୧୦୦ |
|---|---|---|---|---|---|
| ଟେଷ୍ଟ | ୧୦୩ | ୭୧୯୫ | ୪୩.୬୦ | ୨୦୬ | ୧୯/୩୫ |
| ଦିନିକିଆ | ୫ | ୫୧ | ୧୦.୨୦ | ୨୭ | ୦/୦ |
| ପ୍ରଥମ ଶ୍ରେଣୀ | ୨୭୮ | ୨୧୩୦୧ | ୫୧.୮୨ | ୩୫୨ | ୬୬/୮୧ |
| ଲିଷ୍ଟ-ଏ | ୧୩୦ | ୫୭୫୯ | ୫୭.୦୧ | ୧୭୪ | ୧୬/୩୪ |
| ଟି-୨୦ | ୭୧ | ୧୫୫୬ | ୨୯.୩୫ | ୧୦୦ | ୧/୯ |

## ସୌରଭ ଗାଙ୍ଗୁଲି ହେଲେ କ୍ରିକେଟ୍ ଗୁରୁ



ସେଞ୍ଚୁରିୟନ, ୨୪।୮ (ଏଜେନ୍ସି): ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି କୋଚିଂ କ୍ୟାରିୟରରେ ପାଦ ଥାପିବାକୁ ଯାଉଛନ୍ତି। ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ୍‌ର ପ୍ରେଟୋରିଆ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଆଗାମୀ ସିଜନ ଲାଗି ଗାଙ୍ଗୁଲିଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ଇଂଲଣ୍ଡର ଜୋନାଥନ ଟ୍ରଟ୍‌ଙ୍କ ସ୍ଥାନରେ ୫୩ ବର୍ଷୀୟ ଗାଙ୍ଗୁଲି ସେଞ୍ଚୁରିୟନଭିତ୍ତିକ ଏହି ଦଳର ଗୁରୁଦାୟିତ୍ୱ ତୁଲାଇବେ। କ୍ରିକେଟରୁ ଅବସର ଗ୍ରହଣ ପରେ ଗାଙ୍ଗୁଲି କିଛି ବର୍ଷ ଲାଗି ବିସିସିଆଇର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଏହାପରେ ୨୦୧୮ ରୁ ୨୦୧୯ ପର୍ଯ୍ୟନ୍ତ ଆଇପିଏଲ୍‌ର ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଟିମ୍ ନିର୍ଦ୍ଦେଶକ ପଦରେ ରହିଥିଲେ। ତେବେ ଗାଙ୍ଗୁଲି ପ୍ରଥମଥର ଲାଗି କୌଣସି ପ୍ରଫେସନାଲ ଦଳର ମୁଖ୍ୟ ପ୍ରଶିକ୍ଷକ ଭାର ସମ୍ଭାଳିବେ। ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ୍ ଡିସେମ୍ବର ୨୬ରୁ ଜାନୁଆରୀ ୨୫ ପର୍ଯ୍ୟନ୍ତ ଖେଳାଯିବ।

## ଏସିଆ କପ୍‌ରେ ଲିଟନଙ୍କୁ ବାଂଲାର ନେତୃତ୍ୱ

ନୂଆଦିଲ୍ଲୀ,୨୪।୮ (ଏଜେନ୍ସି): ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ୱିକେଟରକ୍ଷକ ଲିଟନ ଦାସଙ୍କୁ ବାଂଲାଦେଶ କ୍ରିକେଟ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୟୁଏଇରେ ସେପ୍ଟେମ୍ବର ୯ ରୁ ୨୮ ଯାଏ ଖେଳାଯିବ। **ଘୋଷିତ ଦଳ**: ଲିଟନ ଦାସ (ଅଧିନାୟକ). ତାନଜିଦ୍ ହାସନ, ପରଭେଜ ହୋସେନ ଏମନ, ସୈଫ୍ ହାସନ, ତାହିଦ୍ ହୃଦୟ, ଜେକର ଅଲି ଅନିକ୍, ସମିମ ହୋସେନ, କାଜି ନୁରୁଲ ହାସନ ସୋହନ, ଶାକ୍ ମେହେଦି ହାସନ, ରିଶାଦ୍ ହୋସେନ, ନାସୁମ ଅହମ୍ମଦ୍, ମୁସ୍ତାଫିଜୁର ରହମନ, ତାଞ୍ଜିମ ହାସନ ସକିବ୍, ତସ୍କିନ ଅହମ୍ମଦ୍, ଶୋରିଫୁଲ ଇସ୍‌ଲାମ ଓ ସୈଫ ଉଦ୍ଦିନ।

● ଅନ୍‌ଅଫିସିଆଲ ମହିଳା ଟେଷ୍ଟ କ୍ରିକେଟ

## ଅଷ୍ଟ୍ରେଲିଆ-ଏ'ଠୁ ହାରିଲା ଭାରତ-ଏ'

ବ୍ରିସ୍‌ବେନ୍,୨୪।୮ (ଏଜେନ୍ସି): ଏଠାରେ ରବିବାର ଶେଷ ହୋଇଥିବା ଏକମାତ୍ର ଅନ୍‌ଅଫିସିଆଲ ମହିଳା ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ-ଏ' ୬ ୱିକେଟରେ ଭାରତ-ଏ'କୁ ପରାସ୍ତ କରିଛି। ଏହି ପରାଜୟ ସହ ଭାରତ ତାହାର ପୂର୍ଣ୍ଣାଙ୍ଗ ଅଷ୍ଟ୍ରେଲିଆ ଗସ୍ତ ଶେଷ କରିଛି। ଏହା ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍‌କୁ ଭାରତ ୨-୧ରେ ଓ ଟି-୨୦ ସିରିଜ୍‌କୁ ଅଷ୍ଟ୍ରେଲିଆ ୩-୦ରେ ଜିତିନେଇଥିଲା। ଏହି ମ୍ୟାଚ୍‌ରେ ରାଘବୀ ବିସ୍ତଙ୍କ ୯୩ ଓ ଜୋଶିଥା ଭିଜେଙ୍କ ୫୧ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଭାରତ-ଏ' ୨୯୯ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ସିଆନା ଜିଞ୍ଜରଙ୍କ ୧୦୩ ଓ ନିକୋଲା ଫାଲତୁମଙ୍କ ୫୪ ରନ୍ ସହାୟତାରେ ଅଷ୍ଟ୍ରେଲିଆ ୩୦୫ ରନ୍ କରିଥିଲା। ଭାରତ-ଏ'ର ସାଇମା ଠାକୁରଙ୍କୁ ୩ଟି ୱିକେଟ ମିଳିଥିଲା। ରାଘବୀ ବିସ୍ତଙ୍କ ୮୬ ଓ ଶେଫାଳି ବର୍ମାଙ୍କ ୫୨ ରନ୍ ବଳରେ ଭାରତ-ଏ' ଦ୍ୱିତୀୟ ଇନିଂସରେ ୨୮୬ ରନ୍ କରିଥିଲା। ଏହା ଫଳରେ ଅଷ୍ଟ୍ରେଲିଆ ଆଗରେ ୨୮୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ-ଏ' ୮୬ତମ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆନିକା ଲିଆରଏଡ୍ ସର୍ବାଧିକ ୭୨, ମ୍ୟାଡି ଡାର୍କେ ୬୮ ଓ ରାଚେଲ ଟ୍ରେନ୍‌ମ୍ୟାନ୍ ୬୪ ରନ୍ କରିଥିଲେ।

## ୬ଷ୍ଠ ରାଜ୍ୟ ଓପନ୍ ଚେସ୍: ସୌମ୍ୟ ଚାମ୍ପିଅନ





ଭୁବନେଶ୍ୱର, ୨୪।୮ (ସମିସ): ସମର ବିଜୟ ମହାପାତ୍ର ମେମୋରିଆଲ୍ ୬ଷ୍ଠ ରାଜ୍ୟ ଓପନ୍ ଚେସ କେଶୁରାସ୍ଥିତ ରୟାଲ୍ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଟପ୍ ସିଡ୍ ତଥା ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ୫ ପଏଣ୍ଟ ରଖି ଚାମ୍ପିଅନ ହୋଇଛନ୍ତି। ଓମ୍ ଆଦିତ୍ୟ ଖାଡଙ୍ଗା, ସ୍ୱପ୍ନିଲ ପ୍ରିୟଦର୍ଶୀ, ମନୀଷ କୁମାର, ବିଶ୍ୱଜିତ୍ ସାହୁ, ତନ୍ମୟ ତ୍ରିପାଠୀ ଓ ପ୍ରତ୍ୟୁଷ ମହାପାତ୍ର ଯଥାକ୍ରମେ ୨ୟରୁ ୭ମ ସ୍ଥାନ ମଧ୍ୟରେ ରହିଛନ୍ତି। ସେହିଭଳି ୭ ବର୍ଷରୁ କମ୍ ବର୍ଗରେ କୀର୍ତ୍ତିଶ






କୁମାର ସାହୁ, ୯ ବର୍ଷରୁ କମ୍ ବର୍ଗରେ କୃଷ୍ଣ ଅନୁରାଗ, ୧୧ ବର୍ଷରୁ କମରେ ସୌମ୍ୟଜିତ୍ ପଟ୍ଟନାୟକ, ୧୩ ବର୍ଷରୁ କମ୍‌ରେ ଓମ୍ ଶତପଥୀ, ୧୫ ବର୍ଷରୁ କମ୍‌ରେ ହୃଷିକେଶ ଦତ୍ତ ଓ ବାଳିକାରେ ଦୀୟା ଦାସ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ନୂଆଦିଲ୍ଲୀ ଏମ୍ସର ପ୍ରଫେସର ସୁଜାତା ମହାନ୍ତି, ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଏୟାର ଇଣ୍ଡିଆର ଶେଖର ମହାନ୍ତି ଓ ପ୍ରତୀକ ଭଞ୍ଜ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ହେଡ୍, ମାର୍ଶ ଓ ଗ୍ରୀନ୍‌ଙ୍କ ଶତକ

## ଅଷ୍ଟ୍ରେଲିଆର ସାନ୍ତ୍ୱନାମୂଳକ ବିଜୟ


ମ୍ୟାକୟ,୨୪।୮ (ଏଜେନ୍ସି): ଟ୍ରାଭିସ ହେଡ୍, ମିଚେଲ ମାର୍ଶ, କାମେରନ ଗ୍ରୀନ୍‌ଙ୍କ ଶତକ ସହାୟତାରେ ଏଠାରେ ରବିବାର ଅନୁଷ୍ଠିତ ଦିନିକିଆ ସିରିଜ୍‌ର ଶେଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨୭୬ ରନ୍‌ର ବିରାଟ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫଳରେ ଦିନିକିଆ ଇତିହାସରେ ଦକ୍ଷିଣ ଆଫ୍ରିକା ବୃହତ୍ ପରାଜୟ ବରଣ କରିଛି। ପରାଜୟ ସତ୍ତ୍ୱେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ୨-୧ରେ ଜିତିନେଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଏହା ଦକ୍ଷିଣ ଆଫ୍ରିକାର ୫ମ ସିରିଜ୍ ବିଜୟ ଥିଲା। ଏହି ମ୍ୟାଚ୍‌ରେ ହେଡ୍ ୧୦୩ ବଲ୍‌ରେ ୧୪୨ରନ୍, ମାର୍ଶ ୧୦୬ ବଲରେ ୧୦୦ ରନ୍, ଗ୍ରୀନ୍ ୫୫ ବଲ୍‌ରେ ଅପରାଜିତ ୧୧୮ ରନ୍ ଓ ଆଲେକ୍ସ କ୍ୟାରୀ ୩୭ ବଲ୍‌ରୁ ଅପରାଜିତ ୫୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୨ ୱିକେଟ ହରାଇ ୪୩୧ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨୪.୫ ଓଭରରେ ମାତ୍ର ୧୫୫ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଡିୱାଲ୍ଡ ବ୍ରେଭିସ୍ ସର୍ବାଧିକ ୪୯ ରନ୍ କରିଥିଲାବେଳେ ବିଜୟୀ ଅଷ୍ଟ୍ରେଲିଆ ଦଳର ବାମହାତୀ ସ୍ପିନର କୁପର କୋନୋଲୀ ୫ଟି, ଜାଭିୟର ବାର୍ଟଲେଟ ଓ ସିନ୍ ଆବଟ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆର ହେଡ୍‌ଙ୍କୁ ମ୍ୟାଚ୍‌ର ଓ କେଶବ ମହାରାଜଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଗ୍ରୀନ

## ବିରଳ କ୍ଲବରେ ରୋନାଲ୍ଡୋ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ପର୍ତ୍ତୁଗାଲ୍ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଆଉ ଏକ ବିଶ୍ୱରେକର୍ଡକୁ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ବିଶ୍ୱର ପ୍ରଥମ ଫୁଟ୍‌ବଲ ଖେଳାଳି ଭାବେ ରୋନାଲ୍ଡୋ ୪ଟି ଭିନ୍ନ ଭିନ୍ନ ଦଳ ପାଇଁ ଅତିକମ୍‌ରେ ୧୦୦ ଲେଖାଏ ଗୋଲ୍ ଦେବାର ବିରଳ ସଫଳତା ପାଇଛନ୍ତି। ଗତକାଲି ରାତିରେ ସାଉଦୀ ସୁପର୍ କପ୍ ଫାଇନାଲ ମ୍ୟାଚ୍ ଅବସରରେ ସେ ଏହି ରେକର୍ଡ କରିଥିଲେ। ଅଲ୍ ନାସିର୍ ପକ୍ଷରୁ ଖେଳୁଥିବା ରୋନାଲ୍ଡୋ ଅଲ୍ ଆହଲି ବିପକ୍ଷରେ ଗୋଲ୍ ଦେଇ ଏହି କ୍ଲବରେ ସାମିଲ ହୋଇଛନ୍ତି। ସାଉଦୀ ଆରବ କ୍ଲବ ଅଲ୍ ନାସିର ପାଇଁ ଏହା ତାଙ୍କର ୧୦୦ତମ ଗୋଲ୍ ଥିଲା। ଏଥିପୂର୍ବରୁ ରୋନାଲ୍ଡୋ ନିଜ ଦେଶ ପର୍ତ୍ତୁଗାଲ୍ ପାଇଁ ୧୩୮, ରିଅଲ ମାଦ୍ରିଦ ପାଇଁ ୪୫୦, ମାଞ୍ଚେଷ୍ଟର ପାଇଁ ୧୪୫ ଓ ଜୁଭେଣ୍ଟସ୍ ପାଇଁ ୧୦୧ଟି ଗୋଲ୍ ଦେଇଥିଲେ।



ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

## ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

କଟକ,୨୪।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଲଗାତର ଦ୍ୱିତୀୟ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟନେବା ନିଶ୍ଚିତ ହୋଇଛି। ଚେନ୍ନାଇର ଏସଆରଏମସି ଟର୍ଫ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ଲିଗ୍‌ରେ ଓଡ଼ିଶା ୫ ୱିକେଟରେ ଭାରତୀୟ ରେଳବାଇ ଠାରୁ ପରାସ୍ତ ହୋଇଛି। ଆସନ୍ତା ୨୬ରୁ ଅନ୍ତିମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏଥିରେ ଓଡ଼ିଶା ଜମ୍ମୁ ଓ କଶ୍ମୀରକୁ ଭେଟିବ। ଅସମାପ୍ତ ପ୍ରଥମ ପାଳି ୧୩୮/୬ରୁ ଆଜି ମ୍ୟାଚ୍‌ର ଅନ୍ତିମ ଦିବସରେ ରେଳବାଇ ଖେଳ ଆରମ୍ଭ କରିଥିଲା। ଶେଷ ୪ ୱିକେଟରେ ଦଳ ୭୨ରନ ଯୋଡିବା ସହ ୨୧୦ରନରେ ଦଳର ପ୍ରଥମ ଇନିଂସ ସୀମିତ ରହିଥିଲା। ପ୍ରଥମ ପାଳିରେ ୨୨୨ରନ କରିଥିବା ଭ୍ରମଣକାରୀ ଓଡ଼ିଶାକୁ ୧୨ରନର ଅଗ୍ରଣୀ ମିଳିଥିଲା। ଆଜି ୪୫ ଓଭର ବିଶିଷ୍ଟ ଦ୍ୱିତୀୟ ପାଳିରେ ଓଡ଼ିଶା ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଚେଷ୍ଟା କରି ୮ ୱିକେଟ ବିନିମୟରେ ୧୮୪ରନ କରିଥିଲା। ଓମ ଟି ମୁଣ୍ଡେ ସର୍ବାଧିକ ୪୧ରନ କରିଥିଲେ। ରେଳବାଇର ଆକାଶ ପାଣ୍ଡେଙ୍କୁ ୪ଟି ୱିକେଟ ମିଳିଥିଲା। ରେଳବାଇ ସମ୍ମୁଖରେ ୪୫ ଓଭରରେ ୧୯୭ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦଳ ୫ ୱିକେଟ ହରାଇ ୩୮ ଓଭରରେ ବିଜୟୀ ହୋଇଥିଲା। ୱିକେଟ କିପର ଦିନେଶ ମୋରେ ୬୭ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶାର ସୁମିତ ଶର୍ମା ଓ କାର୍ତ୍ତିକ ବିଶ୍ୱାଳ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

■ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

## ୬ ପ୍ରମୁଖ ଖେଳାଳିଙ୍କ ନାମ ଘୋଷିତ

କଟକ,୨୪।୮ (ସମିସ): ସେପ୍ଟେମ୍ବର ୧୫ରୁ କଟକରେ ଆରମ୍ଭ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ୬ଜଣ ମର୍କ୍ୟୁ ତଥା ପ୍ରମୁଖ ଖେଳାଳିଙ୍କ ନାମ ଘୋଷଣା କରିଛି। ଏମାନେ ହେଲେ ଆଇପିଏଲରେ ସୁଯୋଗ ପାଇଥିବା ତଥା ପୂର୍ବତନ ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି, ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଦଳର ନେତୃତ୍ୱ ନେଉଥିବା ବ୍ୟାଟର ସ୍ୱସ୍ତିକ ସାମଲ, ରାଜ୍ୟ ଦଳର ଅଭିଜ୍ଞ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର, ଗତ ସିଜନରେ ରାଜ୍ୟ ଦଳର ଅଧିନାୟକ ବ୍ୟାଟର ସନ୍ଦୀପ ପଟ୍ଟନାୟକ, ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ଓ ମିଡିୟମ ପେସ୍ ଅଲରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନ। ଏମାନେ ଲିଗ୍‌ରେ ବିଭିନ୍ନ ବ୍ରାଣ୍ଡର ପ୍ରମୋସନ କରିବା ସହ ପ୍ରମୁଖ ଖେଳାଳିଭାବେ ପରିଗଣିତ ହେବେ। ତେବେ ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେବେ। ଏହି ୬ ମର୍କ୍ୟୁ ଖେଳାଳିଙ୍କୁ ଅଧିନାୟକ କରାଯିବ କି ନାହିଁ ତାହା ଓସିଏ ସ୍ପଷ୍ଟ କରାଯାଇନାହିଁ।

ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବଲ ଟେନିସ ଉଦ୍‌ଯାପିତ

## ଶ୍ୱେତା ବର୍ମା, ସାର୍ଥକ ଆର୍ଯ୍ୟଙ୍କୁ ଦ୍ୱିମୁକୁଟ

କଟକ,୨୪।୮ (ସମିସ)





ଖୋର୍ଦ୍ଧାର ଶ୍ୱେତା ବର୍ମା ଓ କଟକର ସାର୍ଥକ ଆର୍ଯ୍ୟ ୩୦ତମ ୱାଇଜିଟିଟିଏ (ୟଙ୍ଗ ଜେନେରସନ ଟେବଲ ଟେନିସ ଆସୋସିଏସନ) ରାଜ୍ୟ ର୍ୟାଙ୍କିଙ୍ଗ ଟେବଲ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିମୁକୁଟ ଲାଭ କରିଛନ୍ତି। ସିଡିଏ ସେକ୍ଟର-୭ ପରିସରରେ ଥିବା ବିଜୁ ପଟ୍ଟନାୟକ ମଲ୍ଟିପର୍ପୋଜ୍ ଇଣ୍ଡୋର ହଲରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଖୋର୍ଦ୍ଧାର ଶ୍ୱେତା ବର୍ମା ୧୩ ଓ ୧୫ ବର୍ଷରୁ କମ୍ ବାଳିକା ବିଭାଗରେ କଟକର ଆରାଧ୍ୟା ସାହୁଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ସେହିପରି ଉଦୀୟମାନ ତାରକା ସାର୍ଥକ ବର୍ମା ୧୯ ବର୍ଷରୁ କମ୍ ଓ ପୁରୁଷ ଏକକ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ୧୯ ବର୍ଷରୁ କମ୍‌ରେ ସେ କଟକର ଜିଜ୍ଞାସୁ ସାହୁଙ୍କୁ ୩-୦ ଓ ପୁରୁଷ ବିଭାଗରେ ଏସ୍‌ଆଇସିର ଶୁଭେନ୍ଦୁ ଶ'ଙ୍କୁ ୪-୧ ସେଟ୍‌ରେ ହରାଇଥିଲେ। ମହିଳା ବିଭାଗରେ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇଙ୍କୁ ପରାଜିତ ହେବାକୁ ପଡ଼ିଛି। ଫାଇନାଲରେ ତାଙ୍କୁ ରେଲୱେ ଅଡିଟ୍‌ର ନେହା କୁମାରୀ ହରାଇ ନୂଆ ଚାମ୍ପିଅନ ହୋଇଛନ୍ତି। ଶ୍ୱେତପଦ୍ମା କିନ୍ତୁ କଟକର ସାକ୍ଷୀ ଭଗତଙ୍କୁ ହରାଇ ୧୯ ବର୍ଷରୁ କମ୍ ମହିଳା ଏକକରେ ଚାମ୍ପିଅନ ହୋଇଥିଲେ।

ଅନ୍ୟ ବିଭାଗ ମଧ୍ୟରୁ ୧୭ ବର୍ଷରୁ କମ୍ ବାଳିକାରେ ନିଜ ଭଉଣୀ ଶ୍ୱେତାଙ୍କୁ ହରାଇ ଉର୍ଜା ବର୍ମା, ବାଳକ ବିଭାଗରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନଙ୍କୁ ହରାଇ କଟକର ଜିଜ୍ଞାସୁ ସାହୁ, ୧୫ ବର୍ଷରୁ କମ୍ ବାଳକ ବିଭାଗରେ କଟକର ସୟଦ ଅର୍ଶ ଅଲିଙ୍କୁ ହରାଇ ପୁରୀର ସାଇ କିରଣ ପ୍ରଧାନ ଚାମ୍ପିଅନ ହୋଇଛନ୍ତି।

୧୩ ବର୍ଷରୁ କମ୍ ବାଳକ ବିଭାଗରେ ଭୁବନେଶ୍ୱରର ଅଭିଷେକ ଦାସ ଓ କଟକର କେ. ଶିବଶଙ୍କର, ୧୧ ବର୍ଷରୁ କମ୍ ବାଳିକାରେ ପୁରୀର ଗାୟତ୍ରୀ ପଟ୍ଟନାୟକ ଓ ଭୁବନେଶ୍ୱରର ଅନବୀ ସୁଦୀପ କୁମାର, ବାଳକ ବିଭାଗରେ କଟକର ରୁଦ୍ର ରଣବୀର ଓ ଖୋର୍ଦ୍ଧାର ସ୍ୱସ୍ତିକ ସିଂ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ୍ ପାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଓଡ଼ିଶା ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସହ ଅବ୍‌ଦୁଲ ୱାହିଦ୍, ନିହାରରଞ୍ଜନ ମିଶ୍ର ମଧ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଅମ୍ପାୟାର ଜୀବନବଲ୍ଲଭ ସାମଲ, ତପନ ଖା, ବିଜନ ଦାସମହାପାତ୍ର, ସୁଜିତ ରାୟ, ସନ୍ଦୀପ ଚକ୍ରବର୍ତ୍ତୀ, କେଏସ୍‌ଏନ୍ ମୂର୍ତ୍ତି, କେଭିପି ରାମାରାଓ ଆଦି ଖେଳ ପରିଚାଳନା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS